

ନେମାର ଯୁଗର ଅନ୍ତ ▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-36 •THURSDAY •30 JULY 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୪ •ସଂଖ୍ୟା-୩୬ •ଗୁରୁବାର •୩୦ ଜୁଲାଈ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଓଃ! କି ବଢ଼ି



## ଗାଁରୁ ସହର ଜଳବନ୍ଦି; ଗଲାଣି ୪ ଜୀବନ

■ ଭୁବନେଶ୍ୱର, ୨୯।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ୫ ଜିଲ୍ଲାର ୫ ଲକ୍ଷ ୨୬ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହାସହିତ ଏବେ ସୁଦ୍ଧା ବନ୍ୟାରେ ଜଣେ ଅଗ୍ନିଶମ ବାହିନୀ ଯବାନଙ୍କ ସହ ମୋଟ ୪ ଜଣ ଲୋକଙ୍କ ଜୀବନ ଯାଇଛି। ସମସ୍ତ ମୃତ୍ୟୁ ଘଟଣା କେନ୍ଦୁଝର ଜିଲ୍ଲାରେ ହିଁ ଘଟିଛି। ବନ୍ୟା ଜଳରେ ମା-ଝିଅ ଭାସିଯାଇ ପ୍ରାଣ ହରାଇଥିବା ବେଳେ ଅନ୍ୟ ଏକ ଘଟଣାରେ କାନ୍ଥପଡ଼ି ଜଣେ ବୃଦ୍ଧ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଜଣେ ଅଗ୍ନିଶମ ଯବାନ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି । ବର୍ତ୍ତମାନ ସୁଦ୍ଧା ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ବେଳେ ୧୫୯୧ ଗାଁ ପ୍ରଭାବିତ ହୋଇଛି। ଏଥି ମଧ୍ୟରୁ ୩ ଜିଲ୍ଲାରେ ୧୦୬୭ ଘର ଭାଙ୍ଗିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ୩୭୫୪ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲାରେ ୯ଟି ଗୃହପାଳିତ ପ୍ରାଣୀଙ୍କର ମଧ୍ୟ ଜୀବନ ଯାଇଛି। ବନ୍ୟାରେ ଭଦ୍ରକରେ ସର୍ବାଧିକ ୩ ଲକ୍ଷ ୩୯ ହଜାର ୭୭୦ ଲୋକ ଓ ବାଲେଶ୍ୱରରେ ୧ ଲକ୍ଷ ୪୫ ହଜାର ୮୭୬ ଲୋକ ପ୍ରଭାବିତ ହୋଇଛନ୍ତି।

ବନ୍ୟା ପ୍ରଭାବିତ ଲୋକଙ୍କ ମଧ୍ୟରୁ ୮୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଏହାସହିତ ସରକାରଙ୍କ ପକ୍ଷରୁ ରନ୍ଧାଖାଦ୍ୟ ସାଙ୍ଗକୁ ଶୁଖିଲା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ବନ୍ୟା ସ୍ଥିତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିବା ବେଳେ ଏଥିରେ ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ କାର୍ଯ୍ୟ, ସ୍ୱାସ୍ଥ୍ୟ ସେବାର ପ୍ରସ୍ତୁତି, ନଦୀଗୁଡ଼ିକର ଜଳସ୍ତର, ପାଣିପାଗ ପୂର୍ବାନୁମାନ ଏବଂ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା ହୋଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରାଯାଇଛି ବୋଲି ▶ପୃଷ୍ଠା-୭



### ୫ ଜିଲ୍ଲାର ୫ ଲକ୍ଷ ପ୍ରଭାବିତ, ଭାଙ୍ଗିଲା ୧୦୬୭ ଘର

### କେବଳ ଭଦ୍ରକରେ ସର୍ବାଧିକ ୩.୫ ଲକ୍ଷ ଲୋକ ପ୍ରଭାବିତ

### ୧୦ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି

## ବୈତରଣୀ ବନ୍ୟାରେ ଭଦ୍ରକ, ଯାଜପୁର ଉବୁଟୁବୁ

### ଆଖୁଆ ପଦାରେ ଏବେ ବି ବିପଦ ସଙ୍କେତ ଉପରେ ବୈତରଣୀ

### ମହାନଦୀରେ ଆସୁଛି ବଡ଼ ବନ୍ୟା; ଆଜି ସନ୍ଧ୍ୟାରେ ମୁଣ୍ଡଳୀରେ ପହଞ୍ଚିବ ୯ ଲକ୍ଷ କ୍ୟୁସେକ ପାଣି

■ ଭୁବନେଶ୍ୱର, ୨୯।୭ (ସମିସ): ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଜଟିଳ ହେବାରେ ଲାଗିଛି। ବୈତରଣୀରେ ଆସିଥିବା ଏହି ବଡ଼ ଧରଣର ବନ୍ୟା ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ବ୍ୟାପକ ଅଞ୍ଚଳକୁ ଜଳାର୍ଣ୍ଣବ କରିଥିବା ବେଳେ ବାଲେଶ୍ୱରରେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାର ପାଣି ଓ ଜଳକାର ବନ୍ୟା ସ୍ଥିତି ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଏବେ ପିକ୍‌ରେ ରହିଥିବା ବେଳେ ଏପଟେ ମହାନଦୀର ଉଚ୍ଛୁଳା ପାଣି ଓ ବନ୍ୟା ସ୍ଥିତି କଟକ, ପୁରୀ, କେନ୍ଦ୍ରାପଡ଼ା, ଆଦି ଜିଲ୍ଲା ପାଇଁ ଡର ଆଣିଛି। ମହାନଦୀରେ ଏକ ମଧ୍ୟମ ଧରଣର ବନ୍ୟା ଆସିବା ଏକ ପ୍ରକାର ସ୍ପଷ୍ଟ ହୋଇସାରିଥିବା ବେଳେ ଛତିଶଗଡ଼ରେ ଭୀଷଣ ବର୍ଷା ଲାଗି ରହିଥିବାରୁ ବନ୍ୟା ବିପ୍ରାତ କେତେ ରହିବ ତାକୁ ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ବୁଧବାର ସନ୍ଧ୍ୟା ୮ ଟା ସୁଦ୍ଧା ବୈତରଣୀ ନଦୀ ଯଦିଓ ଆନନ୍ଦପୁରଠାରେ ▶ପୃଷ୍ଠା-୭

## ପ୍ରତ୍ୟେକ ଜୀବନ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



### ସହାୟତା ତ୍ୱରାନ୍ୱିତ କରିବାକୁ ୩ ମନ୍ତ୍ରୀଙ୍କୁ ଦାୟିତ୍ୱ

■ ଭୁବନେଶ୍ୱର, ୨୯।୭ (ସମିସ): ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଲଗାଣ ବର୍ଷା ଓ କେତେକ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଉପରେ ସରକାର ନଜର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହିତ ଆଲୋଚନା କରିଛି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ପ୍ରଶାସନକୁ ମୁଁ ନିର୍ଦ୍ଦେଶ ଦେଇଛି। ତେବେ ଏହି ସମୟରେ ଆଦୌ ବିଚଳିତ କିମ୍ବା ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିବେଦନ କରିଛନ୍ତି। ସରକାର ପ୍ରତିଟି ▶ପୃଷ୍ଠା-୭

## ସରକାରୀ ବସ୍ ଡ୍ରାଇଭର ଘରୁ ମିଳିଲା ୨୦ କୋଟି ଟଙ୍କା ଓ ୧୫ କିଲୋ ସୁନା

■ କୋଲକାତା, ୨୯।୭ (ଏଜେନ୍ସି): ପଶ୍ଚିମବଙ୍ଗ ପୁଲିସ ଏକ ବଡ଼ ଧରଣର ଚଢ଼ାଉ କରି ଜଣେ ପୂର୍ବତନ ସରକାରୀ ବସ୍ ଡ୍ରାଇଭରଙ୍କ ବାସଭବନରୁ କୋଟି କୋଟି ଟଙ୍କାର ନଗଦ ଅର୍ଥ ଏବଂ ବିପୁଳ ପରିମାଣର ସୁନା ଜବତ କରିଛି। ପୂର୍ବରୁ ସରକାରୀ ବସ୍ ଚାଳକ ଭାବେ କାର୍ଯ୍ୟ କରୁଥିବା ଏହି ବ୍ୟକ୍ତିଜଣକ ପରବର୍ତ୍ତୀ ସମୟରେ ପଥର ବ୍ୟବସାୟରେ ନିୟୋଜିତ ହୋଇଥିଲେ। ପୁଲିସର ସୂଚନା ଅନୁଯାୟୀ, ଗୁପ୍ତ ଖବର ଆଧାରରେ ଅଭିଯୁକ୍ତ ବ୍ୟବସାୟୀଙ୍କ ସମ୍ପତ୍ତି ଓ ବାସଭବନରେ ଚଢ଼ାଉ କରାଯାଇଥିଲା। ପ୍ରାଥମିକ ତଦନ୍ତ



ସମୟରେ ବିଭିନ୍ନ ବ୍ୟାଗ୍ ମଧ୍ୟରେ ଭର୍ତ୍ତି ହୋଇ ରହିଥିବା ପ୍ରାୟ ୨୦ କୋଟିରୁ ଅଧିକ ଟଙ୍କାର ନଗଦ ଅର୍ଥ ଏବଂ ୧୫ କିଲୋଗ୍ରାମ ଓଜନର ସୁନା ଜବତ କରାଯାଇଛି। ଖବର ଲେଖାଯିବା ସୁଦ୍ଧା ଟଙ୍କା ଗଣତି ପ୍ରକ୍ରିୟା ଜାରି ରହିଥିଲା। ଜଣେ ସାଧାରଣ ସରକାରୀ ବସ୍ ଚାଳକ ଭାବେ କାର୍ଯ୍ୟାରମ୍ଭ କରିଥିବା ଏହି ବ୍ୟକ୍ତି କିପରି ଏତେ ଶୀଘ୍ର ପଥର ବ୍ୟବସାୟ ମାଧ୍ୟମରେ ବିପୁଳ ସମ୍ପତ୍ତିର ମାଲିକ ହେଲେ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ବିପୁଳ ପରିମାଣର ଅର୍ଥରାଶି ଓ ସୁନାର ସେ କେଉଁଠାରୁ ▶ପୃଷ୍ଠା-୭

## ଛାତ୍ରଛାତ୍ରୀଙ୍କୁ ପୁଲିସ୍‌ର ଗୁଳି

# ଗୃହ ତତାଇଲେ ରାହୁଲ



### ଅମିତ ଶାହ ଦେଇଥିଲେ ଗୁଳି ନିର୍ଦ୍ଦେଶ: ରାହୁଲ

### ମିଛ କହୁଛନ୍ତି ରାହୁଲ, କ୍ଷମା ମାଗନ୍ତୁ: ସରକାର

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଗତ ୨୦ ତାରିଖରେ କକ୍ରୋଚ୍ ଜନତା ପାର୍ଟିର ସଂସଦ ଚଲୋ ଅଭିଯାନ ବେଳେ ଆନ୍ଦୋଳନକାରୀଙ୍କ ଉପରେ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନ ନେଇ ସଂସଦରେ ଉତ୍ତେଜନା ଥମିନାହିଁ। ଆନ୍ଦୋଳନକାରୀଙ୍କୁ ଗୁଳି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିର୍ଦ୍ଦେଶ ଦେଇଥିଲେ ବୋଲି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ନେଇ ଲୋକସଭାରେ ଆଜି ପ୍ରବଳ ହଙ୍ଗାମା ହୋଇଛି। ସରକାର ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ କୌଣସି ଗୁଳିମାଡ଼ ହୋଇନାହିଁ ବୋଲି କହିଛନ୍ତି। ବିନା ତଥ୍ୟ ପ୍ରମାଣରେ ରାହୁଲ ଏଭଳି ଅଭିଯୋଗ ଆଣିଥିବାରୁ ଏହାକୁ ନେଇ ଶାସକ ଦଳ ଭୀଷଣ ପାଟିତୁଣ୍ଡ କରିଥିଲେ। ଏଭଳି ମନ୍ତବ୍ୟ ପାଇଁ ରାହୁଲ ▶ପୃଷ୍ଠା-୭

## ହଙ୍ଗାମା ମଧ୍ୟରେ ଲୋକସଭାରେ ପାରିତ ହେଲା ପ୍ରଶ୍ନପତ୍ର ଲିକ୍ ସଂଶୋଧନ ବିଲ୍

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧୀ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଅମାନୁଷିକ ଓ ବର୍ବର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳର ପ୍ରବଳ ହଙ୍ଗାମା ମଧ୍ୟରେ ଲୋକସଭାରେ ଆଜି ପାରିତ ହୋଇଚି ପ୍ରଶ୍ନପତ୍ର ଲିକ୍ ସଂଶୋଧନ ବିଲ୍। 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ନାମକ ଏହି ବିଲ୍ ବାଚନିକ ଭୋଟରେ ଅନୁମୋଦନ ଲାଭ କରିଛି। ଦେଶବ୍ୟାପୀ ଚାଲିଥିବା ଛାତ୍ର ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଶ୍ନପତ୍ର ଲିକ୍ ପାଇଁ ଦଣ୍ଡକୁ ଆହୁରି କଠୋର କରିବାକୁ ଯାଇ ସରକାର ଏହି ବିଲ୍ ଆଗତ କରିଥିଲେ। ଏହି ବିଲକୁ ଏବେ ବିଚାର ପାଇଁ ରାଜ୍ୟସଭାକୁ ପଠାଯାଇଛି।

### ରାଜ୍ୟସଭାରେ 'ବନ୍ଦେ ମାତରମ୍' ବିଲ୍ ପାସ୍

ଏହି ନୂତନ ଆଇନ ଅନୁଯାୟୀ ପ୍ରଶ୍ନପତ୍ର ବିଭ୍ରାଟ ସହ ଜଡ଼ିତ ମାମଲାର ତ୍ୱରିତ ବିଚାର ପାଇଁ ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଅଦାଲତ (ଫାଷ୍ଟ ଟ୍ରାକ) ପ୍ରତିଷ୍ଠା କରାଯିବ। ଦୁଇ ମାସ ମଧ୍ୟରେ ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ କରିବା ବାଧ୍ୟତାମୂଳକ କରାଯାଇଛି। ଦୋଷୀ ପ୍ରମାଣିତ ହେଲେ ଅଭିଯୁକ୍ତଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ପଚାଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବାର ମଧ୍ୟ ପ୍ରାବଧାନ ରହିଛି। ସେହିପରି ସଂଗଠିତ ଚୋରା କାରବାର ସଂସ୍ଥାଗୁଡ଼ିକ ପାଇଁ ଦଶ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ନିର୍ଦ୍ଧାରଣ କରାଯାଇଛି।

ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା 'ନିଟ୍' ବିଭ୍ରାଟକୁ ନେଇ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଦିଲ୍ଲୀ ▶ପୃଷ୍ଠା-୭

### ତଲାବିରା କୋଇଲା ବ୍ଲକ ଆବଣ୍ଟନ ମାମଲା

## ମନମୋହନଙ୍କୁ କ୍ଲିନ୍‌ଚିଟ୍

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ତଲାବିରା କୋଇଲା ବ୍ଲକ ଆବଣ୍ଟନ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂହଙ୍କ ବିରୋଧରେ ଚାଲିଥିବା ଆପରାଧିକ ମାମଲାକୁ ସୁପ୍ରିମ୍ କୋର୍ଟ ଆଜି ଆନୁଷ୍ଠାନିକ ଭାବେ ବନ୍ଦ କରିଛନ୍ତି। ୨୦୧୫ ମସିହାରେ ସିବିଆଇର ବନ୍ଦ ରିପୋର୍ଟ (କ୍ଲୋଜର ରିପୋର୍ଟ)କୁ ଖାରଜ କରି ବିଶେଷ ସିବିଆଇ ଅଦାଲତ ମନମୋହନ ସିଂହଙ୍କୁ ସମନ୍ ଜାରି କରିଥିଲେ। ସେତେବେଳେ ସୁପ୍ରିମକୋର୍ଟ ଏହା ଉପରେ ରୋକ୍ ଲଗାଇଥିବା ବେଳେ ଆଜି ଏହି ମାମଲା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସିବିଆଇର ଦୁଇଟିଯାକ କ୍ଲୋଜର ରିପୋର୍ଟକୁ ନିମ୍ନ ଅଦାଲତ ଅଗ୍ରାହ୍ୟ କରିବାର କୌଣସି ବଳିଷ୍ଠ କାରଣ ନ ଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି।



### ମାମଲା ବନ୍ଦକଲେ ସୁପ୍ରିମକୋର୍ଟ

ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବରରେ ୯୨ ବର୍ଷ ବୟସରେ ମନମୋହନ ସିଂହଙ୍କ ଦେହାନ୍ତ ହୋଇସାରିଛି। ତଥାପି, ନିମ୍ନ ଆଦାଲତ ତାଙ୍କ ବିରୋଧରେ କେତେକ ପ୍ରତିକୂଳ ଟିପ୍ପଣୀ ଦେଇଥିବାରୁ ତାଙ୍କର ସମ୍ମାନ ରକ୍ଷା ପାଇଁ ସୁପ୍ରିମ୍ କୋର୍ଟ ଏହି ଆବେଦନର ଶୁଣାଣି କରି ନିଷ୍ପତ୍ତି ଶୁଣାଇଛନ୍ତି। ଏହି ରାୟ ପରେ, ତଲାବିରା କୋଇଲା ବ୍ଲକ ଆବଣ୍ଟନ ସମ୍ପର୍କିତ ଏହି ଚର୍ଚ୍ଚିତ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଉପରୁ ସମସ୍ତ ଅଭିଯୋଗ ଆନୁଷ୍ଠାନିକ ଭାବେ ହଟାଇ ▶ପୃଷ୍ଠା-୭

## ପୁରୀ ମେୟର ପଦ ସଂରକ୍ଷିତ

### ସ୍ୱପ୍ନ ହେଲା ଚୁନା ଚୁନା

■ ପୁରୀ, ୨୯।୭ (ସମିସ): ପ୍ରଥମଥର ପାଇଁ ମହାନଗର ନିଗମର ମାନ୍ୟତା ପାଇଥିବା ପୁରୀ ସହର ଏବେ ନୂଆ ମେୟର ପାଇବାକୁ ଅପେକ୍ଷା କରିଛି। ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ପ୍ରାୟ ୬ ମାସ ହେବ ପୁରୀ ରାଜନୀତିରେ ମେୟର ପଦବୀକୁ ନେଇ ଚର୍ଚ୍ଚା ସରଗରମ ଥିଲା। କିଏ ମେୟର ହେବେ ସେ ନେଇ ସାମାଜିକ ଗଣମାଧ୍ୟମରେ ଦୈନିକ ପୋଷ୍ଟ, ସର୍ଭେ ଆଉ ଚର୍ଚ୍ଚା ଚାଲିଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଏକ ବିଜ୍ଞପ୍ତି ପରେ ପ୍ରାୟ ସମସ୍ତଙ୍କ ସ୍ୱପ୍ନ ଚୁନା ଚୁନା ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୧୫ ତାରିଖରେ ପ୍ରକାଶ ପାଇଥିବା ଚିଠା (ଏସ୍‌ସି) ବିଜ୍ଞପ୍ତି ଅନୁଯାୟୀ, ପୁରୀ ମହାନଗର ନିଗମର ମେୟର ପଦବୀ ଅନୁସୂଚିତ ଜାତି ମହିଳା ବର୍ଗ ପାଇଁ ସଂରକ୍ଷିତ ରହିବ। ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆଇନ, ୨୦୦୩ର ଧାରା ୧୪ର ଉପଧାରା (୩) ଓ (୪) ଏବଂ ନିର୍ବାଚନ ନିୟମାବଳୀ, ୨୦୩ର ନିୟମ ୮୦ର ଉପନିୟମ (୮) ଅନୁଯାୟୀ ଏହି ଚିଠା ପ୍ରସ୍ତାବ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି।

ପୁରୀ ସହରରେ ଗତ କିଛି ମାସ ହେବ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ନେତାଙ୍କ ନାଁ ମେୟର ପଦ ପାଇଁ ଚର୍ଚ୍ଚାରେ ଥିଲା। ଏଥିରେ ଅଧିକାଂଶ ସାଧାରଣ ବର୍ଗର ପୁରୁଷ ନେତା ଥିଲେ। କେହି କେହି ତ ନିଜ ଧର୍ମପତ୍ନୀଙ୍କୁ ଏହି ଆସନରେ ବସାଇବା ପାଇଁ ଭିତରେ ଭିତରେ ଲବି ମଧ୍ୟ ଆରମ୍ଭ କରିଦେଇଥିଲେ। ଏହି ଆଶାୟୀଙ୍କ ମଧ୍ୟରେ ଏକାଧିକ ସେବାୟତ ମଧ୍ୟ ରହିଥିଲେ। ସୋସିଆଲ ମିଡିଆରେ ବିଭିନ୍ନ ନେତାଙ୍କ ଫଟୋ ସହ "ମେୟର ପାଇଁ ଉପଯୁକ୍ତ' ବୋଲି ପୋଷ୍ଟ ମଧ୍ୟ ଭାଇରାଲ ହେଉଥିଲା। ଯଦିଓ ଏହା ପଛରେ କାହାର ପ୍ରତ୍ୟକ୍ଷ ହାତ ନ ଥିଲା, କିନ୍ତୁ ପ୍ରଚ୍ଛଦରେ ସମର୍ଥନ ଥିଲା ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ସରକାର ମେୟର ପଦବୀକୁ ଏସ୍‌ସି ମହିଳାଙ୍କ ପାଇଁ ସଂରକ୍ଷିତ କରିଦେବା ପରେ ସେହି ସମସ୍ତ ନେତାଙ୍କ ଆଶାରେ ପାଣି ଭରିଯାଇଛି। ବର୍ଷ ବର୍ଷ ଧରି ଦେଖୁଥିବା ସ୍ୱପ୍ନ ଗୋଟିଏ ବିଜ୍ଞପ୍ତିରେ ଭାଙ୍ଗି ଚୁର୍‌ମାର ହୋଇଯାଇଛି।

ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ଏହି ଚିଠା ପ୍ରସ୍ତାବ ସମ୍ପର୍କରେ କୌଣସି ବ୍ୟକ୍ତିଙ୍କର ଆପତ୍ତି କିମ୍ବା ପରାମର୍ଶ ଥିଲେ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ୧୫ ଦିନ ମଧ୍ୟରେ ମ୍ୟୁନିସିପାଲ୍ ପ୍ରଶାସନ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିପାରିବେ। ▶ପୃଷ୍ଠା-୭

# ନଥିରେ ଯୋଜନା; ପାଣ୍ଠି ଶୂନ

## ପିଏମ୍ ଜନମନ ଯୋଜନାରେ ୨ ବର୍ଷ ହେଲା ଓଡ଼ିଶାକୁ ମିଳିନାହିଁ ଟଙ୍କାଏ ଅନୁଦାନ

■ ଭୁବନେଶ୍ୱର, ୨୯।୭ (ସମିସ): ଆଦିମ ଜନଜାତି ବା ପିଭିଟିଜି ସମ୍ପ୍ରଦାୟର ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବା ନିମନ୍ତେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜେଏଏନ୍‌ଏମ୍‌ଏମଏଏନ୍ ବା ପିଏମ୍-ଜନମନ ଯୋଜନା। ଏହି ଯୋଜନାରେ ସାରା ଦେଶର ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବସବାସ କରୁଥିବା ୭୫ ପିଭିଟିଜି ବର୍ଗର ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷା ପାଇଁ ଛାତ୍ରାବାସ ମଞ୍ଜୁର କରାଯାଇଛି ଏବଂ ଏଥିରୁ ଓଡ଼ିଶା ଭାଗରେ ପଡ଼ିଛି ୭୬ । ଗତ ଦୁଇ ବର୍ଷ ତଳେ ଏହି ଯୋଜନା ପ୍ରଣୟନ ହୋଇଥିଲା ଏବଂ ୭୬ଟି ଛାତ୍ରାବାସ ନିର୍ମାଣ ପାଇଁ ୨୦୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା।

### ରାଜ୍ୟର ପିଭିଟିଜି ଛାତ୍ରଛାତ୍ରୀଙ୍କ ପାଇଁ ଅନୁମୋଦନ ହୋଇଛି ୭୬ ଛାତ୍ରାବାସ

### ଅନୁଦାନ ଅଭାବରୁ ୨ ବର୍ଷରେ ନିର୍ମାଣ ହୋଇ ନାହିଁ ଗୋଟିଏ ବି ଛାତ୍ରାବାସ

### ଛାତ୍ରାବାସ ବାବଦ ଅର୍ଥ ଅଧା ଅଧା ବହନ କରିବେ ରାଜ୍ୟ ଓ କେନ୍ଦ୍ର ସରକାର

୬୦:୪୦ ଅନୁପାତରେ କେନ୍ଦ୍ର ସରକାର ଏହି ଅର୍ଥର ୧୨୨.୪୩ କୋଟି ଟଙ୍କା ଅନୁଦାନ ଦେଇଥାଆନ୍ତେ ଓ ରାଜ୍ୟ ସରକାର ଅବଶିଷ୍ଟ ଅର୍ଥ ବହନ କରିବାର ବ୍ୟବସ୍ଥା ଥିଲା। ମାତ୍ର ୨ ବର୍ଷ ପରେ ମଧ୍ୟ ରାଜ୍ୟରେ ଗୋଟିଏ ବି ଛାତ୍ରାବାସ ନିର୍ମାଣ ହୋଇପାରି ନାହିଁ । ଲୋକସଭାରେ ଖୋଦ୍ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଏହାକୁ ସ୍ୱୀକାର କରିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାକୁ ଏହି ଯୋଜନାରେ କୌଣସି ଅନୁଦାନ ପ୍ରଦାନ କରାଯାଇ ନାହିଁ। ତେଣୁ ଯୋଜନାକୁ ଅନୁମୋଦନ ମିଳିଥିଲେ ମଧ୍ୟ ଛାତ୍ରାବାସ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ଘଟିନାହିଁ ଓ ୭୬ଟି ଛାତ୍ରାବାସ ମଧ୍ୟରୁ ଗୋଟିଏ ବି ନିର୍ମାଣ ଶେଷ ହୋଇନାହିଁ।

ବିଡ଼ମ୍ବନା ହେଉଛି ଓଡ଼ିଶାରେ ୧୪ଟି ପିଭିଟିଜି ବର୍ଗ ବସବାସ କରୁଛନ୍ତି । ଅବହେଳିତ ଏହି ବର୍ଗର ପିଲାମାନେ ଶିକ୍ଷା କ୍ଷେତ୍ରରେ ପଛୁଆ ରହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି ଓ ନିଜେ ମଧ୍ୟ ଆଦିବାସୀ ବର୍ଗର ▶ପୃଷ୍ଠା-୭

## ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବିଦ୍ୟୁତ୍ ଆଘାତରେ ପିଏଚ୍‌ଡି ଛାତ୍ରୀଙ୍କ ମୃତ୍ୟୁ

ଚଣ୍ଡୀଗଡ଼, ୨୯।୭(ଏଜେନ୍ସି): ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ବିଦ୍ୟୁତ୍ ଆଘାତ'ର ଶିକାର ହୋଇ ୨୮ ବର୍ଷୀୟା ପିଏଚଡି ଗବେଷିକା ଜ୍ୟୋତିଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହରିୟାଣାର ରେୱାଡ଼ି ନିବାସୀ ଜ୍ୟୋତି ମାଇକ୍ରୋବାୟୋଲୋଜି ବିଭାଗରେ ପିଏଚ୍‌ଡି କରୁଥିଲେ। ବର୍ଷା ଯୋଗୁଁ ରାସ୍ତାରେ ପାଣି ଜମିଥିବାରୁ ସେ କ୍ରସିଂ ବାଟ ଦେଇ ହଷ୍ଟେଲରୁ ବିଭାଗକୁ ଯାଉଥିବା ସମୟରେ, ନିକଟସ୍ଥ ଏକ ବିଦ୍ୟୁତ୍ ଜଙ୍କସନ୍ ବାକ୍ସରୁ ମାଡ଼ିଆସିଥିବା କରେଣ୍ଟ ସଂସ୍ପର୍ଶରେ ଆସି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ପରେ ଶତାଧିକ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବି କରିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ପାଇଁ ୧୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ତାଙ୍କ ଭାଇଙ୍କୁ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିସିଆନ୍ ଭାବେ ଚାକିରି ଦେବାକୁ ଘୋଷଣା କରିଛନ୍ତି। ପୋଲିସ ଏହି ମାମଲାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମଧ୍ୟପ୍ରଦେଶରେ କଂଗ୍ରେସ ନେତାଙ୍କୁ ଛୁରାମାଡ଼ କରି ହତ୍ୟା

ରେୱା, ୨୯।୭(ଏଜେନ୍ସି): ମଧ୍ୟପ୍ରଦେଶର ରେୱା ଜିଲ୍ଲାରେ କଂଗ୍ରେସର ଜଣେ ସ୍ଥାନୀୟ ନେତାଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଛି। ନିହତ ନେତା ଅମିତ କୋଲ୍ କଂଗ୍ରେସର ଅନୁସୂଚିତ ଜନଜାତି ମୋର୍ଚ୍ଚାର ରେୱା ଜିଲ୍ଲା ସଭାପତି ଥିଲେ। ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ସୂଚନା ଅନୁସାରେ, ପରିବହନ ନଗର ସ୍ଥିତ ଶାନ୍ତି ବିହାର କଲୋନୀର ଏକ ପେଟ୍ରୋଲ ପମ୍ପ ନିକଟରେ ଅମିତ କୋଲ୍ କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ଦୁଇରୁ ତିନୋଟି ଗାଡ଼ିରେ ଆସିଥିବା କିଛି ଦୁର୍ବୃତ୍ତ ତାଙ୍କୁ ଘେରି ଯାଇ ବାରମ୍ବାର ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଅବସ୍ଥାରେ ଅମିତ କୋଲଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତରମାନେ ତାଙ୍କୁ ବଞ୍ଚାଇ ପାରିନଥିଲେ। ଘଟଣା ପରେ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ରେୱା ଜିଲ୍ଲା ପୁଲିସ ଅଧୀକ୍ଷକ ଗୁରୁକରଣ ସିଂହ କହିଛନ୍ତି, ଘଟଣାସ୍ଥଳର ଚାରିପାଖରେ ଲାଗିଥିବା ନିରୀକ୍ଷଣ କ୍ୟାମେରାର ଦୃଶ୍ୟ ଯାଞ୍ଚ କରାଯାଉଛି। ଘଟଣାସ୍ଥଳରୁ ଦୁଇଟି ମୋଟରସାଇକେଲ ଜବତ କରାଯାଇଥିଲା।

## ଦୁର୍ଦ୍ଦାନ୍ତ ମାଓବାଦୀ ବେସରା ଗିରଫ



ରାଞ୍ଚି, ୨୯।୭(ଏଜେନ୍ସି): ଝାଡ଼ଖଣ୍ଡରେ ମାଓବାଦ ବିରୋଧୀ ଅଭିଯାନକୁ ବଡ଼ ସଫଳତା ମିଳିଛି। ନିଷିଦ୍ଧ ମାଓବାଦୀ ସଂଗଠନର ରାଜନୈତିକ ସର୍ବୋଚ୍ଚ କମିଟିର ସଦସ୍ୟ ତଥା ଏକ କୋଟି ଟଙ୍କା ପୁରସ୍କାର ଘୋଷିତ ମିସିର ବେସରାଙ୍କୁ ଧାନବାଦ ଜିଲ୍ଲାରୁ ଗିରଫ କରିଛି ଝାଡ଼ଖଣ୍ଡ ପୁଲିସ। ତାଙ୍କ ନାମରେ ୧୪୧ ଆପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ପୁଲିସ ଅନୁସାରେ, ୬୫ ବର୍ଷୀୟ ମିସିର ବେସରାଙ୍କୁ ଧାନବାଦ ଜିଲ୍ଲାର ବରୱାଡ୍ଡା ଥାନା ଅନ୍ତର୍ଗତ ମଣିଆଡିହ ଅଞ୍ଚଳରୁ ଗତ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରାଯାଇଥିଲା। ସେ 'ସାଗର ଦା' ଏବଂ 'ଭାସ୍କର ଦା' ନାମରେ ମଧ୍ୟ ପରିଚିତ ଥିଲେ। ଏହି ଅଭିଯାନରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଜଣେ ମାଓବାଦୀଙ୍କ ସମେତ ଆଉ ଦୁଇଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ମିସିର ବେସରା ୧୯୮୦ରୁ ନିଷିଦ୍ଧ ସଂଗଠନ ସହ ଜଡ଼ିତ ଥିଲେ ଏବଂ ଦୁଇହଜାର ତିନି ମସିହାରେ କେନ୍ଦ୍ରୀୟ କମିଟିର ସଦସ୍ୟ ହୋଇଥିଲେ।


# 'କୃତ୍ରିମ ସୂର୍ଯ୍ୟ' ତିଆରି କରୁଛି ଚୀନ୍

ହେଫେଇ, ୨୯।୭ (ଏଜେନ୍ସି): କୃତ୍ରିମ ସୂର୍ଯ୍ୟ ତିଆରି କରିବାକୁ ଯାଉଛି ଚୀନ। ଏଥିପାଇଁ ଜୋରସୋର ପ୍ରସ୍ତୁତି ଚଳାଇଛି। ଚୀନ୍‌ର 'ବର୍ନିଂ ପ୍ଲାଜ୍ମା ଏକ୍ସପେରିମେଣ୍ଟାଲ ସୁପରକଣ୍ଡକ୍ଟିଂ ଟୋକାମାକ୍' (ବିଇଏସ୍‌ଟି) ପ୍ରକଳ୍ପ ପାଇଁ ଏକ ୫୮୨ ଟନ୍ ଓଜନର ବିଶାଳ ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍ (ଚୁମ୍ବକ) ନିର୍ମାଣ ଓ ପରୀକ୍ଷଣ ଶେଷ ହୋଇଛି। ୨୧ ମିଟର ଲମ୍ବ ବିଶିଷ୍ଟ ଏହି ମ୍ୟାଗ୍ନେଟ୍‌ଟି ୧୦୦ ନିୟୁତ (୧୦ କୋଟି) ଡିଗ୍ରୀ ସେଲସିୟସରୁ ଅଧିକ ଉତ୍ତପ୍ତ ପ୍ଲାଜ୍ମାକୁ ନିୟନ୍ତ୍ରଣ କରି ରଖିବାରେ ସାହାଯ୍ୟ କରିବ, ଯାହା ସୂର୍ଯ୍ୟର କେନ୍ଦ୍ରଭାଗର ତାପମାତ୍ରା ଠାରୁ ପ୍ରାୟ ୬ ଗୁଣ ଅଧିକ।

### ତିଆରି କଲା ୫୮୨ ଟନ୍‌ର ବିଶାଳ ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍

ଏତେ ଅଧିକ ତାପମାତ୍ରାରେ କୌଣସି ଭୌତିକ ବସ୍ତୁ ତିଷ୍ଠି ପାରିବ ନାହିଁ, ତେଣୁ ଏହି ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ପ୍ଲାଜ୍ମାକୁ ରିଆକ୍ଟରର କାନ୍ଥକୁ ସ୍ପର୍ଶ କରିବାକୁ ନଦେଇ ମହାକାଶରେ ଭାସମାନ ଅବସ୍ଥାରେ ରଖିବ। ଏହି ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍‌ଟି ଫ୍ରାନ୍ସର ପ୍ରସିଦ୍ଧ 'ଆଇଟିଇଆର' ପ୍ରକଳ୍ପର ମ୍ୟାଗ୍ନେଟ୍ ଠାରୁ ୧.୩ ଗୁଣ ବଡ଼ ଏବଂ ୩ ଗୁଣ ଅଧିକ ଚୁମ୍ବକୀୟ ଶକ୍ତି ସଂରକ୍ଷଣ କରିପାରିବ। ଚୀନ୍‌ର 'ଚାଇନିଜ୍ ଏକାଡେମୀ ଅଫ୍





ସାଇନ୍‌ସେସ୍' (ଏଏସ୍‌ଆଇପିପି) ଦ୍ୱାରା ନିର୍ମିତ ଏହି ଟେକ୍ନୋଲୋଜି ସାହାଯ୍ୟରେ ୨୦୨୭ ସୁଦ୍ଧା ରିଆକ୍ଟର ନିର୍ମାଣ ଶେଷ କରି ୨୦୩୦ ମସିହା ସୁଦ୍ଧା ପରମାଣୁ ସଂଲୟନରୁ ବାଣିଜ୍ୟିକ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ

# ଗୁଳି ନୁହେଁ, କେବଳ ଲୁହବୁହା ଗ୍ୟାସ୍: ମନ୍ତ୍ରୀ



ନୂଆଦିଲ୍ଲୀ, ୨୯।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଦିଲ୍ଲୀରେ ଗତ ୨୦ ତାରିଖରେ ଆନ୍ଦୋଳନକାରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ସଂପର୍କରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯେଉଁ ଅଭିଯୋଗ କରିଛନ୍ତି ତାହାକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପୁଲିସ କୌଣସି ଗୁଳିଚାଳନା କରିନାହିଁ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏପରି କୌଣସି ନିର୍ଦ୍ଦେଶ ଦେଇନଥିଲେ ବୋଲି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଲୋକସଭାରେ ସ୍ପଷ୍ଟ କରିଛନ୍ତି। ଲୋକସଭାରେ ପରୀକ୍ଷା

### ଛାତ୍ରଙ୍କ ଉପରେ ଗୁଳିମାଡ଼ ଅଭିଯୋଗକୁ ସରକାରଙ୍କ ଖଣ୍ଡନ

ପ୍ରଶ୍ନପତ୍ର ଲିକ୍ ନିରୋଧୀ ସଂଶୋଧନ ବିଲ୍-୨୦୨୬ ଉପରେ ଚାଲିଥିବା ଆଲୋଚନାରେ ଭାଗ ନେଇ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଥିଲେ ଯେ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ତଥ୍ୟଗତ ଭାବେ ସମ୍ପୂର୍ଣ୍ଣ ଭୁଲ। ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ କେବଳ ଲୁହବୁହା ଗ୍ୟାସ ବ୍ୟବହାର କରାଯାଇଥିଲା। ସେ ଆହୁରି ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଗୁଳିଚାଳନା ନିର୍ଦ୍ଦେଶ ଦେବାର ଅଧିକାର କେବଳ ମାଜିଷ୍ଟ୍ରେଟଙ୍କର ରହିଛି, ପୁଲିସ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କର ନୁହେଁ। ଏହାସହ ଅମିତ ଶାହ ୩୦ଟି ଗାଡ଼ି ସହ ଗସ୍ତ କରୁଥିବା ଅଭିଯୋଗକୁ ମଧ୍ୟ ସେ ଅସତ୍ୟ ବୋଲି କହିଥିଲେ।

କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ବକ୍ତବ୍ୟକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ କଡ଼ା ସମାଲୋଚନା କରିଥିଲେ। ପ୍ରିୟଙ୍କା ଗାନ୍ଧୀ ଦେଶରେ ୧୫୨ ଥର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଏବଂ ଏହାଦ୍ୱାରା ୭୫୦ ପିଲା ପ୍ରଭାବିତ ହୋଇଥିବା କହିଥିଲେ। ଏହି ତଥ୍ୟକୁ ହାସ୍ୟାସ୍ପଦ ଦର୍ଶାଇ ମନ୍ତ୍ରୀ କହିଥିଲେ ଯେ ସମଗ୍ର ବିଶ୍ୱର ଜନସଂଖ୍ୟା ପ୍ରାୟ ଆଠ ଶହ କୋଟି ହୋଇଥିବା ବେଳେ ଏହି ସଂଖ୍ୟା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଥିସହ ୨୦୨୪ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଦୁଇ ବର୍ଷ ମଧ୍ୟରେ ୫୨ଟି ଏଫଆଇଆର୍ ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ ଗୃହକୁ ଜଣାଇଥିଲେ। ରାହୁଲ ଗାନ୍ଧୀଙ୍କ ବି।।କ୍ଷୋଭ ଆନ୍ଦୋଳନକୁ ନେଇ ମଧ୍ୟ ଡକ୍ଟର ଜିତେନ୍ଦ୍ର ସିଂହ ତୀବ୍ର ସମାଲୋଚନା କରିଥିଲେ। ଜୁଲାଇ ୨୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଆବାସ ବାହାରେ ରାହୁଲ ଧାରଣା ଦେବା ଘଟଣାକୁ ସେ ତାଙ୍କର ନିରାଶା ଏବଂ ପ୍ରଧାନମନ୍ତ୍ରୀ ହେବାର ଅପୂରଣୀୟ ଅଭିଳାଷର ପରିଣାମ ବୋଲି କହିଥିଲେ। ଆନ୍ଦୋଳନ ତୀବ୍ର ହେବା ପରେ ହିଁ ରାହୁଲ ଏଥିରେ ସାମିଲ ହୋଇଥିବାରୁ ସେ ତାଙ୍କୁ ସମାଲୋଚନା କରିଥିଲେ।

## କାର୍ଯ୍ୟାନୁଷ୍ଠାନ ସପକ୍ଷରେ ନଡ୍ଡାଙ୍କ ଯୁକ୍ତି



ନୂଆଦିଲ୍ଲୀ, ୨୯।୭(ଏଜେନ୍ସି): ଛାତ୍ର ଆନ୍ଦୋଳନରେ ସକ୍ରିୟ ଥିବା ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖିବା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା। ଛାତ୍ର ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳର ଆକ୍ରମଣ ମଧ୍ୟରେ ସେ ଏହି ମନ୍ତବ୍ୟ ରଖିଛନ୍ତି। ରାଜ୍ୟସଭାରେ ବିରୋଧୀ ଦଳନେତା ମଲ୍ଲିକାର୍ଜୁନ ଖଡ଼ଗେ କେନ୍ଦ୍ର ସରକାର ଉପରେ ଗଣତନ୍ତ୍ରକୁ ଅସୁରକ୍ଷିତ କରିବା ଏବଂ ଛାତ୍ରଙ୍କ ବିରୋଧରେ ପୁଲିସର ଅତ୍ୟଧିକ ବଳପ୍ରୟୋଗ ପ୍ରତି ନୀରବ ରହିବାର ଅଭିଯୋଗ ଆଣିଥିଲେ। ଏହାର ଜବାବରେ ନଡ୍ଡା କହିଥିଲେ, ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଆବଶ୍ୟକ ପଦକ୍ଷେପ ନେବା ସ୍ୱାଭାବିକ। ନଡ୍ଡା ନିଜ ଛାତ୍ରଜୀବନର ଅନୁଭୂତି ଉଲ୍ଲେଖ କରି କହିଥିଲେ ଯେ ଜରୁରୀକାଳୀନ ପରିସ୍ଥିତି ସମୟରେ ସେ ଜଣେ ଛାତ୍ର ଆନ୍ଦୋଳନକାରୀ ଭାବେ ଦୁଇଥର ଶ୍ରେଣୀଗୃହରୁ ଗିରଫ ହୋଇଥିଲେ। ତେଣୁ ଆନ୍ଦୋଳନରେ ସାମିଲ ହେଲେ ପୁଲିସ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ସେ କହିଥିଲେ।

ଅନ୍ୟପଟେ, ବିରୋଧୀ ଦଳ ପକ୍ଷରୁ ଜୁଲାଇ ୨୦ରେ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସର ବଳପ୍ରୟୋଗକୁ ନେଇ କେନ୍ଦ୍ର ସରକାର ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଜବାବ ଦାବି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କଠାରୁ କ୍ଷମାପ୍ରାର୍ଥନା ଦାବି ମଧ୍ୟ ବିରୋଧୀ ଉଠାଇଛନ୍ତି। ରାଜ୍ୟସଭା ସଦସ୍ୟ ଜନ୍ ବ୍ରିଟାସ ଅଭିଯୋଗ କରିଥିଲେ ଯେ ଛାତ୍ରନେତ୍ରୀ ଐଶୀ ଘୋଷଙ୍କୁ ଗିରଫ କରିବା ପାଇଁ ପୁଲିସ ଏକ ଜାତୀୟ ରାଜନୈତିକ ଦଳର କାର୍ଯ୍ୟାଳୟରେ ପ୍ରବେଶ କରିଥିଲା। ଏହାକୁ ସେ ଗଣତାନ୍ତ୍ରିକ ଅଧିକାର ଉପରେ ଆଘାତ ବୋଲି ବର୍ଣ୍ଣନା କରିଥିଲେ। ଏହି ପ୍ରସଙ୍ଗକୁ ନେଇ ସଂସଦର ଉଭୟ ସଦନରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ଛାତ୍ର ଆନନ୍ଦୋଳନ, ପୁଲିସର ଭୂମିକା ଏବଂ ଗଣତାନ୍ତ୍ରିକ ଅଧିକାରକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହେବାରେ ଲାଗିଛି।

## ମୋଦୀଙ୍କ ବିରୋଧରେ ପୋଷ୍ଟ ହଟାଇବାକୁ 'ଏକ୍ସ'କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୯।୭(ଏଜେନ୍ସି):ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ' (ପୂର୍ବରୁ ଟ୍ୱିଟର)ରେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅପମାନଜନକ ଏବଂ ଆପତ୍ତିଜନକ ପୋଷ୍ଟ ।।ସେୟାର କରାଯାଉଥିବା ନେଇ ଦିଲ୍ଲୀ ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏହିପରି ସମସ୍ତ ବିବାଦୀୟ ପୋଷ୍ଟ ଓ ଭିଡିଓଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଦିଲ୍ଲୀ ପୋଲିସ ଏକ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଥିବା ଆପତ୍ତିଜନକ ପୋଷ୍ଟ ମଧ୍ୟ ହଟାଇବାକୁ କହିଛି। ଏହାସହିତ, ସମ୍ପୃକ୍ତ ଆକାଉଣ୍ଟଧାରୀଙ୍କ ପୂର୍ଣ୍ଣ ନାମ, ଠିକଣା, ଫୋନ ନମ୍ବର, ଇମେଲ ଆଇଡି ଏବଂ ଲଗଇନ୍-ଲଗଆଉଟ୍ ସମ୍ପର୍କିତ ସମସ୍ତ ତଥ୍ୟ ଯୋଗାଇଦେବାକୁ ପୋଲିସ କହିଛି। ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୬୩(୪) ଅଧୀନରେ ପ୍ରମାଣପତ୍ର ସହ ଏହି ସମସ୍ତ ତଥ୍ୟକୁ ପରବର୍ତ୍ତୀ ତଦନ୍ତ ପାଇଁ ସୁରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୦ରେ ଯନ୍ତର ମନ୍ତରଠାରେ ଆୟୋଜିତ 'ସଂସଦ ଚାଲୋ' ନାମକ ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ କେତେକ ଅଶାଳୀନ ଓ ଆପତ୍ତିଜନକ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ ହୋଇଥିଲା। ଏହାପୂର୍ବରୁ ଜୁଲାଇ ୨୭ରେ ମଧ୍ୟ ପୋଲିସ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମଗୁଡ଼ିକୁ ଏପରି ପୋଷ୍ଟ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା। ସାମାଜିକ ଗଣମାଧ୍ୟମ ଏହାକୁ ନେଇ ସତର୍କ ରହିବା ଲାଗି ପୁଲିସ ପରାମର୍ଶ ଦେଇଛି।

# ଯୁଦ୍ଧକୁ ଓହ୍ଲାଇଲା ସାଉଦିଆରବ



■ ଇରାକ୍‌ରେ ଆମେରିକା ସହ ସାଉଦି ବିମାନ ଆକ୍ରମଣ
■ ୨୦ ମିଲିସିଆ କ୍ୟାଡରଙ୍କ ମୃତ୍ୟୁ

ବାଗଦାଦ, ୨୯।୭(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଆହୁରି ଭୟାନକ ରୂପ ନେବାକୁ ଯାଉଛି। ଏବେ ଏହି ଯୁଦ୍ଧରେ ସାଉଦି ଆରବ ପ୍ରତ୍ୟେକ୍ଷଭାବେ ଓହ୍ଲାଇଛି। ଇରାକ୍‌ରେ ଥିବା ଇରାନ-ସମର୍ଥିତ ସଶସ୍ତ୍ର ଗୋଷ୍ଠୀ (ମିଲିସିଆ)ର ବିଭିନ୍ନ ଠିକଣା ଉପରେ ଆମେରିକା ଏବଂ ସାଉଦି ଆରବ ଆରବ ମିଳିତ ଭାବେ ଶକ୍ତିଶାଳୀ ବିମାନ ଆକ୍ରମଣ କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନରେ ଅତିକମରେ ୨୦ ଜଣ ମିଲିସିଆ କ୍ୟାଡର ମୃତ୍ୟୁବରଣ କରିଥିବା ବେଳେ ୩୨ ଜଣ ଗୁରୁତର ଆହତ ହୋଇଛନ୍ତି।

ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଏବଂ ସାଉଦି ଆରବ ଆରବ ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଅନୁଯାୟୀ, ଗତ ୭୨ ଘଣ୍ଟା ମଧ୍ୟରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର' (ଆଇଆରଜିସି) ଦ୍ୱାରା ନିୟନ୍ତ୍ରିତ ସଂଗଠନଗୁଡ଼ିକ ଆମେରିକୀୟ ସେନା ଏବଂ ସାଉଦି ଆରବର ତୈଳ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଏହାର କଡ଼ା ଜବାବ ଦେଇ ଦକ୍ଷିଣ ଓ ପୂର୍ବ ଇରାକ୍‌ର ବାଗଦାଗ, ବସ୍‌ରା, ନିନେଭେ ଏବଂ ଦିୟାଲା ଭଳି ସ୍ଥାନରେ ଥିବା ଆତଙ୍କବାଦୀ କ୍ୟାମ୍ପଗୁଡ଼ିକୁ ବିମାନ ଆକ୍ରମଣ କରି ଧ୍ୱଂସ କରାଯାଇଛି। ଏହି ଏୟାରଷ୍ଟ୍ରାଇକ୍ ପୂର୍ବରୁ ଇରାନ ଜୋର୍ଡାନରେ ଥିବା ଆମେରିକାର ସାମରିକ ଘାଟି ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହାକୁ ଆମେରିକା ଆକାଶମାର୍ଗରେ ହିଁ ନଷ୍ଟ କରିଦେଇଥିବା ଦାବି କରିଛି। ଏହାସହ ହୋରମୁଜ୍ ପ୍ରଣାଳୀରେ ଇରାନ ତିନୋଟି ତୈଳବାହୀ ଜାହାଜକୁ ଆକ୍ରମଣ କରିଥିବା ସୂଚନା ମିଳିଛି। ଇରାକ୍ ସରକାରୀ ସେନାର ଅଂଶବିଶେଷ 'ପପୁଲାର ମୋବିଲାଇଜେସନ ଫୋର୍ସ' (ପିଏମ୍‌ଏଫ୍) ଏହି ଆକ୍ରମଣକୁ ନିନ୍ଦା କରିବା ସହ ଏହା ଇରାକ୍‌ର ସାର୍ବଭୌମତ୍ୱ ଉପରେ କଠୋର ଆଘାତ ବୋଲି କହିଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ପ୍ରାୟ ୪.୩ ପ୍ରତିଶତ ବୃଦ୍ଧି ଘଟିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ୱାସିଂଟନ୍‌ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥିବା ସମୟରେ ଏହି ପ୍ରତିଶୋଧମୂଳକ ଆକ୍ରମଣ ମଧ୍ୟପ୍ରାଚ୍ୟର ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଦେଇଛି।

### ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

# ଇନ୍ଧନ ସ୍ୱିଚ୍‌ରେ ତ୍ରୁଟି ନାହିଁ: କେନ୍ଦ୍ର



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଅହମଦାବାଦ୍‌ରେ ଗତବର୍ଷ ଘଟିଥିବା ଏଆଇ-୧୭୧ ବିମାନ ଦୁର୍ଘଟଣାର ତଦନ୍ତ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିମାନ ଦୁର୍ଘଟଣାରେ ୨୬୦ ଜଣ ଲୋକ ପ୍ରାଣ ହରାଇଥିଲେ। ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ଯୋଗୁଁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଥିବା ବେଳେ ଏହି ବ୍ୟବସ୍ଥାରେ କୌଣସି ତ୍ରୁଟି ମିଳିନଥିବା ସଂସଦରେ କେନ୍ଦ୍ର ସରକାର ଆଜି ସୂଚନା ଦେଇଛନ୍ତି। ରାଜ୍ୟସଭାରେ ପ୍ରଶ୍ନର ଉତ୍ତର ଦେଇ ବେସାମରିକ ବିମାନ ଚଳାଚଳ ରାଜ୍ୟମନ୍ତ୍ରୀ ମୁରଲୀଧର ମହୋଳ କହିଛନ୍ତି, ମୂଳ ଉପକରଣ ନିର୍ମାତା ସଂସ୍ଥା ପକ୍ଷରୁ କରାଯାଇଥିବା ଉନ୍ନତ ପରୀକ୍ଷଣରେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ଏବଂ ଏହାର ସୁରକ୍ଷା ବ୍ୟବସ୍ଥାରେ କୌଣସି ଅସ୍ୱାଭାବିକତା ଚିହ୍ନଟ ହୋଇନାହିଁ। ସେ କହିଛନ୍ତି, ସମ୍ପୂର୍ଣ୍ଣ ଥ୍ରଷ୍ଟ ନିୟନ୍ତ୍ରଣ ମଡ୍ୟୁଲର ପରୀକ୍ଷଣ ଆମେରିକାର ସିଆଟଲ୍‌ସ୍ଥିତ ନିର୍ମାତା ସଂସ୍ଥାର କାରଖାନାରେ ଏପର୍ଯ୍ୟନ୍ତ ଜାରି ରହିଛି। ଏହି ପରୀକ୍ଷଣର ଅନ୍ତିମ ରିପୋର୍ଟ ଆସିବା ପରେ ତଦନ୍ତର ସମସ୍ତ ଦିଗ ସ୍ପଷ୍ଟ ହେବ। କେନ୍ଦ୍ର ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ଅନ୍ତିମ ରିପୋର୍ଟ ପ୍ରକାଶରେ କୌଣସି ବିଳମ୍ବ ହୋଇନାହିଁ। ବଡ଼ ବିମାନ ଦୁର୍ଘଟଣାର ତଦନ୍ତରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥାଏ ଏବଂ ସମ୍ଭାବ୍ୟ ସମସ୍ତ କାରଣ ଓ ସହାୟକ ପରିସ୍ଥିତିର ଗଭୀର ଯାଞ୍ଚ କରାଯାଉଛି। ସରକାରଙ୍କ କହିବା ଅନୁଯାୟୀ, ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଅନ୍ତିମ ରିପୋର୍ଟ ସାର୍ବଜନୀନ କରାଯିବ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ୱେବସାଇଟ୍‌ରେ ପ୍ରକାଶ କରାଯିବ। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍‌ରେ କୌଣସି ଯାନ୍ତ୍ରିକ ତ୍ରୁଟି ନ ମିଳିବା ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଅନ୍ତିମ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ହିଁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଥାଇଲାଣ୍ଡରେ ୩ ଭାରତୀୟ ପର୍ଯ୍ୟଟକଙ୍କୁ ଅପହରଣ

■ କାଳ ହେଲା ଶସ୍ତା ଭ୍ରମଣର ଲୋଭ
■ ୫ ଭାରତୀୟ, ଅପହର୍ତ୍ତା ଗିରଫ



ବ୍ୟାଙ୍କକ, ୨୯।୭(ଏଜେନ୍ସି): ଶସ୍ତା ମୂଲ୍ୟରେ ଥାଇଲ୍ୟାଣ୍ଡ ଭ୍ରମଣ କରାଇବାର ପ୍ରଲୋଭନ ଦେଇ ତିନି ଭାରତୀୟ ଯୁବକଙ୍କୁ ଅପହରଣ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଥାଇ ପୁଲିସ ଅଭିଯୁକ୍ତମାନଙ୍କ କବଳରୁ ତିନିଜଣଙ୍କୁ ଉଦ୍ଧାର କରିଥିବାବେଳେ ଏହି ମାମଲାରେ ପାଞ୍ଚ ଭାରତୀୟଙ୍କୁ ଗିରଫ କରିଛି। ଏହି ଅପରାଧରେ କିଛି ପାକିସ୍ତାନୀ ନାଗରିକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ମଧ୍ୟ ରହିଛି। ପୁଲିସ ସୂଚନା ଅନୁସାରେ, ତିନିଜଣ ଭାରତୀୟ ଯୁବକଙ୍କୁ ସାତ ଦିନିଆ ଶସ୍ତା ଭ୍ରମଣ ପ୍ୟାକେଜ୍‌ର ପ୍ରଲୋଭନ ଦେଇ ଥାଇଲ୍ୟାଣ୍ଡକୁ ଡକାଯାଇଥିଲା। ଜୁଲାଇ ୨୧ରେ ସେମାନେ ବ୍ୟାଙ୍କକରେ ପହଞ୍ଚିବା ପରେ ପଟ୍ଟାୟାକୁ ନିଆଯାଇଥିଲେ। ସେଠାରେ ଏକ ଭଡ଼ା ଘରକୁ ନେଇ ସେମାନଙ୍କୁ ବନ୍ଦୀ କରାଯାଇଥିଲା। ଅପହରଣକାରୀମାନେ ବନ୍ଦୀମାନଙ୍କୁ ପ୍ରତିଦିନ ନିର୍ଯାତନା ଦେବା ସହ ସେମାନଙ୍କ ପରିବାର ଲୋକଙ୍କଠାରୁ ମୁକ୍ତି ବଦଳରେ ପ୍ରାୟ ସତର ଲକ୍ଷ ଟଙ୍କା ଦାବି କରିଥିଲେ। ପରିବାର ସଦସ୍ୟଙ୍କ ସହ କଥା ହେବାକୁ ବାଧ୍ୟ କରାଯାଇ ଟଙ୍କା ପଠାଇବା ପାଇଁ ଚାପ ସୃଷ୍ଟି କରାଯାଉଥିଲା। ନିର୍ଯାତନାର ଦୃଶ୍ୟକୁ ଅଧିକ ଭୟଙ୍କର ଦେଖାଇବା ପାଇଁ ଜଣେ ପୀଡ଼ିତଙ୍କ ଶରୀରରେ ଲାଲ ରଙ୍ଗ ଲଗାଇ ଭିଡିଓ କଲ୍ କରାଯାଇଥିବା ତଦନ୍ତରେ ଜଣାପଡ଼ିଛି। ଭାରତରେ ଥିବା ପରିବାର ସଦସ୍ୟମାନେ ଥାଇ ପୁଲିସର ସହାୟତା ଲୋଡ଼ିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଜୁଲାଇ ୨୭ରେ ପଟ୍ଟାୟାର ଏକ ଦୁଇମହଲା ଘର ଉପରେ ଚଢ଼ାଉ କରି ପୁଲିସ ତିନିଜଣଙ୍କୁ ଉଦ୍ଧାର କରିଥିଲା। ତେବେ ପୁଲିସ ପହଞ୍ଚିବା ପୂର୍ବରୁ କିଛି ଅଭିଯୁକ୍ତ ମୋଟରସାଇକେଲରେ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ଅଭିଯାନରେ ବ୍ୟାଙ୍କକର ଏକ ହୋଟେଲରୁ ପାଞ୍ଚ ଭାରତୀୟଙ୍କୁ ଗିରଫ କରାଯାଇଛି। ପୁଲିସ କହିଛି, ଦୁବାଇରୁ କାର୍ଯ୍ୟ କରୁଥିବା ଜଣେ ପାକିସ୍ତାନୀ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଏହି ଅପହରଣ ଯୋଜନା କରାଯାଇଥିଲା। ମୁକ୍ତିପଣର ଟଙ୍କା ଡିଜିଟାଲ୍ ମୁଦ୍ରା ମାଧ୍ୟମରେ ନେବାର ଯୋଜନା ଥିବା ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନ ଜାରି ରହିଛି।

## ଯୌନ ଶୋଷଣ ପରେ ଗର୍ଭପାତ ପାଇଁ ବାଧ୍ୟ କରି ଥାନା ଅଧିକାରୀ ନିଲମ୍ବିତ



ହାଇଦରାବାଦ, ୨୯।୭(ଏଜେନ୍ସି): ଜଣେ ମହିଳାଙ୍କୁ ଯୌନ ଶୋଷଣ, ଗର୍ଭପାତ କରିବାକୁ ବାଧ୍ୟ କରିବା ଏବଂ ବ୍ଲାକମେଲ କରିବା ଅଭିଯୋଗରେ ହାଇଦରାବାଦର ଜୁବିଲି ହିଲ୍ସ ଥାନାର ଥାନା ଅଧିକାରୀ ଉ. ଶ୍ରୀନିବାସୁଲୁ ରେଡ୍ଡୀଙ୍କୁ ନିଲମ୍ବିତ କରାଯାଇଛି। ପ୍ରାଥମିକ ତଦନ୍ତ ପରେ ହାଇଦ୍ରାବାଦ ପୁଲିସ କମିଶନର ଏହି ପଦକ୍ଷେପ ନେଇଛନ୍ତି। ସଙ୍ଗାରେଡ୍ଡି ଜିଲ୍ଲାର ଜଣେ ଏକତିରିଶ ବର୍ଷୀୟା ମହିଳା ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଶ୍ରୀନିବାସୁଲୁ ରେଡ୍ଡୀ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଗର୍ଭବତୀ ହେବା ପରେ ଗର୍ଭପାତ କରାଇବାକୁ ବାଧ କରିଥିଲେ। ଏହାଛଡ଼ା ତାଙ୍କୁ ମାଡ଼ ମାରିବା ଓ ଧମକ ଦେଇଥିବା ଅଭିଯୋଗ ମଧ୍ୟ ସେ କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଘଟଣାର ଆରମ୍ଭ ୨୦୨୧ରେ ହୋଇଥିଲା। ପାରିବାରିକ ବିବାଦ ନେଇ ସେ ଆମିନପୁର ଥାନାକୁ ଯାଇଥିବାବେଳେ ସେତେବେଳେ ସେଠାରେ କାର୍ଯ୍ୟରତ ଥିବା ଶ୍ରୀନିବାସୁଲୁ ରେଡ୍ଡୀ ତାଙ୍କ ସହ ସମ୍ପର୍କ ସ୍ଥାପନ କରି ଧୀରେ ଧୀରେ ଯୌନ ସମ୍ପର୍କ ପାଇଁ ଚାପ ପକାଇଥିଲେ। ପରେ ନିଜ ଘରକୁ ଡାକି ସେଠାରେ ଯୌନ ନିର୍ଯାତନା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗରେ ଆହୁରି କୁହାଯାଇଛି ଯେ, ଅଭିଯୁକ୍ତ ଅଧିକାରୀ ବ୍ୟକ୍ତିଗତ ଭିଡିଓ ସାମାଜିକ ମାଧ୍ୟମରେ ପ୍ରକାଶ କରିଦେବାର ଧମକ ଦେଇ ଦୁଇ କୋଟି ଟଙ୍କା ଦାବି କରିଥିଲେ। ଭୟଭୀତ ହୋଇ ସେ ବିଭିନ୍ନ ସମୟରେ ତାଙ୍କୁ ହଜାର ହଜାର ଟଙ୍କା ଦେଇଥିବା ମଧ୍ୟ ମହିଳା ଦାବି କରିଛନ୍ତି। ସେହିପରି ଜୁବିଲି ହିଲ୍ସ ଥାନାରେ ପୋଷ୍ଟିଂ ପାଇଁ ପାଇଁ ପଚିଶ ଲକ୍ଷ ଟଙ୍କା ଦିଆଯାଇଥିବା ଅଭିଯୋଗ ମଧ୍ୟ ସେ ଆଣିଛନ୍ତି।

www.sakalaepaper.com

ସକାଳ THE SAKALA

ଗୁରୁବାର
୩୦ ଜୁଲାଇ, ୨୦୨୬



## ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର; ସହର ଅବସ୍ଥା ବେହାଲ

# ବଢୁଛି ବୈତରଣୀ, ସାଳନ୍ଦୀ; ୩୨୨ ଗାଁରେ ପଶିଲା ପାଣି

ଭଦ୍ରକ,୨୯।୭(ସମିସ): ଲଗାଣ ବର୍ଷା ଓ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ଯୋଗୁଁ ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୫ଟା ସୁଦ୍ଧା ମିଳିଥିବା

**୫୪ ହଜାରରୁ ଅଧିକ ବିପନ୍ନଙ୍କୁ ସ୍ଥାନାନ୍ତର**

**୩ ଲକ୍ଷ ୩୯ ହଜାର ୭୭୦ ଲୋକ ପ୍ରଭାବିତ**



ଦୈନିକ ସ୍ଥିତି ରିପୋର୍ଟ ଅନୁଯାୟୀ, ଜିଲ୍ଲାର ତିହିଡ଼ି, ବାସୁଦେବପୁର, ଧାମନଗର, ଭଦ୍ରକ ଓ ଭଣ୍ଡାରିପୋଖରୀ ସମେତ ୫ଟି ବ୍ଲକର ୭୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୩୨୨ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ଏହା ସହ ଧାମନଗର ଏନ୍ଏସି, ଭଦ୍ରକ ପୌରପାଳିକା ଓ ଧୂଷୁରୀ ଏନ୍ଏସିର ୧୩ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାରେ ମୋଟ୍ ୩ ଲକ୍ଷ ୩୯ ହଜାର ୭୭୦ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୫୪ ହଜାର ୧୮୪ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଲୋକଙ୍କ ପାଇଁ ୧୯୫ଟି ମାଗଣା ରୋଷେଇ କେନ୍ଦ୍ର ଓ ରିଲିଫ୍ କେନ୍ଦ୍ର ଖୋଲାଯାଇଛି ଏବଂ ସମସ୍ତ ହିତାଧିକାରୀଙ୍କୁ ଖାଦ୍ୟ ସହାୟତା ପ୍ରଦାନ କରାଯାଉଛି।

ସୂଚନାନୁଯାୟୀ, ଏ ପର୍ଯ୍ୟନ୍ତ କୌଣସି ମାନବ ମୃତାହତ ଘଟଣା ଘଟିନାହିଁ। ପଶୁସମ୍ପଦ କ୍ଷେତ୍ରରେ ୧୮୫ଟି ବଡ଼ ପଶୁ ଓ ୨୨୬ଟି ଛୋଟ ପଶୁ ପ୍ରଭାବିତ ହୋଇଥିବାବେଳେ କୌଣସି ପଶୁ ମୃତ୍ୟୁର ବି ସୂଚନା ମିଳିନାହିଁ। ଫସଲ କ୍ଷୟକ୍ଷତିର ଆକଳନ ଚାଲିଥିବାବେଳେ ଘରବାରି କିମ୍ବା ଭିତ୍ତିଭୂମି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ। ରିଲିଫ୍ ସାମଗ୍ରୀ ଭାବେ ବୁଧବାର ୧୬୬.୩୩ କ୍ୱିଣ୍ଟାଲ ଚୁଡ଼ା ଓ ୧୭.୭୮ କ୍ୱିଣ୍ଟାଲ ଗୁଡ଼, ଚିନି ବଣ୍ଟନ କରାଯାଇଛି। ଜିଲ୍ଲାରେ ୧୪ଟି ମେଡିକାଲ ଟିମ୍ ଓ ୫ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩ଟି ଏନ୍ଡିଆର୍ଏଫ୍ ଓ ୪ଟି ଓଡ୍ରାଫ୍ ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ କ୍ରମାଗତ ନଜର ରଖାଯାଇଥିବା ବେଳେ ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି ବୋଲି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସୂଚନା ଦେବା ସହ ବନ୍ୟାଞ୍ଚଳ ଲୋକମାନେ ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରି ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଲଗାଣ ବର୍ଷା ପରେ ଭଦ୍ରକ ସହର ସ୍ଥିତି ମଧ୍ୟ ବେହାଲ ହୋଇପଡ଼ିଛି। ଭଦ୍ରକ ପୌରାଞ୍ଚଳର ଅଧିକାଂଶ ୱାର୍ଡ ଜଳବନ୍ଦୀ ହୋଇପଡ଼ିଛି। ବିଶେଷକରି ୫, ୧୫, ୧୬, ୧୯, ୨୧, ୨୫, ୨୭, ୨୮, ୨୯ ନମ୍ବର ୱାର୍ଡ ଜଳବନ୍ଦୀ ହୋଇପଡ଼ିଛି। ବହୁ ଲୋକଙ୍କ ଘରେ ପାଣି ପଶିଥିବାବେଳେ ଅନେକ ରାସ୍ତାରେ ପାଣିର ସୁଅ ଛୁଟିଛି। ସେହିଭଳି ସହର ଉପକଣ୍ଠ ସାଳନ୍ଦୀ ନଦୀ ବାଉଦପୁର ବ୍ରିଜ୍ ଉପରେ ବନ୍ୟାପାଣିର ସୁଅ ଛୁଟିଛି। ଫଳରେ ପ୍ରଶାସନ ପକ୍ଷରୁ ଏହି ବ୍ରିଜ୍‌କୁ ବାଉଁଶ ଦେଇ ବନ୍ଦ କରାଯାଇଛି। ସେହିଭଳି ସହରାଞ୍ଚଳର ତଳିଆ ଅଞ୍ଚଳ ଓ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ପୌରପାଳିକା ପକ୍ଷରୁ ମାଇକ୍ ଯୋଗେ ସତର୍କ ରହିବାକୁ ସୂଚନା ଦିଆଯାଇଛି।

## ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା; ଆନନ୍ଦପୁର ରିଙ୍ଗବନ୍ଧରେ ୫୦ ଫୁଟ୍‌ର ଘାଇ

# ଭାସିଗଲା କାର୍ ସହ ଭ୍ୟାନ୍; ପୁଅ ନିଖୋଜ, ବାପା ଗୁରୁତର





ଆନନ୍ଦପୁର, ୨୯।୭ (ସମିସ): ଆନନ୍ଦପୁର ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ରିଙ୍ଗ ବନ୍ଧଠାରେ ଥିବା ଦୁର୍ବଳ ସ୍ଲୁଇସ ଭାଙ୍ଗିଯିବାରୁ ପ୍ରାୟ ୫୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି। ଘାଇରେ ପଡି ଏକ ପିକଅପ ଭ୍ୟାନ ଓ ଅନ୍ୟ ଏକ କାର ଭାସି ଯାଇଥିଲା। ଗାଡିରେ ଥିବା ଫକୀରପୁର ଗ୍ରାମର ପ୍ରଦୀପ ମହାନ୍ତି ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ପୁଅ ସଦାଶିବ ମହାନ୍ତି ନିଖୋଜ ଥିବା ସୂଚନା ମିଳିଛି। ଗତ ମଙ୍ଗଳବାର ରାତି ପ୍ରାୟ ୩ଟା ସମୟରେ ହଠାତ୍ ବନ୍ଧ ଭାଙ୍ଗି ଏହି ଘାଇ ସୃଷ୍ଟି ହେବାରୁ ବନ୍ଧ ନିଟରେ ରହୁଥିବା ତଳ ମୁଖୀସାହି, ଉପର ମୁଖୀସାହି ଓ ୫ନମ୍ବର ୱାର୍ଡର କେତେକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଗୁହାଳରେ ଥିବା ଅନେକ ଗୃହପାଳିତ ପଶୁଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ବନ୍ୟାଜଳରୁ ୩୭ ଜଣଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି। ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ନାରାୟଣ ପ୍ରଧାନ ଆନନ୍ଦପୁରଠାରେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଆନନ୍ଦପୁର ପୌରପାଳିକା ପକ୍ଷରୁ ୪୦ ପରିବାରକୁ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ବନ୍ୟାପାଣି ପଶିଯିବାରୁ ୧୦ରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଏପଟେ ଫାପୁଡ଼ିଆ ନାଳରେ ପ୍ରବଳ ପାଣି ପଶିଆସିବାରୁ ଆନନ୍ଦପୁରରେ ୫୦ରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଆନନ୍ଦପୁର ପୌରାଞ୍ଚଳ ୧୩ନମ୍ବର ୱାର୍ଡ ଖପରାଖାଇ ସାଉଁତିସାହିରେ ବନ୍ୟାଜଳ ପ୍ରବେଶ କରିବାରୁ ଅନେକ ପରିବାରର ଘର କାନ୍ଥ ପଡ଼ିଯାଇଛି। ଅନେକ ଘରର ଆସବାବପତ୍ର ନଦୀରେ ଭାସିଯାଇଛି। ସେହିପରି ସୁଡୁମୁଡ଼ିଆ ଦେହୁରୀସାହିଓ ଆନନ୍ଦପୁର ବ୍ଲକର ଖଡ଼ିବିଲ (ବାଲିପଶି) ନିକଟରେ ପୋଲ ଭାଙ୍ଗିଯାଇଛି। ଘସିପୁରା ବ୍ଲକ୍‌କୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ସରେଇଁ, ଭଗାନଇ, ମଦନପୁର ଗ୍ରାମକୁ ଯାଉଥିବା ଲୋକେ ହସନପୁର ଓ ବଳରାମପୁର ଦେଇ ଯାଉଛନ୍ତି। ଆନନ୍ଦପୁର ବ୍ଲକ୍ ଟୁଙ୍କୁଣାର କୁଣ୍ଡେଶ୍ୱର ମନ୍ଦିରରେ ବନ୍ୟାପାଣି ପଶିଛି। ପଞ୍ଚୁପଲ୍ଲୀ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ବନ୍ୟାଜଳ ପଶିବା ଯୋଗୁଁ ପରିବା ଓ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ପଞ୍ଚୁପଲ୍ଲୀ ପଞ୍ଚାୟତ ବେଉସାହିରେ ପାଣି ପଶିଯାଇଥିବାରୁ ୨୦ ପରିବାର ପାଣି ଘେରରେ ରହିଛନ୍ତି।


# ବାସୁଦେବପୁରର ବିଭିନ୍ନ ଅଞ୍ଚଳ ଜଳମଗ୍ନ

ବାସୁଦେବପୁର,୨୯।୭(ସମିସ): ଲଗାଣ ବର୍ଷା ଯୋଗୁଁ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ପୌରପାଳିକାର କେତୋଟି ୱାର୍ଡ ଜଳମଗ୍ନ ହୋଇପଡ଼ିଛି। ଦୁଇ ଦୁଇ ଥର ବନ୍ୟା ଲୋକମାନଙ୍କର ଚାଷ ଜମିର ତଳି ଓ ବୁଣା ଧାନକୁ ନଷ୍ଟ କରିଦେଇଛି। ଉପର ମୁଣ୍ଡର ବର୍ଷା ପାଣି ତଳକୁ ଗଡୁଛି। ସୁସୁ ହୋଇ ମାଡ଼ି ଆସୁଛି ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ, ଦୀକ୍ଷିତବିନ୍ଧା ଗ୍ରାମରେ ବନ୍ୟା ଜଳ। କିଛି ଲୋକଙ୍କ ଘରେ ପାଣି ପଶିଛି। ଯେଉଁ ପରିମାଣରେ ବନ୍ୟା ପାଣି ପଶୁଛି ବୁଧବାର ରାତି ସୁଦ୍ଧା ଅନେକ ଘର ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ସୁଦର୍ଶନପୁର ପଞ୍ଚାୟତର ସୁଦର୍ଶନପୁର (ଅଫୁଲା ଓ ମିରିଗା), ସୁଆଁ ଓ ଜଗନ୍ନାଥୀର ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ନରସିଂହପୁର ପଞ୍ଚାୟତର ବଡ଼ଚନ୍ଦ୍ରଭାନୁପୁର ଓ କାଳିଦାସପୁର ଗ୍ରାମ ଜଳମଗ୍ନ ହୋଇ ପଡ଼ିଛି। ବଡ଼ଚନ୍ଦ୍ରଭାନୁପୁର ଗାଁ ଦାଣ୍ଡରେ ୩ ଫୁଟ୍ ଉଚ୍ଚରେ ବନ୍ୟା ପାଣି ଜମିରହିଛି। ଚୂଡ଼ାମଣୀ ପଞ୍ଚାୟତର ତଳସାହି ଓ ଅଢୁଆଁ ପଞ୍ଚାୟତର ନନ୍ଦପୁର ଗ୍ରାମର ଚାଷ ଜମିରେ ବନ୍ୟା ପାଣି ପ୍ରବାହିତ ହେଉଛି। ପୌରପାଳିକାର ବିଭିନ୍ନ ୱାର୍ଡରେ ହଜାର ହଜାର ଏକର ଚାଷ ଜମିରେ ବର୍ଷା ଜଳ ଜମି ରହିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପର ମୁଣ୍ଡରୁ ବର୍ଷା ପାଣି ଖସୁଥିବାବେଳେ ତଳ ମୁଣ୍ଡର ବନ୍ୟା ସୃଷ୍ଟି ହୋଇଛି। ଚାଷ ଜମିରେ ୮/୧୦ ଫୁଟ୍ ଉଚ୍ଚତାର ପାଣି ଲହଡ଼ି ଭାଙ୍ଗୁଛି। ବରଣ୍ଡୁଆ ଓ ସୁଦର୍ଶନପୁର ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କିଛି ଘର ଜଳବନ୍ଦୀ ମଧ୍ୟରେ ରହିଛି। ଭୈରବପୁର ପୋଲ ନିକଟରେ ଗୋଟିଏ ପରିବାର ୪ ଦିନ ଧରି ଜଳ ବନ୍ଦୀରେ ଫସି ରହିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରିଛନ୍ତି।

## ବର୍ଷାଜଳ ନିଷ୍କାସନ ବେଳେ ଲାଗିଲା ବିଦ୍ୟୁତ୍ କରେଣ୍ଟ

# ଅଗ୍ନିଶମ ଯବାନଙ୍କ ମୃତ୍ୟୁ

କେନ୍ଦୁଝର, ୨୯।୭(ସମିସ): ଲୋକଙ୍କ ଘର ଏବଂ ସେମାନଙ୍କ ଅଗଣାରେ ଜମି ରହିଥିବା ଜଳ ନିଷ୍କାସନ ବେଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ ଆଘାତରେ ଜଣେ ଅଗ୍ନିଶମ ବାହିନୀ ଯବାନଙ୍କର ଦୁଃଖଦ ମୃତ୍ୟୁ ହୋଇଛି। ଉକ୍ତ ଯବାନ ହେଉଛନ୍ତି ଚନ୍ଦନ ପଟ୍ଟନାୟକ। ତାଙ୍କ ମୂଳ ଘର ଅନୁଗୋଳ ଜିଲ୍ଲାରେ ବୋଲି ଜଣାପଡ଼ିଥିଲା ବେଳେ କେନ୍ଦୁଝର ଟାଉନ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇଛି। ଘଟଣାଟି ସାରା କେନ୍ଦୁଝରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତଦେହକୁ ତାଙ୍କ ପୈତୃକ ବାସଗୃହକୁ ପଠାଇବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ, ସମ୍ପୃକ୍ତ ଘର ମାଲିକ ବିଦ୍ୟୁତ ବିଭାଗର ବିନାନୁମତିରେ ନିଜ ଘରୁ ଖୋଲାମେଲା ତାରରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ବିଦ୍ୟୁତ ସଂଯୋଗ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଟାଟା ପାୱାର କମ୍ପାନୀ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।



ସୂଚନା ଅନୁସାରେ, ଦୁଇ ଦିନ ଧରି ଲଗାଣ ବର୍ଷାରେ କେନ୍ଦୁଝର ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ରାସ୍ତାଘାଟ ଘରଦ୍ୱାର ସବୁଆଡେ ପାଣି ଭରି ଯାଇଥିଲା। ମଙ୍ଗଳବାରଠାରୁ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ କରିବା ପାଇଁ କେନ୍ଦୁଝରଗଡ ପୌରପାଳିକା ଓ ଅଗ୍ନିଶମବାହିନୀର ୧୦ଟି ଟିମ୍ ଦିନରାତ୍ରି କାମରେ ଲାଗିଥିଲେ। ବୁଧବାର ସକାଳେ ପାଳି ଥିଲା ଟାଉନ ଥାନା ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପୁଲିସ କ୍ଲବ୍ ଏବଂ ପାଖରେ ଥିବା ବିଭିନ୍ନ ଘର। ଦୁଇଟି ଟିମ୍ ମଧ୍ୟରୁ ଗୋଟିଏ ଟିମ୍ ପୁଲିସ କ୍ଲବରେ ଜଳ ନିଷ୍କାସନ କରୁଥିବା ବେଳେ ଅନ୍ୟ ଟିମଟି ନିକଟସ୍ଥ ବିଜୟ ଦାଶଙ୍କ ଘର ଓ ଅଗଣାରୁ ପାଣି ନିଷ୍କାସନ କରୁଥିଲେ। ସେହି ଟିମରେ ସାମିଲ୍ ଥିଲେ ଚନ୍ଦନ। ଆଣ୍ଠୁଏ ପାଣିରେ ପଶି ଘର ଭିତରେ ପାଇପ୍ ପକାଇବା ସହ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରିଥିଲେ। ଲୁଗା ଶୁଖାଇବା ପାଇଁ ଏକ ଜିଆଇ ତାର ଘର ଅଗଣାରୁ ଅନ୍ୟ ଅଗଣାକୁ ବନ୍ଧା ହୋଇଥିଲା। ଉକ୍ତ ତାରରେ ଓଦା ଲୁଗା ମଧ୍ୟ ଶୁଖା ଯାଇଥିଲା। କୌଣସି କାରଣରୁ ସେହି ତାରଟିରେ ବିଜୁଳି କରେଣ୍ଟ ସଂଯୋଗ ହୋଇଯାଇଥିଲା। ସେହି ସମୟରେ ପାଣି ଭିତରେ ଥାଇ ଉକ୍ତ ଜିଆଇ ତାର ଉପରେ ଚନ୍ଦନଙ୍କ ହାତ ବାଜିଯାଇଥିଲା। ଫଳରେ ଶକ୍ତ କରେଣ୍ଟ ଖାଇ ସେ ତଳେ ପଡ଼ି ଯାଇଥିଲେ। ସହକର୍ମୀ ଅଗ୍ନିଶମ ଯବାନମାନେ ସଙ୍ଗେ ସଙ୍ଗେ ନିକଟରେ ଥିବା ଏକ ପ୍ଲାଷ୍ଟିକ ପାଇପ୍ ଯୋଗେ ଜିଆଇ ତାରଟିକୁ ଟାଣି ଛିଣ୍ଡାଇ ଯବାନ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅଳ୍ପମାସ ହେବ କେନ୍ଦୁଝର ଅଗ୍ନିଶମ କାର୍ଯ୍ୟାଳୟରେ ନିୟୋଜିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏଥିରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

# ନାଳର ପ୍ରଖର ସ୍ରୋତରେ ଭାସିଯାଇ ମହିଳା ସହ ଶିଶୁ ମୃତ

ତେଲକୋଇ, ୨୯।୭(ସମିସ): ବନ୍ୟା ଜଳରେ ଭାସିଯାଇ ଦୁଇ ଜଣଙ୍କ ପ୍ରାଣହାନି ଘଟିଛି। ଦୁଇ ମୃତକ ମଧ୍ୟରୁ ଜଣେ ମହିଳା ହୋଇଥିବା ବେଳେ ଅନ୍ୟ ଜଣେ ଶିଶୁ। ମୃତ ମହିଳା ହେଲେ କନ୍ତଲେଇ ଡାଡିଆ ସାହିର ଆଖରି ଦେହୁରୀ (୫୮)। ମୃତକ ଶିଶୁକନ୍ୟା ହେଲା କାଳିଆହତା ଗ୍ରାମ ଘାସିଡ଼ାହି ସାହିର ସିତୁମ୍ ମୁଣ୍ଡାଙ୍କ ବର୍ଷକର ଝିଅ ଏଲିନା ମୁଣ୍ଡା। ପୃଥକ ସ୍ଥାନରେ ବନ୍ୟାଜଳରେ ଭାସିଯାଇ ସେମାନଙ୍କ ମୃତ୍ୟୁ ହୋଇଛି। କନ୍ତଲେଇ ଦାଡିଆ ସାହିର ଅଖାରୀ ଦେହୁରୀ ୨୮ ତାରିଖ ଦିନ ସ୍ୱାମୀ ରଙ୍ଗାଧର ଦେହୁରୀଙ୍କ ସହିତ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରିବା ବେଳେ ଦାଡିଆ ସାହିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରୁ ଅଖାରି ବନ୍ୟା ଜଳରେ ଭାସି ଯାଇଥିଲେ। ସନ୍ଧ୍ୟା ସମୟରେ ଗ୍ରାମବାସୀ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇ ନଥିଲେ। ବୁଧବାର ସକାଳେ ଅଗ୍ନିଶମ ବିଭାଗ ଖୋଜାଖୋଜି ପରେ କିଛି ଦୂରରେ ଥିବା ଏକ ତାଳ ଗଛ ବୁଦାରେ ମୃତଦେହ ଠାବ କରିଥିଲେ। ସେହିପରି କାଳିଆହତା ଗ୍ରାମବାସୀ ଡାହିସାହିର ଶିଶୁ ଏଲିନା ମୁଣ୍ଡା ବୁଧବାର ପିଲାଙ୍କ ସହିତ ଘର ପାଖ ନାଳକୁ ଯାଇଥିବା ବେଳେ ସେଠାରେ ଭାସି ଯାଇଥିଲା। ଅଗ୍ନିଶମ ବାହିନୀ ଦୀର୍ଘ ୧ କିମି ତଳେ ଶିଶୁର ମୃତଦେହ ଠାବ କରିଥିଲେ। ଉଭୟ ମୃତଦେହକୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଯାଇଛି। ଘଟଣାକୁ ନେଇ ତେଲକୋଇ ଥାନା ପକ୍ଷରୁ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ବୁଢ଼ାବଳଙ୍ଗ ନଦୀରେ ବନ୍ୟା: ୬୪ ଗାଁ ଜଳବନ୍ଦୀ

ବାଲେଶ୍ୱର,୨୯।୭(ସମିସ): ଲଘୁଚାପଜନିତ ବର୍ଷା ପରେ ଏବେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଦେଖାଦେଇଛି। ଚଳିତ ବର୍ଷରେ ଏହି ନଦୀରେ ପ୍ରଥମ ବନ୍ୟା ଆସିଛି। ଏଥିରେ ସଦର ବ୍ଲକର ୧୨ଟି ପଞ୍ଚାୟତର ୬୪ଟି ଗାଁ ଏବେ ଜଳବନ୍ଦୀ। ବହୁ ଗାଁ ଏବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ସେମାନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଁଚିପାରି ନାହିଁ। ବାଲେଶ୍ୱର ସହରକୁ ଆସିବା ପାଇଁ ଦହପଡା ଠାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଥିବା ବେଳେ ବାଲିଘାଟ ପୋଲ ନିକଟସ୍ଥ ଘୋଡାପଦା ସିନ୍ଧିଆ ଠାରୁ ସମସ୍ତ ତଳି ଅଞ୍ଚଳକୁ ଏବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ହଜାର ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।



ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ସଦର ବ୍ଲକର ୧୨ଟି ପଂଚାୟତ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ବୋଟ ଯୋଗେ ଲୋକମାନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳିରେ ରଖାଯାଉଛି। ବିଶେଷ କରି ଆଜି ଅପରାହ୍ନ ୨ଟା ସୁଦ୍ଧା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୮.୬୬ମିଟରରେ ସ୍ଥିର ରହିଛି। ଆଜି ପୂର୍ଣ୍ଣମୀ ଥିବାରୁ ସମୁଦ୍ର ପାଣି ଟାଣୁ ନଥିବା ବେଳେ ତାହା ଗାଁଗୁଡିକୁ ମାଡି ଯାଇଛି। ବୁଢ଼ାବଳଙ୍ଗ ନଦୀ କୂଳିଆ ଅଂଚଳ ଗୁଡିକରେ ବସବାସ କରୁଥିବା ଲୋକମାନେ ଜଳବନ୍ଦୀରେ ରହି ଯାଇଛନ୍ତି। ବିଶେଷକରି ଫୁଲାଡି ନିକଟସ୍ଥ ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ୧୧ଟି ପରିବାର ଏବେ ପାଣିଘେରରେ ରହିଛନ୍ତି। ସଦର ବ୍ଲକର ବଇଁଚା, ବୁଆଁଳ, ଚାନ୍ଦିପୁର, ଗୋପୀନାଥପୁର, କୁରାଡ଼ିଆ, ନଗ୍ରମ, ଓଲନ୍ଦା ସାରଗାଁ, ଓଡ଼ଙ୍ଗୀ, ପରୀକ୍ଷୀ, ପାତ୍ରପଡା, ସିନ୍ଧିଆ ଓ ଶ୍ରୀକୋଣା ପଂଚାୟତର ସହ ବିଭିନ୍ନ ପଂଚାୟତ ସମେତ ତୋଟାପାଳ, ପାଖରାବାଡ, ରଘୁନାଥପୁର, ବଳରାମଗଡି, ମୀର୍ଜାପୁର,ଚାନ୍ଦିପୁର, ନଳକୂଳୀ, ମାଣିକୁଲା, କାଠପାଳ, ପରମାନନ୍ଦପୁର, ଫୁଲୱାରକସବା, କଂଟାବଣିଆ ଆଦି ୬୪ଟି ଗାଁ ପାଣିଘେରରେ ରହିଛି। ବଇଁଚା ପଂଚାୟତର ମୁଖ୍ୟ ରାସ୍ତାରେ ୫ଫୁଟରୁ ଅଧିକ ଉଚ୍ଚତାର ପାଣି ଚାଲୁଥିବା ବେଳେ ସୁଅ ପ୍ରଖର ରହିଛି। ପାଖାପାଖି ଅଞ୍ଚଳର ଲୋକେ ଖାଦ୍ୟ ଆଣିବା ପାଇଁ ବାହାରକୁ ଯିବା ଆସିବା କରିପାରୁ ନାହାନ୍ତି। ସେଠାକାର ସ୍ଥାନୀୟ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଗୃହ ପାଳିତ ପାଶୁମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି। ସଦର ବିଡ଼ିଓ ଉତ୍ତମ କୁମାର ଜେନା କହିଛନ୍ତି ଯେ, ବୁଢ଼ାବଳଙ୍ଗ ନଦୀରେ ଭୟଙ୍କର ବନ୍ୟା ଆସିବା ଫଳରେ ବହୁ ଗାଁ ଏବେ ଜଳବନ୍ଦୀରେ ରହିଛନ୍ତି। ଗତକାଲି ଠାରୁ ଆଜି ପର୍ଯ୍ୟନ୍ତ ୭ ହଜାରରୁ ଅଧିକ ଲୋକ ଜଳବନ୍ଦୀରେ ରହିଛନ୍ତି। ସେଥିମଧ୍ୟରୁ ପୁରୁଷ ହେଉଛନ୍ତି ୩୫୪୦,ମହିଳା ହେଉଛନ୍ତି ୩୧୫୮ ଏବଂ ଛୋଟ ପିଲା ହେଉଛନ୍ତି ୮୦୨। ସେଥିମଧ୍ୟରୁ ଏବେ ସୁଦ୍ଧା ୭୯୦ଜଣ ପୁରୁଷ,୬୨୦ଜଣ ମହିଳା ଏବଂ ୧୨୦ଜଣ ଛୋଟ ପିଲାମାନଙ୍କୁ ଉଦ୍ଧାର କରାଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାବ୍ୟତିତ ଉଦ୍ଧାର ହୋଇଥିବା ଲୋକଙ୍କୁ ୧୭ଟି ସେଣ୍ଟରରେ ରଖା ଯାଇ ସେମାନଙ୍କୁ ରନ୍ଧାଖାଦ୍ୟ ମଧ୍ୟ ପ୍ରଦାନ କରାଯାଉଛି। ଏହାଛଡା ୧୨ଟି ମାଟି ଘର ଭାଙ୍ଗିଯାଇଥିବା ସେ କହିଛନ୍ତି।

# ବନ୍ୟା ପାଣିରେ ବୁଡ଼ିଲା ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ସଡ଼କ

ବେତାଳିଗାଁ,୨୯।୭(ସମିସ): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଭଦ୍ରକରୁ ଆଖଣ୍ଡଳମଣିକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କର ମଙ୍ଗଳପୁର, ଉଚପଦା, ଅସୁରାଳି, କୋଠାର, ସୂର୍ଯ୍ୟପୁର, ପାୟାସାହି ଏବଂ ପନ୍ଦରବାଟିଆ ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ହଜାର ହଜାର ଲୋକ ଯାତାୟାତରେ ଚରମ ଦୁର୍ଦ୍ଦଶା ଭୋଗୁଥିବାବେଳେ ଜରୁରୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବନ୍ୟା ପରିସ୍ଥିତି ଯୋଗୁଁ ସାଧାରଣ ଲୋକଙ୍କ ସହ ଗାଈଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ସୁରକ୍ଷା ନେଇ ମଧ୍ୟ ଚିନ୍ତା ବଢ଼ିଛି। ଅନେକ ସ୍ଥାନରେ ପଶୁଖାଦ୍ୟର ଅଭାବ ଦେଖାଦେଇଥିବା ବେଳେ ବନ୍ୟା ପାଣି ଚାଷଜମିରେ ପ୍ରବେଶ କରି ବ୍ୟାପକ ଫସଲ କ୍ଷତି ଘଟାଇଛି। ଏଥିରେ ଚାଷୀମାନେ ଆର୍ଥିକ କ୍ଷତିକୁ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ସଡ଼କରେ ସମାନ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାୟୀ ପଦକ୍ଷେପର ଅଭାବରୁ ବର୍ଷକୁ ବର୍ଷ ଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟବାସିନ୍ଦାମାନେ ରାସ୍ତାର ଉଚ୍ଚତା ବୃଦ୍ଧି, ଆବଶ୍ୟକ ସ୍ଥାନରେ ଅଧିକ କଲଭର୍ଟ କିମ୍ବା ସେତୁ ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଦୀର୍ଘମିଆଦି ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

# +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା

ଭୁବନେଶ୍ୱର, ୨୯।୭(ସମିସ): +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା ଆଜି ପ୍ରକାଶ ପାଇଛି। ଏହି ରାଉଣ୍ଡରେ ୫୩,୬୫୬ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୧,୮୭୯ ଜଣ ଛାତ୍ର, ୩୧,୭୭୩ ଜଣ ଛାତ୍ରୀ ମହିଳା ଓ ୪ ଜଣ ତୃତୀୟ-ଲିଙ୍ଗୀ ରହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର କଟ୍ଅଫ୍ ମାର୍କ ସର୍ବାଧିକ ରହିଛି। କଳାରେ ଇଂରାଜୀ ବିଷୟ ପାଇଁ ୯୪.୮୦% ରହିଥିବା ବେଳେ ବିଜ୍ଞାନରେ ପଦାର୍ଥ ବିଜ୍ଞାନ ପାଇଁ ୯୫.୬୭% ମାର୍କ ରହିଛି। ସେହିପରି ଜୀବ ବିଜ୍ଞାନରେ ୯୩.୫୦%, ବାଣିଜ୍ୟରେ ୯୧.୮୩%, ଶାସ୍ତ୍ରୀରେ ୫୮.୨୯%, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସର ୯୨% କଟଅଫ୍ ରହିଛି। ଆଇନ ପାଠ୍ୟକ୍ରମରେ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ଏଲ୍ଏଲ୍‌ବି ପାଠ୍ୟକ୍ରମ ପାଇଁ ୮୬.୫୦% କଟଅଫ୍ ଯାଇଛି। ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ଅଗଷ୍ଟ ୧ ତାରିଖ ସୁଦ୍ଧା ନାମଲେଖା ସାରିବେ। ଚଳିତ ବର୍ଷ ସ୍ନାତକରେ ନାମଲେଖା ପାଇଁ ମୋଟ ୨,୮୭,୫୧୯ଟି ସିଟ୍ ରହିଛି। ପ୍ରଥମ ରାଉଣ୍ଡରେ ୮୮,୪୮୦ ଏବଂ ଦ୍ୱିତୀୟ ରାଉଣ୍ଡରେ ୩୦,୧୫୦ ଛାତ୍ରଛାତ୍ରୀ ନାମଲେଖାଇଛନ୍ତି।

## ବୈତରଣୀ ଓ କାଣୀ ବନ୍ୟାରେ ଉବୁଟୁବୁ ଦଶରଥପୁର

# ଡୋଭାବିଲ ପଟଣାସାହିରେ ୩ ଶହ ଫୁଟର ଘାଇ

ଯାଜପୁର/ଦଶରଥପୁର/କୟାଁଗୋଲା, ୨୯।୭ (ସମିସ): ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବଡ଼ ବନ୍ୟା ଆସିବା ଯୋଗୁ ଅଧା ଦଶରଥପୁର ବ୍ଲକର ହଜାର ହଜାର ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ତରପଦା ପଞ୍ଚାୟତ ଡୋଭାବିଲ ଗ୍ରାମ ପଟଣାସାହି ନିକଟରେ କାଣୀ ନଦୀର ଡାହାଣ ପାଶ୍ୱର୍ ବନ୍ଧରେ ପାଖାପାଖି ୩ ଶହ ଫୁଟ ଆକାରର ଘାଇ ସୃଷ୍ଟି ହୋଇଛି। ଘାଇ ଯୋଗୁ ଦଶରଥପୁର ବ୍ଲକର ତରପଦା, ଛଞ୍ଚିଣା, ମଲ୍ଲିକାପୁର, କସପା, ଦଶରଥପୁର, ଦୁଦୁରାଅନ୍ତା, କନିକାପଡା, ଶୁଶୁଆ, ନିଜାମପୁର, ଖାନନଗର, କମାରଡିହି, କୟାଁ, ବିରିପଟା, ଜାଫରପୁର, ପାଲଟପୁର, ମଙ୍ଗଳପୁର ଆଦି ପଞ୍ଚାୟତର ୪୦ହଜାରରୁ ଅଧିକ ଲୋକ ପ୍ରଭାବିତ ହେବାର ଆଶଙ୍କା ବୃଦ୍ଧିପାଇଛି। ସେହିପରି ବୈତରଣୀ ନଦୀରେ ବଡ଼ ବନ୍ୟା ଯୋଗୁ ବ୍ଲକର କଟିକଟା, ଜୟନ୍ତରା, ଦଉପୁର, ଖାନନଗର, ନିଜାମପୁର, କମାରଡିହି ଓ କୟାଁ ପଞ୍ଚାୟତରେ ସ୍ଥିତି ସଂଗୀନ ହୋଇପଡିଛି। କଟିକଟା ମାଝୀ ସାହି ଓ ତରାଇ ସାହି ନିକଟ ବୈତରଣୀ ନଦୀ ବନ୍ଧ ଉପରେ ୫ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେବା ସହିତ ଉଭୟ ସାହିରେ ବନ୍ୟା ଜଳ ପ୍ରବେଶ କରିବାରୁ ଏନ୍ଡିଆରଏଫ୍ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରିଛନ୍ତି। ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହି ଘେରିବନ୍ଧ ଅତିକ୍ରମ କରି ସୋମବାର ରାତିରୁ ବନ୍ୟା ଜଳ ଜନବସତିରେ ପ୍ରବେଶ କରିବାରୁ ଜୟନ୍ତରା ଗ୍ରାମର ମହାପାତ୍ର ସାହି ଓ ବ୍ରାହ୍ମଣ ସାହିରେ ମଙ୍ଗଳବାର ସକାଳୁ ପ୍ରଶାସନ ପକ୍ଷରୁ ଏନ୍ଡିଆରଏଫ ଟିମ୍ ଉଭୟ ସାହିରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିଥିବା ପରିଲକ୍ଷିତ ହୋଇଛି। ସେହିପରି କାଣୀ ନଦୀର ଜଙ୍ଗଲିସାହି, ବ୍ରହ୍ମଚାରୀପାଟଣା, ପଛପଡା ସମେତ ମଲ୍ଲିକାପୁର, ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡାକୁ ସଂଯୋଗ କରୁଥିବା ନଦୀ ବନ୍ଧ ବନ୍ୟା ପାଣିରେ ଉବୁଟୁବୁ ହେଉଥିବା ଦେଖିବାକୁ ମିଳିଛି। ବ୍ଲକ ବନ୍ୟା ନିୟନ୍ତ୍ରଣ ବିଭାଗ ଦାୟିତ୍ୱରେ ଥିବା ଜରୁରୀକାଳୀନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ସୁଦ୍ଧା ବ୍ଲକର କଟିକଟା, ଜୟନ୍ତରା, ଦଉପୁର, କସପା, କୟାଁ ଆଦି ପଞ୍ଚାୟତର ୧୦ଟି ଆଶ୍ରୟସ୍ଥଳରେ ୧୭୨୨ଜଣ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରାଯାଇ ଥଇଥାନ କରାଯିବା ସହିତ ସେମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ମଧ୍ୟାହ୍ନରେ କାଣୀ ଜଙ୍ଗଲିସାହି ନିକଟ ନଦୀ ବନ୍ଧ ଉପରେ ହଠାତ ୮ ଫୁଟ ଆକାରର ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ଉକ୍ତ ଗର୍ତ୍ତକୁ ବାଲିବସ୍ତା ମାଧ୍ୟମରେ ମରାମତି କରାଯିବାରୁ ସେଠାରେ ଆଉ ଗୋଟିଏ ଘାଇ ସୃଷ୍ଟି ହେବାର ବିପଦ ଟଳିଥିଲା।



# ଲଗାଣ ବର୍ଷାରେ ଭାଙ୍ଗିଲା ଘର





**ସମ୍ବଲପୁର, ୨୯।୭ (ସମିସ)**

ଗତ ଦୁଇଦିନ ଧରି ଲାଗି ରହିଥିବା ଲଗାଣ ବର୍ଷାରେ ସମ୍ବଲପୁର ସହରରେ ଜଳ ନିଷ୍କାସିତ ହୋଇ ନ ପାରି ରାସ୍ତାରେ ପାଣି ବହିବାସହ ଘର ମାନଙ୍କରେ ପଶିଛି। ଏହାସହ କେତେକ ୱାର୍ଡରେ କଚ୍ଚା ଘର ଭାଙ୍ଗିଯାଇଛି। ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରବଳ ବର୍ଷା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକବର୍ଷା ହୋଇଥିବା ଜିଲ୍ଲାର ବ୍ଲକ ମାନଙ୍କରେ ପାଣି ଜମା ହେବାସହ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷା ଯୋଗୁଁ କେତେକ ସ୍ଥାନରେ କ୍ଷେତରେ ପାଣି ମାଡ଼ିଯାଇଛି। ତେବେ ଜିଲ୍ଲାରେ ପକ୍କା ଓ କଚ୍ଚା ଘର ଭାଙ୍ଗିବା ଏବଂ ଫସଲ କ୍ଷୟକ୍ଷତି ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

ସମ୍ବଲପୁରରେ ସୋମବାରଠାରୁ ଲଗାଣ ବର୍ଷା ଲାଗିରହିଛି। ଆଜି ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଧନକଉଡ଼ା ବ୍ଲକରେ ସର୍ବାଧିକ ୧୬୬.୪ ମିମି ବର୍ଷା ହୋଇଥିବାବେଳେ ସମ୍ବଲପୁର ମହାନଗର ଅଞ୍ଚଳ (ଠେମରା)ରେ ୧୪୮.୪ ମିମି, ରେଢ଼ାଖୋଲ ବ୍ଲକରେ ୧୪୫.୦ ମିମି, ନାକଟିଦେଉଳ ବ୍ଲକରେ ୧୩୨.୦ ମିମି, ସମ୍ବଲପୁର ମହାନଗର ଅଞ୍ଚଳ (ଦୁର୍ଗାପାଲି)ରେ ୧୩୧.୨ ମିମି ଏବଂ ଯୁଯୋମୁରା ବ୍ଲକରେ ୧୧୭.୪ ମିମି ବର୍ଷା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୩ ତାରିଖ ସମ୍ବଲପୁର ମହାନଗର ଅଞ୍ଚଳରେ ୧୩୯.୩ ମିମି, ୬ ତାରିଖ ୨୨୦ ମିମି ଓ ୧୭ ତାରିଖ ୧୨୫ ମିମି ବର୍ଷା ରେକର୍ଡ ହୋଇଥିଲା। ଏହାବ୍ୟତୀତ ଜିଲ୍ଲାର ଯୁଯୋମୁରା ବ୍ଲକ ଅଞ୍ଚଳରେ ଗତ ୨୬ ତାରିଖ ୨୭୫.୪ ମିମି ବର୍ଷା ରେକର୍ଡ ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ।

ସମ୍ବଲପୁର ସହରର ଡ୍ରେନ ଏବଂ ଜଳସ୍ରୋତ ଅବରୋଧ ଯୋଗୁଁ ମୁଖ୍ୟରାସ୍ତା ସହ ଗଳିକନ୍ଦିରେ ପାଣି ଜମାହୋଇ ଲହଡ଼ି ଭାଙ୍ଗୁଛି। କୃତ୍ରିମ ବନ୍ୟା ପରିସ୍ଥିତି ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବାସହ ଘରର ଆସବାବ ପତ୍ର ନଷ୍ଟ ହୋଇ କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରବଳ ଓ ଲଗାଣ ବର୍ଷାଜଳ ନିଷ୍କାସିତ ହୋଇନପାରି ବିଭିନ୍ନ ଅଞ୍ଚଳରେ ରାସ୍ତା ଉପରେ ପ୍ରାୟ ଦେଢ଼ରୁ ୨ ଫୁଟ୍ ପାଣି ଲହଡ଼ି ମାରୁଛି। ଅନ୍ୟପକ୍ଷରେ ବୁଧବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଡ୍ୟାମର ମାତ୍ର ୨ଟି ଗେଟ୍ ଖୋଲାଥିବାବେଳେ ଜଳସ୍ତର ୬୨୮ ଫୁଟ୍ ପାଖାପାଖି ହେଲାଣି। ମହାନଦୀ ଫୁଲିଥିବାବେଳେ ଅଧିକ ଗେଟ୍ ଦେଇ ଜଳ ନିଷ୍କାସନ କରାଗଲେ ସେହିସମୟରେ ବର୍ଷା ସହର ସକାଶେ ବାଧକ ହେବ। ପଛୁଆ ପାଣି ବନ୍ୟା ପରିସ୍ଥିତି ସୃଷ୍ଟି କରିବ। ଏଥିସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି।

### ଲଗାଣବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି

# ଆୟୁକ୍ତଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

**ସମ୍ବଲପୁର, ୨୯।୭ (ସମିସ) :** ଲଗାଣ ବର୍ଷା ଫଳରେ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ଓ ବନ୍ୟା ସଦୃଶ ପରିସ୍ଥିତି ନେଇ ଆଜି ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ପ୍ରତିନିଧି ଦଳ ସହରର ବିଭିନ୍ନ ୱାର୍ଡରେ ବର୍ଷାଜଳ ନିଷ୍କାସନ ଅବ୍ୟବସ୍ଥା, ଡ୍ରେନ୍‌ଗୁଡ଼ିକରେ ପଙ୍କ ଜମି ରହିବା, ନିମ୍ନାଞ୍ଚଳରେ ଦୀର୍ଘ ସମୟ ଧରି ପାଣି ଜମି ରହିବା ଏବଂ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ପ୍ରସଙ୍ଗ ଉଠାଇଥିଲେ। ଅନେକ ବସ୍ତି ଓ ଆବାସିକ ଅଞ୍ଚଳରେ ବର୍ଷା ଜଳ ଘରେ ପଶିବା ସହ ଯାତାୟାତ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରୀ ମହାନ୍ତି ସହରରେ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥାକୁ ସକ୍ରିୟ କରିବା, ପମ୍ପିଂ ମାଧ୍ୟମରେ ଜମା ପାଣି ହଟାଇବା, ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବିପଦଜନକ ସ୍ଥାନଗୁଡ଼ିକରେ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବାସହ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଦେବାକୁ ଦାବି କରିଥିଲେ। ବର୍ଷା ପରବର୍ତ୍ତୀ ସମୟରେ ଡେଙ୍ଗୁ ଓ ଅନ୍ୟାନ୍ୟ ଜଳବାହିତ ରୋଗର ଆଶଙ୍କାକୁ ଦୃଷ୍ଟିରେ ରଖି ନିୟମିତ ଫଗିଂ, ବ୍ଲିଚିଂ ପାଉଡର ଛିଞ୍ଚିବା ଏବଂ ଔଷଧ ସିଞ୍ଚନ କରିବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ସେହିପରି ସହରର ଦୀର୍ଘଦିନର ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ଶୀଘ୍ର କାର୍ଯ୍ୟକାରୀ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ପ୍ରତିନିଧି ଦଳରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଧିରେନ ଦେବତା, ସମ୍ପାଦକ ଜୟନ୍ତ ପଟ୍ଟନାୟକ, ସୁନୀଲ ଖଣ୍ଡେଲୱାଲ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ମିଲନ ହୋତା, ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପଟେଲ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଜୋନ୍ ସମ୍ପାଦକ ସନ୍ଦୀପ ମହାନ୍ତି, ପ୍ରେମାନନ୍ଦ ମିଶ୍ର, ସାୟଦ ହିଦ୍ୟାତୁଲ୍ଲାହ, ଆଶିଷ ଦଉଗୌଡ଼, ସୁବାଷ ବେହେରା, ରାଜୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ହୀରାକୁଦ ଜଳସ୍ତର ବଢ଼ିଲା

**ସମ୍ବଲପୁର, ୨୯।୭ (ସମିସ) :** ହୀରାକୁଦ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇଛି। ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ସେକେଣ୍ଡ ପ୍ରତି ୨, ୯୩, ୩୦୪ କ୍ୟୁସେକ୍ ଜଳ ପ୍ରବେଶ କରୁଛିଫ ଏହାଦ୍ୱାରା ହୀରାକୁଦ ଜଳସ୍ତର ଆଜି ୬୧୭ ଫୁଟ୍ ଟପିଛି। ସମ୍ପ୍ରତି ହୀରାକୁଦର ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୫୦.୧୭ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯୭.୪୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ହୀରାକୁଦ ମୁଖ୍ୟବନ୍ଧ ଓ ଅପର୍ ମହାନଦୀ ବେସିନ୍ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି, ବର୍ତ୍ତମାନ ଗେଟ୍ ଖୋଲାଯିବନି। ତଳମୁଣ୍ଡରେ ବନ୍ୟା ପରିସ୍ଥିତି ରହିଛି। ଖଇରମାଲଠାରେ ୮ ଲକ୍ଷ କ୍ୟୁସେକ୍‌ରୁ ଅଧିକ ଜଳ ପ୍ରବାହିତ ହେଉଛି, ତାହା ମୁଣ୍ଡଲୀରେ ପହଞ୍ଚିବ। ତଳମୁଣ୍ଡରେ ସ୍ଥିତି ସୁଧୁରିଲେ ବିଚାରବିମର୍ଶ କରି ପାଣି ଛଡ଼ାଯିବ। ହୀରାକୁଦ ନଦୀବନ୍ଧ ନିକଟବର୍ତ୍ତୀ ଅଞ୍ଚଳରେ ବନ୍ୟା ସ୍ଥିତି ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୯୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨, ୯୩, ୩୦୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୪, ୪୮୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୦୯୬୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୨୦୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୨୦୭୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୩୪, ୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩, ୦୯, ୫୦୨ କ୍ୟୁସେକ୍, ଖଇରମାଲଠାରେ ୮, ୩୦, ୦୦୦ କ୍ୟୁସେକ୍, ବଡ଼ମୂଳଠାରେ ୬, ୫୨, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୫, ୮୭, ୫୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଟା ଘା’ରେ ଚୂନ ସଦୃଶ : ବିଜେଡି

**ସମ୍ବଲପୁର, ୨୯।୭ (ସମିସ) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ତାଙ୍କୁ ଦିଆଯାଇଥିବା ଭବ୍ୟ ସମ୍ବର୍ଦ୍ଧନାକୁ ନେଇ କଡ଼ା ସମାଲୋଚନା କରିଛି ବିଜେଡି। ଦେଶର ଛାତ୍ରଛାତ୍ରୀ ଓ ଆଶାୟୀମାନେ ନିର୍ଯାତିତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଇସ୍ତଫା ଦେଇଥିବା ନେତାଙ୍କୁ ସମ୍ବର୍ଦ୍ଧିତ କରିବା ଅତ୍ୟନ୍ତ ନିନ୍ଦନୀୟ। ଏହି ସମ୍ବର୍ଦ୍ଧନା ପୀଡ଼ିତ ଛାତ୍ରଛାତ୍ରୀଙ୍କ କଟା ଘା’ରେ ଚୂନ ଦେବା ଭଳି ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ ମତପ୍ରକାଶ କରାଯାଇଛି।

ଆଜି ସମ୍ବଲପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ସାରା ଦେଶରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପରୀକ୍ଷାରେ ଅନିୟମିତତା ଯୋଗୁଁ ଦେଶର ପ୍ରାୟ ୨୨ ଲକ୍ଷ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକ ମାନସିକ ଚାପ ଓ ନିରାଶା ମଧ୍ୟରେ ଗତି କରୁଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବର ଆକ୍ରମଣ, ଲାଠିଚାଳନା, ଲୁହବୁହା ଗ୍ୟାସ୍ ଓ ଛାତ୍ରୀଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାରକୁ ଦୃଢ଼ ନିନ୍ଦା କରାଯାଇଛି। ଏହି ସମ୍ବେଦନଶୀଳ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷତିଗ୍ରସ୍ତ ପରୀକ୍ଷାର୍ଥୀ ଓ ସେମାନଙ୍କ ପରିବାରକୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ବିମାନବନ୍ଦରରେ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିବାକୁ



ନେଇ କ୍ଷୋଭପ୍ରକାଶ କରାଯାଇଛି। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଦାବି ପ୍ରତି ସରକାର ସମ୍ବେଦନଶୀଳ ନୁହନ୍ତି ବୋଲି ଅଭିଯୋଗ କରି କେନ୍ଦ୍ରମନ୍ତ୍ରୀ କେବଳ ମନ୍ତ୍ରୀପଦରୁ ନୁହେଁ, ସାଂସଦ ପଦରୁ ମଧ୍ୟ ଇସ୍ତଫା ଦେବାକୁ ଇଂ. ପୂଜାରୀ ଦାବି କରିଛନ୍ତି।

ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମଧ୍ୟ ଭୁବନେଶ୍ୱରରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଆଯାଇଥିବା ସମ୍ବର୍ଦ୍ଧନାକୁ କଟୁ ସମାଲୋଚନା କରିଛନ୍ତି। ଛାତ୍ରଛାତ୍ରୀମାନେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଇସ୍ତଫା ଦେଇଥିବା ନେତାଙ୍କୁ ସମ୍ବର୍ଦ୍ଧନା ପୀଡ଼ିତ ଛାତ୍ରଛାତ୍ରୀଙ୍କ କଟା ଘା’ରେ ଚୂନ ଦେବା ସଦୃଶ। ଆମ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ସଦାବେଳେ ଶିଖାଇଛନ୍ତି ଯେ ରାଜନୀତି ଓ ସମାଜସେବା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ, ଏବଂ ସମାଜର କ୍ଷତି ହେଲେ ନିଜର ଭୁଲ୍ ସ୍ୱୀକାର କରିବା ଉଚିତ। ଯଦି ପ୍ରକୃତରେ ସେ ‘ରାଷ୍ଟ୍ରହିତ’ ପାଇଁ ତ୍ୟାଗ କରିଛନ୍ତି, ତେବେ କେବଳ ମନ୍ତ୍ରୀ ପଦରୁ ନୁହେଁ, ସାଂସଦ ପଦରୁ ମଧ୍ୟ ଇସ୍ତଫା ଦେବାର ଥିଲା ବୋଲି ବିଧାୟକ ମତ ରଖିଛନ୍ତି।

ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ ମଧ୍ୟ ଇସ୍ତଫା ଦେବାପରେ ଭୁବନେଶ୍ୱରରେ ଆସି ପହଞ୍ଚିଥିବା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହାସହ ସେ ରାଜ୍ୟର ପାଠ୍ୟପୁସ୍ତକରେ ହଜାର ହଜାର ସଂଖ୍ୟାରେ ତ୍ରୁଟି ପ୍ରସଙ୍ଗ ମଧ୍ୟ ଉପସ୍ଥାପନ କରିଛନ୍ତି।

# ପ୍ରବଳ ବର୍ଷାରେ ଚାଷ ଜମି କ୍ଷତିଗ୍ରସ୍ତ

**ସମ୍ବଲପୁର, ୨୯।୭ (ସମିସ):** ସମ୍ବଲପୁର ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଗତ ୨୫ ତାରିଖରେ ଯୁଯୁମୁରା ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷାରେ ଅନେକ ଚାଷୀଙ୍କ ଜମି ନଷ୍ଟ ହୋଇଛି। ଜମିରେ ବିରାଟ ଖାଇ ସୃଷ୍ଟି ହେବାରୁ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏନେଇ ଯୁଯୁମୁରା ଅଞ୍ଚଳବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉପଯୁକ୍ତ ତଦନ୍ତ ପରେ କ୍ଷତି ପରିମାଣ ଆକଳନ କରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଦାବି ପତ୍ର ଦେବା ସମୟରେ ଅରୁଣ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ଦିବ୍ୟାଂଶୀ ଟ୍ରଷ୍ଟର ସହଯୋଗ

**ସମ୍ବଲପୁର, ୨୯।୭ (ସମିସ) :** ସମ୍ବଲପୁରର ଗୋବିନ୍ଦତୋଲା ଅନ୍ତର୍ଗତ ବାସନ୍ତୀ ସିଂ ନିଜ ଚାରୋଟି ସନ୍ତାନଙ୍କୁ ନେଇ ଅତିଦୁଃଖରେ ଜୀବନ ଅତିବାହିତ କରୁଛନ୍ତି। ତାଙ୍କ ସ୍ୱାମୀ ମଧ୍ୟ ସେମାନଙ୍କୁ ଦୂରେଇ ଦେଇଛନ୍ତି। ନିଜ ମା’ସହ ସେ ଗୋବିନ୍ଦତୋଲାରେ ଭଡ଼ା ଘରେ ରହୁଛନ୍ତି। ଅତ୍ୟନ୍ତ ଗରିବ ହେତୁ ନିଜର ଗୁଜୁରାଣ ମେଣ୍ଟେଇବା କଷ୍ଟସାଧ୍ୟ ହୋଇପଡ଼ିଛି। ମୂଲ ଲାଗି ଯାହା କିଛି ମିଳେ ସେଥିରେ ହିଁ ୬ ପ୍ରାଣୀ ଚଳନ୍ତି। ଖବରପାଇ ଡା. ସୁଶୀଲ ବେହେରା, ନିହାଲ ସିଂ, ଦିବ୍ୟାଂଶୀ ଚାରିଟେବଲ ଟ୍ରଷ୍ଟର ସଦସ୍ୟ ସଦସ୍ୟା ମିତାଲି ପ୍ରିୟଦର୍ଶିନୀ, ଆର୍ତ୍ତତ୍ରାଣ ଶତପଥୀ, ସାମ୍ବାଦିକ ଧର୍ମେନ୍ଦ୍ର ପଟ୍ଟନାୟକ, ଅଜିତ ତ୍ରିପାଠୀ, ଦିବ୍ୟାଂଶୀ ଶତପଥୀ ଏବଂ ସନତ ରାଉତ ସେଠାରେ ପହଞ୍ଚି ଗୋଟାଏ ମାସର ରାସନ ସାମଗ୍ରୀ ସହ କିଛି ଆର୍ଥିକ ସହାୟତା ମଧ୍ୟ କରିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବାକୁ ପ୍ରଶାସନ ସହ ଆଲୋଚନା କରି ଉଦ୍ୟମ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ପରିବାରକୁ ପ୍ରତିଶ୍ରୁତି ଦିଆଯାଇଛି।

# ଦେବଝରଣରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ପାଇଁ ଦାବି

**ସମ୍ବଲପୁର, ୨୯।୭(ସମିସ):** ଯୁଯୁମୁରା ଦେବଝରଣ ଜଳପ୍ରପାତରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଦେବଝରଣ ବିକାଶମଞ୍ଚ ଦାବି କରିଛି। ମଞ୍ଚ ଆଜକୁ ୧୮ ବର୍ଷ ହେଲାଣି ଦେବଝରଣର ବିକାଶ ଦିଗରେ କାର୍ଯ୍ୟ କରୁଛି। ପ୍ରତି ବର୍ଷ ଏଠାରେ ଦୁର୍ଘଟଣା ଘଟି ଅନେକଙ୍କ ମୃତ୍ୟୁ ଘଟୁଛି। ବର୍ତ୍ତମାନ ପାଣିର ବେଗ ମଧ୍ୟ ଅଧିକ ରହିଛି। କିଛି ଦିନ ପୂର୍ବରୁ କିଛି ଜଣ ଗଭୀର ଝରଣାରେ ଗାଧୋଉଥିଲେ। ମଞ୍ଚ ପକ୍ଷରୁ ବାରଣ କରାଯାଇଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ତେଣୁ ଏଭଳି ସମୟରେ ଗାଧୋଇବାକୁ ବାରଣ କରିଛି ମଞ୍ଚ। ଏ ନେଇ ଯୁଯୁମୁରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦେବଝରଣରେ ସୁରକ୍ଷାବ୍ୟବସ୍ଥା କଡ଼ାକଡି, ପାଟ୍ରୋଲିଂ ସହ ସନ୍ଧ୍ୟା ୫ଟା ପରେ ପିକନିକ୍ ସ୍ଥାନକୁ ନ ଛାଡ଼ିବାକୁ ମଞ୍ଚ ଦାବି କରିଛି।

# ଯୁଯୁମୁରା ପଞ୍ଚାୟତ ସମିତ ବୈଠକରେ ଅଭିନବ ପ୍ରତିବାଦ

**ସମ୍ବଲପୁର, ୨୯।୭(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକରେ ଆୟୋଜିତ ପଞ୍ଚାୟତ ସମିତି ବୈଠକରେ ଆଜି ଏକ ଅଭାବନୀୟ ତଥା ଚର୍ଚ୍ଚିତ ଘଟଣା ଦେଖିବାକୁ ମିଳିଛି। ବିଡିଓ ରାଜେଶ୍ ଏକ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିଜେ ବିଡିଓ ଜନପ୍ରତିନିଧିଙ୍କ ତୀବ୍ର ଆକ୍ରୋଶର ଶିକାର ହୋଇଛନ୍ତି। ବ୍ଲକରେ ବିକାଶମୂଳକ କାର୍ଯ୍ୟ ପଛେଇ ଯାଇଥିବାରୁ ସମିତି ସଭ୍ୟ ଓ ସରପଞ୍ଚମାନେ କ୍ଷୋଭ ପ୍ରକାଶ କରିବା ସହ ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଇଛନ୍ତି। ଜନପ୍ରତିନିଧିମାନେ ବ୍ଲକ ଅଫିସ ପରିସରରେ ଥିବା ଶୌଚାଳୟକୁ ନିଜେ ସଫା କରିବା ସହ ନିୟମିତ ପରିଚାଳନା ପାଇଁ ଫିନାଇଲ, ବାଲଟି ଓ ଝାଡୁ ପ୍ରଦାନ କରିଥିଲେଫ ପୂର୍ବାହ୍ନରେ ସମିତି ବୈଠକ ଆରମ୍ଭ ହୋଇଥିଲା। ଏହି ସମୟରେ ଯୁଯୁମୁରା ବ୍ଲକ ବିଡିଓଙ୍କ ଉପରେ ବର୍ଷିଥିଲେ ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନଫ ଅଭିଯୋଗ କରିଥିଲେ ଯେ, ଜିଲ୍ଲାରେ ଯୁଯୁମୁରା ବ୍ଲକ ବିକାଶ କାମରେ ସବୁଠୁ ପଛୁଆ। ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ। ବିଡିଓ ବ୍ଲକକୁ ନିଜର ଜମିଦାରୀ ବୋଲି ଭାବୁଛନ୍ତି ଏବଂ ଜନପ୍ରତିନିଧିମାନଙ୍କ ସହିତ କୌଣସି ଆଲୋଚନା କରୁନାହାନ୍ତି। ନିଜ ଅଞ୍ଚଳର ସମସ୍ୟା କହିଲେ ବିଡିଓ ଶୁଣିବାକୁ ନାରାଜ। ଏଭଳି ମନୋଭାବ ଯୋଗୁଁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବ୍ଲକର ପ୍ରତ୍ୟେକ ବିଭାଗରେ ସମସ୍ୟା ଜଟିଳ ହେବାରେ ଲାଗିଛିଫ ଏପରିକି ଅଫିସ ପରିସରରେ ପରିମଳ ବ୍ୟବସ୍ଥା ଅତି କଦର୍ଯ୍ୟ’କ୍ ହୋଇପଡ଼ିଛି। ଅନ୍ୟପଟେ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା ଓ ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର ମଧ୍ୟ ବ୍ଲକ ପ୍ରଶାସନର ଅବହେଳାକୁ ନେଇ କଡ଼ା ସମାଲୋଚନା କରିଥିଲେ। ଜନପ୍ରତିନିଧିଙ୍କ ସହଭାଗିତାରେ ବ୍ଲକ ପ୍ରଶାସନ କାମ କଲେ ତୃଣମୂଳ ସ୍ତରରେ ସବୁ କାମ ହୋଇପାରିବ ଓ ସରକାରଙ୍କ ଯୋଜନାର ଲାଭ ଜନସାଧାରଣ ପାଇପାରିବେ। ହେଲେ ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ ଯୋଗୁଁ ବିଗତ ଦୁଇ ବର୍ଷ ଭିତରେ କୌଣସି ଉନ୍ନତିମୂଳକ ପ୍ରକଳ୍ପ ହୋଇପାରିଲା ନାହିଁ। ପଞ୍ଚାୟତ ସ୍ତରରେ ମଧ୍ୟ ଅଧିକାରୀମାନେ ଅବହେଳା କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଏହି ବୈଠକରେ ବ୍ଲକ ଅଧକ୍ଷା ମମତା ନାଏକ, ଏବିଡିଓ ବିଦ୍ୟାଧର ରାଉତରାୟ, ପଞ୍ଚାୟତ ସମିତି ଉପାଧକ୍ଷା ମନ୍ଦାକିନୀ ବିଶ୍ୱାଳ, ପଞ୍ଚାୟତ ପ୍ରତିନିଧି ପ୍ରମୁଖଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଜିପିଡିଓ ସୁଜାତା କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳବାଇ କର୍ମଚାରୀ ପୁରସ୍କୃତ

**ସମ୍ବଲପୁର, ୨୯।୭ (ସମିସ):** କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ୪ଜଣ ସଜାଗ କର୍ମଚାରୀଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନକରି ସମ୍ମାନିତ କରିଛନ୍ତି। ସେମାନେ ହେଲେ ଲୋକୋ ପାଇଲଟ୍ (ଟିଟିଲାଗଡ଼) ବାମାଦେବ କର୍ଣ୍ଣ, ସହାୟକ ଲୋକୋ ପାଇଲଟ୍ (ଟିଟିଲାଗଡ଼) ରାହୁଲ କୁମାର, ଟ୍ରାକ୍ ଖଇଣ୍ଟେନର୍ -୪ (କଣ୍ଟାବାଞ୍ଜି) ତ୍ରିନାଥ ସେଲମା ଏବଂ ଷ୍ଟେସନ ମ୍ୟାନେଜର (ଟିଟିଲାଗଡ଼) ବି. ପଟେଲ। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସାନସନୱାଲ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ପ୍ରଭାତ ସିଂହ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ପରିଚାଳନା) ଧୀରେନ୍ଦ୍ର ସିଂହ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଲିଙ୍ଗରାଜ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ‘ସମ୍ବଲପୁରୀ ଦିନ୍’ ପାଳନ ପାଇଁ ପ୍ରସ୍ତୁତି

**ସମ୍ବଲପୁର, ୨୯।୭ (ସମିସ):** ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଚାରପ୍ରସାର ଲକ୍ଷ୍ୟରେ ଚଳିତବର୍ଷ ସମ୍ବଲପୁରୀ ଦିନ୍‌କୁ ଅତ୍ୟନ୍ତ ଧୁମଧାମରେ ପାଳନ କରିବା ପାଇଁ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ସମ୍ବଲପୁରୀ ଏକତା ମଞ୍ଚର ପ୍ରୟାସରେ କେବଳ ସମ୍ବଲପୁର ନୁହେଁ, ବରଂ ସାରା ପଶ୍ଚିମ ଓଡ଼ିଶାର ୫୦ରୁ ଅଧିକ ସ୍ଥାନରେ ଏହି ଦିନ୍ ପାଳିତ ହେବ। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ, କ୍ଲବ, ସ୍କୁଲ ଓ ସାଧାରଣ ଜନତା ସାମିଲ ହେବା ପାଇଁ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁରୀ ଏକତା ମଞ୍ଚ ସଭାପତି ସୁଶାନ୍ତ ପୁରୋହିତ ଆହ୍ୱାନ ଦେଇଛନ୍ତି। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ସାଂସ୍କୃତିକ ମହାକୁମ୍ଭରେ ୫ ଶହରୁ ଉର୍ଦ୍ଧ୍ୱ କଳାକାର ଯୋଗଦେବାସହ ବ୍ୟୟ ଅଟକଳ ୧୦ ଲକ୍ଷ ଟଙ୍କା ରହିଛି। ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଶ୍ରୀ ପୁରୋହିତଙ୍କ ସହ କାର୍ଯ୍ୟକାରୀ ସଭାପତି ଭୋଳା ମହନ୍ତମ, ଉପଦେଷ୍ଟା ସମୀର ରଞ୍ଜନ ବାବୁ, ଉପଦେଷ୍ଟା ଡାକ୍ତର ସଞ୍ଜିବ କୁମାର ମିଶ୍ର ଓ କଳା ସଂଯୋଜକ ମନୋଜ ଚୌଧୁରୀ ମଞ୍ଚାସୀନ ଥିଲେ। ସୂଚନା ଅନୁଯାୟୀ, ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପଠାରେ ଅଗଷ୍ଟ ୧ ଓ ୨ ତାରିଖ ଦୁଇଦିନ ଧରି ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ‘ସମ୍ବଲପୁରୀ ଦିନ୍’ ପାଳନ କରାଯିବ। ପ୍ରଥମ ଦିନ ଅଗଷ୍ଟ ୧ ତାରିଖ ପୂର୍ବାହ୍ନରେ ବାଲିବନ୍ଧାରୁ ଏକ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ମ୍ୟୁନିସିପାଲିଟି ଛକରେ ପହଞ୍ଚିବ। ଏହାପରେ ଅପରାହ୍ନ ୩ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଦ୍ୱିତୀୟ ଦିନ ଅଗଷ୍ଟ ୨ ତାରିଖ ସକାଳ ୯ଟାରୁ ପାରମ୍ପରିକ ଝୋଟି ପ୍ରତିଯୋଗିତା ଏବଂ ପିଠା ପ୍ରତିଯୋଗିତା ହେବ। ଏଥିରେ ଗୃହିଣୀ ଓ ପ୍ରତିଯୋଗୀମାନେ ସମ୍ବଲପୁରୀ ପରମ୍ପରାର ଝଲକ ପ୍ରଦର୍ଶନ କରିବେ। ଝୋଟିରେ ୧ରୁ ୧୫ ବର୍ଷ ବୟସ୍କମାନେ ଗୁରୁବାର ଝୋଟି କରିବାକୁ ଥିବାବେଳେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗର ମହିଳାମାନେ ପାରମ୍ପରିକ ଝୋଟି କରିବେ। ଏହାସହ ବରିଷ୍ଠ କଳାକାରମାନେ ସମ୍ବଲପୁର ଓ ସମ୍ବଲପୁରୀ ଥିମ୍‌କୁ ନେଇ ଲାଇଭ୍ ପେଣ୍ଟିଂ କରିବେ। ଅପରାହ୍ନରେ କବି ଓ ସାହିତ୍ୟିକ ମାନଙ୍କୁ ନେଇ କବି ସମ୍ମିଳନୀ ଅନୁଷ୍ଠିତ ହେବ। ଅଗଷ୍ଟ ୨ ତାରିଖ ସନ୍ଧ୍ୟା ୫ଟାରୁ ଆରମ୍ଭ ହେବ ମୁଖ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଆକର୍ଷଣୀୟ ସମ୍ବଲପୁରୀ ଫ୍ୟାଶନ୍ ସୋ। ଏଥିରେ ଆଶିଷ କୁମ୍ଭାର ଓ ତାଙ୍କ ଟିମ୍‌ଙ୍କ ଦମଦାର ପ୍ରଦର୍ଶନ ସହିତ ୱିଙ୍ଗସ୍, ଫ୍ୟୁଚର ଫ୍ୟାଶନ୍ କ୍ରିୟୁ, ବି.ଏଚ୍. ଫ୍ୟାଶନ୍, ଆମ୍ବିସିଅସ୍ ଏକାଡେମୀ, ଆଇକୋନିକ୍ ଫ୍ୟାଶନ୍ ଏକାଡେମୀ, ଆଇକନ୍ ଫ୍ୟାଶନ୍ କ୍ରିୟୁ, ଫେସ୍ ଟୁ ଫେସ୍ ଏବଂ ରୋୟାଲ୍ ଫେସ୍ ଭଳି ପ୍ରସିଦ୍ଧ ଫ୍ୟାଶନ୍ ଟିମ୍ ଗୁଡ଼ିକ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ଓ ହସ୍ତତନ୍ତ ଶିଳ୍ପର ମହିମା ପ୍ରଦର୍ଶନ କରିବେ। ଏହାସହ ଚଳିତବର୍ଷଠାରୁ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ‘ସମ୍ବଲପୁରୀ ଫେଲୋସିପ୍’ ଲେଖା, ଗୀତ ଓ ନାଚରେ ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି।

# ସମ୍ବଲପୁରରେ ହେବ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ

**ସମ୍ବଲପୁର, ୨୯।୭ (ସମିସ) :** ସମ୍ବଲପୁରର ଅଇଁଠାପାଲିସ୍ଥିତ ଘରୋଇ ବସ୍‌ଷ୍ଟାଣ୍ଡ ପାଖରେ ପ୍ରାୟ ୫ ଏକର ପରିମିତ ଜମିରେ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ (ଆଇଏସ୍‌ବିଟି) ନିର୍ମାଣ କରାଯିବ। ରାଜ୍ୟ ପରିବହନ ନିଗମ ଓଏସ୍‌ଆର୍‌ଟିସି ବସ୍‌ସେବା ମଧ୍ୟ ଏଠାରୁ ପରିଚାଳିତ ହେବ। ଏହି ପ୍ରସ୍ତାବିତ ବସ୍ ଟର୍ମିନାଲରେ ୪୬ଟି ବସ୍ ବେ’ ସହିତ ଯାତ୍ରୀ ପ୍ରତୀକ୍ଷାଳୟ, ବିଶ୍ରାମ ସ୍ଥାନ ଓ କମର୍ସିଆଲ କମ୍ପ୍ଲେକ୍ସ ଏବଂ ଇଭି ଚାର୍ଜିଙ୍ଗ ଷ୍ଟେସନ ତଥା ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଏହାଦ୍ୱାରା ସମ୍ବଲପୁର ସହିତ ଆଞ୍ଚଳିକ ଓ ଆନ୍ତଃରାଜ୍ୟ ବସ୍ ଯୋଗାଯୋଗ ସୁଦୃଢ଼ ହେବାସହ ଯାତ୍ରୀମାନଙ୍କୁ ଉନ୍ନତ ଏବଂ ଅତ୍ୟାଧୁନିକ ପରିବହନ ସେବା ଯୋଗାଇ ଦିଆଯିବ। ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଏନ୍.ବି.ଏସ୍. ରାଜପୁତ ଏବଂ ଓଏସ୍‌ଆର୍‌ଟିସିର ଅତିରିକ୍ତ ସଚିବ ସଞ୍ଜୟ ବିଶ୍ୱାଳ ଆଜି ସମ୍ବଲପୁର ଗସ୍ତରେ ଅଇଁଠାପାଲି ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିଥିଲେ। ସେଠାରେ ପ୍ରାୟ ୫ ଏକର ଜମିରେ ଏଠାରେ ଏକ ନୂତନ ବସ୍ ଟର୍ମିନାଲ ନିର୍ମାଣ ସକାଶେ ପ୍ରସ୍ତାବ ରହିଛି। ଏଥିସହିତ ପ୍ରମୁଖ ସଚିବ ଶ୍ରୀ ରାଜପୁତ ମୁଦିପଡ଼ା ବସ୍ ଟର୍ମିନାଲ ପରିଦର୍ଶନ କରି ପ୍ରସ୍ତାବିତ ନୂତନ ବସ୍ ଟର୍ମିନାଲ ନିର୍ମାଣ ସମ୍ପର୍କରେ ଆଲୋଚନା କରିଛନ୍ତି। ମୁଦିପଡ଼ା ବସ୍ ଟର୍ମିନାଲରେ ଏକ ନୂତନ ବସ୍ ଟର୍ମିନାଲ ପ୍ରତିଷ୍ଠା ଏବଂ ମୁଦିପଡ଼ାରେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ର ବସ୍ ସେବା ପରିଚାଳନା ହେବ ବୋଲି ଜଣାପଡ଼ିଛି। ସଚିବଙ୍କ ପରିଦର୍ଶନ ସମୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ସଦର ଉପଜିଲ୍ଲାପାଳ ଡାକ୍ତର ପୁଷ୍ପାଞ୍ଜଳି ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ, ସମ୍ବଲପୁର ରାମଦାସ ଟୁଡୁ ପ୍ରମୁଖ ସମ୍ପୃକ୍ତ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଜେଆରଡି ଟାଟାଙ୍କ ଜୟନ୍ତୀ ଅବସରରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ନୈତିକତା ଦିବସ

**ସମ୍ବଲପୁର, ୨୯।୭ (ସମିସ)**

ଟାଟା ଗ୍ରୁପ୍‌ର ନୈତିକତା, ସଚ୍ଚୋଟତା ଓ ରାଷ୍ଟ୍ର ଗଠନର ସମୃଦ୍ଧ ପରମ୍ପରାକୁ ଆଗେଇ ନେବା ଉଦ୍ଦେଶ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଭାରତରତ୍ନ ଜେହାଙ୍ଗୀର ରତନଜୀ ଦାଦାଭୋୟ (ଜେଆରଡି) ଟାଟାଙ୍କ ୧୨୨ତମ ଜନ୍ମ ଜୟନ୍ତୀ ଅବସରରେ ବୁର୍ଲାସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ‘ନୈତିକତା ଦିବସ’ ପାଳନ କରାଯାଇଛି। ଏହି ଅବସରରେ ସଂସ୍ଥାର କାର୍ଯ୍ୟଧାରା ଓ ଗ୍ରାହକ ସେବାର ପ୍ରତ୍ୟେକ କ୍ଷେତ୍ରରେ ନୈତିକ ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରିବା ପାଇଁ ସମସ୍ତେ ପୁନଃ ସଂକଳ୍ପବଦ୍ଧ ହୋଇଥିଲେ। ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ମୁଖ୍ୟ ନୈତିକତା ପରାମର୍ଶଦାତା ତଥା ମୁଖ୍ୟ ବାଣିଜ୍ୟିକ ଅଧିକାରୀ ପି.ପି. ତେନ୍ଦୁଲକର, ମୁଖ୍ୟ ଅପରେସନ୍ ଆଣ୍ଡ ସର୍ଭିସେସ୍ ଅଧିକାରୀ ପ୍ରଶାନ୍ତ ସିଂ, କଣ୍ଟ୍ରାକ୍ଟ ଏବଂ ଷ୍ଟୋର୍ସ ବିଭାଗ ମୁଖ୍ୟ ଅନୀଲ ଓଝାଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଜେଆରଡି ଟାଟା ଓ ଟାଟା ଗ୍ରୁପ୍‌ର ଅନ୍ୟତମ ପ୍ରତିଷ୍ଠାତାମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ



ଅର୍ପଣ କରିଥିଲେ। ଶ୍ରୀ ତେନ୍ଦୁଲକର ତାଙ୍କ ସ୍ୱାଗତ ଭାଷଣରେ ଜେଆରଡି ଟାଟାଙ୍କ ଭାରତୀୟ ଶିଳ୍ପ କ୍ଷେତ୍ର ପ୍ରତି ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ନୈତିକତା କେବଳ ଏକ ନୀତି ନୁହେଁ, ବରଂ ଏହା ଜୀବନ ଜିଇଁବାର ଏକ ପଦ୍ଧତି। ପ୍ରତ୍ୟେକ ବୃତ୍ତିଗତ ନିଷ୍ପତ୍ତି ଓ କାର୍ଯ୍ୟରେ ସଚ୍ଚୋଟତା, ନ୍ୟାୟପରାୟଣତା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ କରିଥିଲେ। ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଥିଲେ, ଶ୍ରୀ ଜେଆରଡି ଟାଟା ଆମକୁ ଶିଖାଇଛନ୍ତି ଯେ, ପ୍ରକୃତ ନେତୃତ୍ୱ କେବଳ ସଫଳତା ହାସଲ କରିବାରେ ନୁହେଁ, ବରଂ ସେହି ସଫଳତାକୁ କିପରି ହାସଲ କରାଯାଏ ତାହାରେ ନିହିତ। ନୈତିକତା ଓ ସଚ୍ଚୋଟତା ଆମର ପ୍ରତ୍ୟେକ ନିଷ୍ପତ୍ତିର ମୂଳ ଆଧାର ହେବା ଆବଶ୍ୟକ। ଟିପିଡବ୍ଲୁଓଡିଏଲ୍‌ରେ ଆମେ ସଚ୍ଚୋଟତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧ ସହିତ ଗ୍ରାହକଙ୍କୁ ସେବା ପ୍ରଦାନ କରି ତାଙ୍କ ଆଦର୍ଶକୁ ଆଗେଇ ନେବାକୁ ପ୍ରତିବଦ୍ଧ। କେବଳ କର୍ପୋରେଟ୍ କାର୍ଯ୍ୟାଳୟ ନୁହେଁ ବରଂ କମ୍ପାନୀର ସମସ୍ତ ପାଞ୍ଚଟି ମଣ୍ଡଳ କାର୍ଯ୍ୟାଳୟରେ ମଧ୍ୟ ‘ନୈତିକତା ଦିବସ’ ପାଳନ କରାଯାଇଛି। ଏହି ଅବସରରେ କର୍ମଚାରୀମାନେ ଟାଟା ଆଚରଣବିଧି ପାଳନ ସହିତ ନୈତିକତା, ସମ୍ମାନ ଓ ଦାୟିତ୍ୱବୋଧ ଭିତ୍ତିକ ନେତୃତ୍ୱ ପ୍ରତି ପୁନର୍ବାର ସେମାନଙ୍କର ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ବିଦ୍ୟୁତ୍ ସେବା ପ୍ରଦାନ କରୁଥିବା ଟିପିଡବ୍ଲୁଓଡିଏଲ୍ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ପ୍ରଶାସନକୁ ପ୍ରାଧାନ୍ୟ ଦେଇ ଏକ ଆଧୁନିକ ଏବଂ ଭବିଷ୍ୟତମୁଖୀ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଗଠନ ଦିଗରେ କାର୍ଯ୍ୟ କରିଆସୁଛି। ଟାଟା ଗ୍ରୁପ୍‌ର ମୂଳ ଆଦର୍ଶକୁ ଅନୁସରଣ କରି ସଂସ୍ଥା ନିରନ୍ତର ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା, ଗ୍ରାହକଙ୍କ ବିଶ୍ୱାସ ଅର୍ଜନ ଏବଂ ସମାଜ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବାକୁ ପ୍ରୟାସ ଜାରି ରଖିଛି।

## ଜଳବନ୍ଦୀ ଅଞ୍ଚଳରୁ ପାଣି ନିଷ୍କାସନ

**ବଣାଇଁଗଡ଼, ୨୯।୭(ସମିସ):** ଗତ କିଛିଦିନ ଧରି ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁଁ ବଣାଇଁ ଉପଖଣ୍ଡର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ସ୍ଥିତିରେ ରହିଥିଲା। ବିଶେଷ କରି ସଦର ମହକୁମାର ଅନେକ ସରକାରୀ କାର୍ଯ୍ୟାଳୟ ଏବଂ କେନ୍ଦ୍ରିକଳା ଗ୍ରାମ ସମେତ ଅନେକ ଗ୍ରାମରେ ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ପଶିଯାଇଥିବାରୁ ସାଧାରଣ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାର ବଣାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପମ୍ପ ସାହାଯ୍ୟରେ ଜଳବନ୍ଦୀ ଘରଗୁଡ଼ିକରୁ ପାଣି ନିଷ୍କାସନ କାର୍ଯ୍ୟ କରାଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ଉଦ୍ୟମ କରି ଅନେକ ପରିବାରଙ୍କୁ ଜଳବନ୍ଦୀ ସମସ୍ୟାରୁ ଆଂଶିକ ମୁକ୍ତି ଦେଇଥିଲେ। ଏହି ଅବସରରେ ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଓ ତହସିଲଦାର ଶିବାଙ୍ଗୀ ଆନନ୍ଦ ପ୍ରଭାବିତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ସମୀକ୍ଷା କରିଥିଲେ। ସେମାନେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଭାବିତ ଅଞ୍ଚଳବାସୀ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରିବା ସହ ବର୍ଷା ଋତୁରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



### ପ୍ରତିଶ୍ରୁତିରେ ରହିଗଲା ଗୋପିସାହି ପୋଲ ନିର୍ମାଣ

## ଭରା ନଈରେ ୨ ରୋଗୀଙ୍କୁ ଉଦ୍ଧାର କଲା ପ୍ରଶାସନ



**କୋଇଡ଼ା, ୨୯।୭(ସମିସ)**

ବର୍ଷ ତମାମ୍ ଜୀବନକୁ ବାଜି ଲଗାଇ ଭରାନାଳ ପାର ହୋଇ ଯାଆନ୍ତି ଗ୍ରାମବାସୀ। କାରଣ ନାଳ ପାରି ହେଲେ ରହିଛି ଅଙ୍ଗନବାଡ଼ି ଠାରୁ ଆରମ୍ଭ କରି ସ୍କୁଲ୍, କଲେଜ୍, ମେଡିକାଲ୍, ବଜାର ଓ ଅନ୍ୟାନ୍ୟ ସେବା। ଆଉ ବର୍ଷା ଆସିଲେ ଗ୍ରାମ ସମ୍ପୂର୍ଣ୍ଣ ବିଚ୍ଛିନ୍ନ। ପୋଲ ପାଇଁ ବାରମ୍ବାର ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ତାହା ପୂରଣ ହୋଇପାରିନାହିଁ। ଫଳରେ ବିଗତ ବର୍ଷ ଭଳି ଚଳିତ ବର୍ଷ ବି କୋଇଡ଼ା ବ୍ଲକ ମାଲଦା ପଞ୍ଚାୟତର ଗୋପିସାହି ଗ୍ରାମ ଗତ ୪ ଦିନ ହେଲା ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ। ଫଳରେ ପ୍ରଶାସନ ପହଞ୍ଚି ଗାଁର ଦୁଇଜଣ ରୋଗୀଙ୍କୁ ଭରାନଈ ପାର କରି ମେଡିକାଲ ନେଇଛି।

ଏ ନେଇ ଗୁରୁତର ଭାବେ ରୋଗୀ ବିଛଣାରେ ପଡ଼ି ରହିଛନ୍ତି ଓ ସାମାନ୍ୟ ଚିକିତ୍ସା ମଧ୍ୟ ପହଞ୍ଚି ପାରୁନାହିଁ। ଖାଦ୍ୟ ପାନୀୟଜଳ ମଧ୍ୟ ସରିଯିବାରୁ ଏବେ ବାଡିରେ ଥିବା ପଣସ ମଞ୍ଜି ହିଁ ମେଣ୍ଟାଉଛି ଭୋକ। ବର୍ଷ ବର୍ଷ ଧରି ଏମିତି ବର୍ଷା ଦିନେ ପ୍ରଶାସନର ମନେପଡ଼େ ଗୋପିସାହି ଗାଁ କଥା। ସବୁବର୍ଷ ଦେଖାନ୍ତି ଅନେକ ସ୍ୱପ୍ନ ଦିଅନ୍ତି ଅନେକ ପ୍ରତିଶ୍ରୁତି ହେଲେ ସବୁ ମଉଳିଯାଏ। ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ ସବୁ ଏଠାକୁ ଆସି ଦେଖିଛନ୍ତି ହେଲେ ପୋଲ ନିର୍ମାଣ କରିବା ନେଇ କେବଳ ମିଛ ପ୍ରତିଶ୍ରୁତି ଦେଇ ଚାଲି ଯାଆନ୍ତି। ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲରେ ମଧ୍ୟ ଅଭିଯୋଗ କରି ଆସୁଛନ୍ତି ହେଲେ ଫଳ ଶୂନ। ଆଶ୍ଚର୍ଯ୍ୟର ବିଷୟ ଏ ଗ୍ରାମ ଧନ କୁବେର ଅଞ୍ଚଳ କୋଇଡା ଖଣି ଅଞ୍ଚଳର। ଯେଉଁଠି ବର୍ଷକୁ ୨୦ ହଜାର କୋଟି ରାଜସ୍ୱ ଯାଉଛି। ଡିଏମ୍‌ଏଫ ବିକାଶ ନାମରେ ରଙ୍ଗିନ୍ ଚିତ୍ର ଦେଖାଯାଉଛି ହେଲେ ବାସ୍ତବ ଚିତ୍ର ଭିନ୍ନ। ଆଜି ପ୍ରସାଶନ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ସାହାଯ୍ୟ ପ୍ରଦାନ ସହ ରୋଗୀଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛି।

## କଲୁଙ୍ଗା-ଗୁରୁଣ୍ଡିଆ ରାସ୍ତା ସାରା ଖାଲ



**ରାଉରକେଲା, ୨୮।୭(ସମିସ):** ସୋମବାର ରାତିରୁ ଲଗାଣ ବର୍ଷା ଯୋଗୁଁ ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୁନ୍ଦରଗଡ଼ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଏହି ପରିପ୍ରେକ୍ଷୀରେ ବେଦବ୍ୟାସ ଅନ୍ତର୍ଗତ କଲୁଙ୍ଗା ସ' ମିଲ ଛକରୁ ଗୁରୁଣ୍ଡିଆକୁ ଯାଇଥିବା ଏମଡିଆର-୨୬ ରାସ୍ତାର ଗୋଇଭଙ୍ଗା ଗ୍ରାମରୁ କଲୁଙ୍ଗା ରେଲୱେ ଫାଟକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୁଇବର୍ଷ ପୂର୍ବେ ପିଚୁ ହୋଇଥିବା ଏହି ରାସ୍ତାର ପିଚୁ ଲଗାଣ ବର୍ଷାରେ ଧୋଇଯିବା ସହ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଯାହା ଫଳରେ ଯାତାୟାତରେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି। ଏହି ଅଞ୍ଚଳରେ ଶତାଧିକ କଳକାରଖାନା ରହିଥିବାରୁ ଉକ୍ତ କଳକାରଖାନାକୁ ଦୈନିକ ଶହ ଶହ ମାଲବାହୀ ଟିପ୍ପର, ହାଇୱା ଯାତାୟାତ କରିଥାଏ। ଏହାଛଡା ରାଉରକେଲାରୁ ବଣାଇଁ, ଗୁରୁଣ୍ଡିଆ, ବିରକେରା, କଲୁଙ୍ଗାକୁ ମଧ୍ୟ ଯାତ୍ରୀବାହୀ ବସ ଯାତାୟାତ କରୁଛି। ଏହାଛଡା ଏହି ଅଞ୍ଚଳରେ ଥିବା ପ୍ରାୟ ୧୨ଟି ସରକାରୀ ବେସରକାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପ୍ରାୟ ୫ଟି ପଞ୍ଚାୟତର ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏବେ ରାସ୍ତା ଖରାପ ଯୋଗୁଁ ସେମାନଙ୍କ ଯାତାୟାତ ଏକ ପ୍ରକାର ବେହାଲ ହୋଇପଡ଼ିଛି।

## ଆର୍‌ଏସ୍‌ପିକୁ ଡିଏମ୍‌ଆର୍ ଗ୍ରେଡ୍ ପ୍ଲେଟ୍ ଉତ୍ପାଦନ ପାଇଁ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର

**ରାଉରକେଲା, ୨୯।୭(ସମିସ):** ଡିଫେନ୍ସ ମେଟାଲର୍ଜିକାଲ୍ ରିସର୍ଚ୍ଚ ଲାବୋରେଟୋରି (ଡିଏମ୍‌ଆରଏଲ), ଡିଆରଡିଓର ଏକ ପ୍ରମୁଖ ଲାବୋରେଟୋରି ସେଲ୍‌ଫକୁ ଉନ୍ନତ ପ୍ଲେଟ୍ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିଛି। ଏହା ରଣନୈତିକ ପ୍ରତିରକ୍ଷା ବ୍ୟବହାର ପାଇଁ ଭାରତର ସ୍ୱଦେଶୀ କ୍ଷମତାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ।

ଉକ୍ତ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଲାଇସେନ୍ସ ଚୁକ୍ତିନାମା ଅଧୀନରେ, ୮ ରୁ ୩୦ ମିଲିମିଟର ମୋଟେଇ ବିଶିଷ୍ଟ ଡିଏମଆର-୨୪୯ବି ଷ୍ଟିଲ୍ ପ୍ଲେଟ୍‌ର ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ସେଲ୍‌ଫର ରାଉରକେଲା ଇସ୍ପାତ କାରଖାନା ଏବଂ ଆଲୋୟ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁରକୁ ହସ୍ତାନ୍ତର କରାଯାଇଛି। ଏହି ଉଚ୍ଚ-ଶକ୍ତିସମ୍ପନ୍ନ ଷ୍ଟିଲ୍ ପ୍ଲେଟ୍‌ଗୁଡ଼ିକ ବିଶେଷ ନୌସେନା ନିର୍ମାଣରେ ବ୍ୟବହୃତ ହୁଏ। ଏହା ବ୍ୟତୀତ, ନୌସେନା ଜାହାଜ ଏବଂ ବୁଡ଼ାଜାହାଜ ନିର୍ମାଣରେ



ବ୍ୟବହାର ପାଇଁ ଡିଏମଆର-୨୪୯ଏ ଏବଂ ଡିଏମଆର-୨୪୯ ବିକେ ଗ୍ରେଡ୍ ଷ୍ଟିଲ୍ ବିଲେଟ୍‌ର ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ଆଲୋୟ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁରକୁ ହସ୍ତାନ୍ତର କରାଯାଇଛି।

ଏନ ଆଣ୍ଡ ଏସ୍‌ଏମ୍‌ର ମହାନିର୍ଦ୍ଦେଶକ ଡକ୍ଟର ଆର୍. ଭି. ହରପ୍ରସାଦ, ଡିଏମ୍‌ଆର୍‌ଏଲ୍‌ର ନିର୍ଦ୍ଦେଶକ ଡକ୍ଟର ଆର୍. ବାଲାମୁରଲିକ୍ରିଷ୍ଣନ୍‌ଙ୍କ ଉପସ୍ଥିତିରେ ଜୁଲାଇ ୨୧ ତାରିଖ ଦିନ ହାଇଦ୍ରାବାଦ ଠାରେ ସେଲ୍‌ଫକୁ ଉକ୍ତ ପ୍ରଯୁକ୍ତିବିଦ୍ୟା ଲାଇସେନ୍ସ ହସ୍ତାନ୍ତର କରିଥିଲେ। ସେଲ୍‌ଫ ପକ୍ଷରୁ, ଲାଇସେନ୍ସ ଚୁକ୍ତିନାମା ଦଲିଲଗୁଡ଼ିକୁ ଆଲୋୟ ଷ୍ଟିଲ୍ ପ୍ଲାଣ୍ଟର ନିର୍ବାହୀ ନିର୍ଦ୍ଦେଶକ ଏସ୍. ସୁବୋରାଜ, ସି.ଏମ୍.ଓର ମହାପ୍ରବନ୍ଧକ ଅନୁରାଗ ପ୍ରସାଦ ଏବଂ ଆର.ଏସ.ପି, ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟର ଭାରପ୍ରାପ୍ତ ମହାପ୍ରବନ୍ଧକ ଡକ୍ଟର ପ୍ରଶାନ୍ତ କୁମାର ପାଢ଼ୀ ଗ୍ରହଣ କରିଥିଲେ।

ଜୁଲାଇ ୨୯ ତାରିଖ ଦିନ ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ)ଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡକ୍ଟର ପାଢ଼ୀ କାରଖାନାର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆର.ଏସ.ପିର ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ବି. ଆର୍. ପାଲାଇଙ୍କୁ ଏହି ପ୍ରଯୁକ୍ତିବିଦ୍ୟା ଲାଇସେନ୍ସ ଦଲିଲ ହସ୍ତାନ୍ତର କରିଥିଲେ।

### ବଣାଇଁ ଆରସିଏମ୍‌ଏସ୍ ସାର ଆତ୍ମସାତ୍ ମାମଲା

## ପୂର୍ବତନ ସମ୍ପାଦକଙ୍କୁ ୨ ବର୍ଷ ଜେଲ୍

**ରାଉରକେଲା, ୨୯।୭(ସମିସ):** ବଣାଇଁ ଆଞ୍ଚଳିକ ସମବାୟ ବିପଣନ ସମିତି (ଆରସିଏମ୍‌ଏସ୍)ର ସାର ଆତ୍ମସାତ୍ ମାମଲାରେ ପୂର୍ବତନ ସମ୍ପାଦକ ଧୀରେନ୍ଦ୍ର କୁମାର ଶତପଥୀଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ବୁଧବାର ସୁନ୍ଦରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ସମ୍ବଲପୁର ଭିଜିଲାନ୍ସ ଥାନାରେ ହୋଇଥିବା ବଣାଇଁ ଆଞ୍ଚଳିକ ସମବାୟ ବିପଣନ ସମିତି (ଆରସିଏମ୍‌ଏସ୍)ର ସାର ଆତ୍ମସାତ୍ ମାମଲାର ଶୁଣାଣି ଶେଷ କରି ଏହି ରାୟ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଜଗତପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁର ନିବାସୀ ତଥା ବଣାଇଁ ଆରସିଏମ୍‌ଏସ୍‌ର ଅବସରପ୍ରାପ୍ତ ସମ୍ପାଦକ ଧୀରେନ୍ଦ୍ର କୁମାର ଶତପଥୀ ଗତ ୨୦୦୩-୦୪ ମସିହାରେ ଏନ୍‌ପିକେ ଓ ଡିଏପି ସାର ବାବଦରେ ୭୭, ୬୭୩ ଟଙ୍କା ୧୬ ପଇସା ଆତ୍ମସାତ୍ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ।

ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୨ ମାସ ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି। ତେବେ ରାୟ ପରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଛି।

ଏହି ମାମଲାର ତଦନ୍ତ ରାଉରକେଲା ଭିଜିଲାନ୍ସ ୟୁନିଟ୍‌ର ତତ୍କାଳୀନ ଡିଏସ୍‌ପି ଅକ୍ଷୟ କୁମାର ସାହୁ କରିଥିବା ବେଳେ ଅଭିଯୋଗକାରୀ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଶ୍ୟାମ ସୁନ୍ଦର ମିଶ୍ର ମାମଲା ପରିଚାଳନା କରିଥିଲେ। ସହକାରୀ ସରକାରୀ ଓକିଲ ସନ୍ଦୀପ ପଣ୍ଡା ତାଙ୍କୁ ସହଯୋଗ କରିଥିଲେ।

## ଶିରିଡି ସାଇ ସଂସ୍ଥାନ ପକ୍ଷରୁ ଗୁରୁପୂର୍ଣ୍ଣିମା

**ରାଉରକେଲା, ୨୯।୭(ସମିସ):** ବେଦବ୍ୟାସ ଶିରିଡି ସାଇ ସଂସ୍ଥାନ ପକ୍ଷରୁ ଟିସିଆଇ ଛକ ଠାରେ ଥିବା ଶିରିଡି ସାଇବାବାଙ୍କ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଆଜି ସକାଳ ୬ଟା ୪୫ ସମୟରେ ସାଇବାବାଙ୍କ କାକଡ ଆରତି ଅନୁଷ୍ଠିତ ହେବା ପରେ ୭ଟା ୩୦ ସମୟରେ ମଙ୍ଗଳସ୍ନାନ କରାଯାଇଥିଲା। ସେହିପରି ୧୨ଟା ସମୟରେ ବାବାଙ୍କ ମଧ୍ୟାହ୍ନ ଆରତି ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ସାଇଭକ୍ତ ବାବାଙ୍କ ଦର୍ଶନ କରିଥିଲେ। ସେହିପରି ରାଉରକେଲାର ହନୁମାନ ବାଟିକା ସ୍ଥିତ ସାଇ ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପୂଜକ ଅଜୟ ନନା ପୂଜାର୍ଚ୍ଚନା ଓ ଆରତୀ କରିଥିଲେ। ଗୁରୁ ପୂର୍ଣ୍ଣିମାରେ ସକାଳଠାରୁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା ଏବଂ ଧ୍ୟାନ ସମୟରେ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ସେକ୍ଟର-୨୦ ସ୍ଥିତ ସାଇ ମନ୍ଦିର ପରିସରରେ ମଧ୍ୟ ଗୁରୁପୂର୍ଣ୍ଣିମା ଅବସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବାବାଙ୍କ ପୂଜା ସହିତ ମନ୍ଦିର କମିଟି ଭକ୍ତଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ ମଧ୍ୟ କରିଥିଲା।

## ଏରିଅର ଓ ଏନ୍‌ଜେସିଏସ୍ ଚୁକ୍ତିନାମା ଦାବିରେ ସିଆଇଟିୟୁର ସ୍ୱାକ୍ଷର ଅଭିଯାନ ନିଷ୍ପତ୍ତି

**ରାଉରକେଲା, ୨୯।୭(ସମିସ):** ସ୍ଥାନୀୟ ଶ୍ରମିକ ଭବନଠାରେ ଏନ୍ ଏନ୍ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସିଆଇଟିୟୁର ଏକ ସମ୍ପାଦକ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ବସନ୍ତ ନାୟକ କଲିକତାଠାରେ ଅନୁଷ୍ଠିତ ଏସଡବ୍ଲ୍ୟୁଏଫ୍‌ଆଇ ବୈଠକ ଅନୁଯାୟୀ ୨ ମାସ ଧରି ୮ ଦଫା ଦାବିରେ ବ୍ୟାପକ ପ୍ରଚାର ଅଭିଯାନ ସହ ସମସ୍ତ ଶ୍ରମିକଙ୍କ ପ୍ରଚାର ଓ ସ୍ୱାକ୍ଷର ଅଭିଯାନ ପାଇଁ ନିଷ୍ପତି କରାଯାଇଛି। ବ୍ୟାପକ ଆନ୍ଦୋଳନ ସତ୍ତ୍ୱେ ୧୦ ବର୍ଷ ପରେ ମଧ୍ୟ ଶ୍ରମିକ ସ୍ୱାର୍ଥ ବିରୋଧ ଏମ୍‌ଓୟୁ ସ୍ୱାକ୍ଷର ଆଧାରରେ ୩୯ ମାସର ଏରିଅର ପ୍ରଦାନ କରାଗଲା ନାହିଁ କିମ୍ବା ଚୁକ୍ତିନାମା କରାଯାଇନାହିଁ। ୨୦୨୭ର ନୂତନ ଚୁକ୍ତିନାମା ପାଇଁ ଦାବିପତ୍ର ଦିଆଯିବାକୁ ସ୍ଥିର କରାଯାଇଛି। ୩୯ ମାସର ଏରିଅର ପ୍ରଦାନ ପାଇଁ ସିଆଇଟିୟୁ ସ୍ୱାକ୍ଷର କରିବା ସହ ନୂତନ ଏନଜେସିଏସ୍ ଚୁକ୍ତିନାମା ପାଇଁ ଦାବିପତ୍ର ପ୍ରଦାନ କରାଯିବ। ୩୯ ମାସର ଏରିଅର ସହ ଅତିରିକ୍ତ ଗୋଟିଏ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ଠିକା ଶ୍ରମିକଙ୍କୁ କେନ୍ଦ୍ରୀୟ ହାରରେ ମଜୁରି ପ୍ରଦାନ ସହ ଚାକିରିର ନିରାପତ୍ତା, ଏଚଆରଏ, ନାଇଟସିଫ୍ଟ ଭତ୍ତା, ଡିଏଏସଏ ପ୍ରମୁଖ କାର୍ଯ୍ୟକରୀ କରିବା, ବିଭିନ୍ନ ବିଭାଗ, ଆଇଜିଏଚ୍ ଓ ଟାଉନସିପରେ ଆଉଟ ସୋର୍ସକୁ ବନ୍ଦ କରିବା, ସେଲ୍‌ଫ ଓ ଆରଆଇଏନଏଲ୍‌ର ଘରୋଇକରଣ ବନ୍ଦ ଦାବିରେ ୨ ମାସ ଧରି ସ୍ୱାକ୍ଷର ଅଭିଯାନ ଚାଲିବ। ଆଇଜିଏଚ୍ ଓ ସହର ସେବାର ବ୍ୟାପକ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିନା ଆଲୋଚନା ତଥା ଅନାବଶ୍ୟକ ଭାବରେ ରାତି ଅଧରେ ବିଭିନ୍ନ ବିଭାଗକୁ ବଦଳି କରିବା ଦ୍ୱାରା ସାଧାରଣ ଶ୍ରମିକ ଆତଙ୍କିତ ତଥା ଠିକା ଶ୍ରମିକ ଅପସାରଣ ଦ୍ୱାରା ବିଭିନ୍ନ ବିଭାଗ ଭୁଲିବା ସମ୍ଭବ ନୁହେଁ। ଅଧିକାରୀମାନଙ୍କ ପାଇଁ କ୍ୟାଣ୍ଟିନ ବ୍ୟବସ୍ଥା ଥିବାବେଳେ ଶ୍ରମିକମାନଙ୍କୁ ଟ୍ରେନିଂ ସମୟରେ ଖର୍ଚ୍ଚକାଟ ନାମରେ ଖାଦ୍ୟ ବନ୍ଦ କରିବା ଅତ୍ୟନ୍ତ ସ୍ୱାର୍ଥକାତର ବ୍ୟବସ୍ଥା। ଏହାକୁ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ। ୨ମାସ ଧରି ପ୍ରଚାର ଅଭିଯାନ ପରେ ପରବର୍ତ୍ତୀ ସର୍ବ ଭାରତୀୟ ଆନ୍ଦୋଳନ ପାଇଁ ସିଆଇଟିୟୁ ପକ୍ଷରୁ ନିଷ୍ପତି ନିଆଯିବ। ଆୟୋଜିତ ବୈଠକରେ ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, ଜୀବନ ବରିହା, ପ୍ରଦୀପ ସେଠୀ, ସଂଗ୍ରାମ ସାମଲ, ପ୍ରଦୋଷ ପରିଡ଼ା, ପୀତାମ୍ବର ବେହେରା, ଶିବରାମ ବେହେରା, ପର୍ଶୁରାମ ଜେନା, ସନ୍ତୋଷ ବେହେରା, ସୁଦର୍ଶନ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ପି.କେ ଷଡଙ୍ଗି, ଅକ୍ଷୟ ରାଉତ, ସଞ୍ଜୟ ନାୟକ, ଜେ.କେ. ସାହୁ, ତ୍ରିଲୋଚନ ପାତ୍ର, ସନ୍ୟାସୀ ପ୍ରଧାନ, ଏସ.କେ. ବାରିକ, ସେକ୍ ରେହମାନ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ଗୁରୁତର ଆର୍‌ଏସ୍‌ପି କର୍ମଚାରୀଙ୍କ ସଫଳ ଅସ୍ତ୍ରୋପଚାର

**ରାଉରକେଲା, ୨୯।୭(ସମିସ):** ଆପାତକାଳୀନ ଚିକିତ୍ସା କ୍ଷେତ୍ରରେ ଏକ ଅସାଧାରଣ ସଫଳତା ହାସଲ କରି ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତରମାନେ ଜଣେ ଆର୍‌ଏସ୍‌ପି କର୍ମଚାରୀଙ୍କ ଗୋଡ଼କୁ ସଫଳତାର ସହ ବଞ୍ଚାଇ ପାରିଛନ୍ତି।



ସମ୍ପୃକ୍ତ କର୍ମଚାରୀ ଜଣକ ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଅକ୍ସିଜେନ୍ ପ୍ଲାଣ୍ଟର କର୍ମଚାରୀ ୫୪ ବର୍ଷର ଦେହାଦଲ୍ଲୀ ସେଠୀଙ୍କ ଆଣ୍ଠୁ ପାଖରେ ଗୁରୁତର ଆଘାତ ଲାଗିଥିବାରୁ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲର କାଜୁଆଲିଟି ବିଭାଗକୁ ନିଆଯାଇଥିଲା। ଅବସ୍ଥା ଏପରି ଥିଲା ଯେ, ଗୋଡ଼ କାଟିବାର ଆଶଙ୍କା ଦେଖାଦେଇଥିଲା।

ପହଞ୍ଚିବା ମାତ୍ରେ କାଜୁଆଲଟି ପ୍ରଭାରୀ ଡାକ୍ତର ଉଦୟ କିସ୍କୁଙ୍କ ତତ୍ତ୍ୱାବଧାନରେ କାଜୁଆଲଟି ଟିମ୍ ରୋଗୀଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଗୋଡ଼ ବଞ୍ଚାଇବାକୁ ଏକ ଜରୁରୀକାଳୀନ ଶଲ୍ୟଚିକିତ୍ସା ପାଇଁ ବିଭିନ୍ନ ବିଭାଗର ଡାକ୍ତରଙ୍କୁ ନେଇ ଟିମ୍ ହୋଇଥିଲା।

ଏହି ଜଟିଳ ଅସ୍ତ୍ରୋପଚାର ପ୍ରକ୍ରିୟା ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ତଥା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ କୁମାର ତିୱାରୀ ଏବଂ ପରାମର୍ଶଦାତା (ଅସ୍ଥିଶଲ୍ୟ) ଡାକ୍ତର ଶେଷକାନ୍ତ ରାଉତଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଯେଉଁଥିରେ ନର୍ସ ସହାୟତା କମଲାକର ଆମ୍ବାଟି ଯୋଗାଇଥିଲେ। ଡାକ୍ତର ମନୋରଞ୍ଜନ ସାମନ୍ତରାୟ ଏବଂ ଡାକ୍ତର ସି. କେ. କାଶୀଙ୍କୁ ନେଇ ଗଠିତ ଆନେସ୍ଥେସିଆ ଟିମ୍ ଅସ୍ତ୍ରୋପଚାର ସମୟରେ ନିରାପଦ ପରିଚାଳନା ସୁନିଶ୍ଚିତ କରିଥିଲେ।

ଅସ୍ତ୍ରୋପଚାର ପରେ ରୋଗୀ ରୋଗୀ ଜଣକ ବର୍ତ୍ତମାନ ନିରନ୍ତର ମେଡିକାଲ ତତ୍ତ୍ୱାବଧାନରେ ଆରୋଗ୍ୟ ଲାଭ କରୁଛନ୍ତି। ତାଙ୍କ ଗୋଡ଼ କାଟିବାକୁ ପଡ଼ିଲାନାହିଁ।

### ରାଉରକେଲା ଏନ୍‌ଆଇଟିରେ ଜାତୀୟ ସମ୍ମିଳନୀ

## ଜଳବାୟୁ ସହନଶୀଳ ସହର ଗଠନ ଉପରେ ଗୁରୁତ୍ୱାରୋପ

**ରାଉରକେଲା, ୨୯।୭(ସମିସ)**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ପୃଥିବୀ ଓ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ପକ୍ଷରୁ 'ସହରାଞ୍ଚଳରେ ଚରମ ପାଣିପାଗ ଘଟଣା: ସହରୀକରଣ ଓ ଭୂମି ବ୍ୟବହାର-ଭୂମି ଆବରଣ ପରିବର୍ତ୍ତନର ଭୂମିକା' ଶୀର୍ଷକ ତିନିଦିନିଆ ଜାତୀୟ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଛି। ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନ୍‌ଆର୍‌ଏଫ୍), ଆଟମୋସ୍ଫିୟର ଆଣ୍ଡ କ୍ଲାଇମେଟ୍ ରିସର୍ଚ୍ଚ-ମଡେଲିଂ ଆଣ୍ଡ ୱେଦର (ଏସିଆର୍‌ଏମ୍‌ଡବ୍ଲ୍ୟୁ) ଏବଂ ସେଣ୍ଟର ଫର୍ କ୍ଲାଇମେଟ୍ ଚେଞ୍ଜ୍ ରିସର୍ଚ୍ଚ (ସିସିସିଆର୍)ର ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତର ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ, ନୀତି ନିର୍ଦ୍ଧାରକ, ସହର ଯୋଜନାକାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ସମ୍ମିଳନୀର ପୃଷ୍ଠପୋଷକ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଭାରତୀୟ ଉଷ୍ମମଣ୍ଡଳୀୟ ପାଣିପାଗ ବିଜ୍ଞାନ ପ୍ରତିଷ୍ଠାନ



**ସହରାଞ୍ଚଳର ଚରମ ପାଣିପାଗ ଘଟଣା ଓ ସ୍ଥାୟୀ ସହର ଯୋଜନା ଉପରେ ଆଲୋଚନା**

(ଆଇଆଇଟିଏମ୍), ପୁନେର ନିର୍ଦ୍ଦେଶକ ଡ. ଏ. ସୂର୍ଯ୍ୟଚନ୍ଦ୍ର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶୋକ କାରୁମୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି ଡ. ଏ. ସୂର୍ଯ୍ୟଚନ୍ଦ୍ର ରାଓ କହିଥିଲେ ଯେ, ଭାରତରେ ସହର ଜନସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ପାଉଥିବାରୁ ସହରାଞ୍ଚଳରେ ବନ୍ୟା, ଉତ୍ତାପ ପ୍ରବାହ ଓ ବାୟୁ ପ୍ରଦୂଷଣ ଭଳି ସମସ୍ୟା ବଢ଼ୁଛି। କେନ୍ଦ୍ର ସରକାରଙ୍କ 'ମିଶନ୍ ମୌସମ୍' କାର୍ଯ୍ୟକ୍ରମ ଅଧୀନରେ ଉନ୍ନତ ପାଣିପାଗ ପୂର୍ବାନୁମାନ, କୃତ୍ରିମ ବୁଦ୍ଧିମତ୍ତା, ହାଇପର୍-ଲୋକାଲ୍ ଜଳବାୟୁ ମଡେଲିଂ ଓ ବୈଜ୍ଞାନିକ ସହର ଯୋଜନା ମାଧ୍ୟମରେ ଜଳବାୟୁ-ସହନଶୀଳ ସହର ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅଶୋକ କାରୁମୁରୀ ଜଳବାୟୁ ପରିବର୍ତ୍ତନ, ଭୂମି ବ୍ୟବହାର-ଭୂମି ଆବରଣର ପରିବର୍ତ୍ତନ ଓ ଚରମ ପାଣିପାଗ ଘଟଣା ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏନ୍‌ଆଇଟିର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧିମାନ, ବିଭାଗୀୟ ମୁଖ୍ୟ ପ୍ରଫେସର ନରେଶ କୃଷ୍ଣ ଭିସା ଓ ସହ-ଆବାହକ ପ୍ରଫେସର କୃଷ୍ଣ କିଶୋର ସୂରୀ ଉପସ୍ଥିତ ଥିଲେ। ସମ୍ମିଳନୀର ଅଧ୍ୟକ୍ଷ ଏବଂ ଆବାହକ ପ୍ରଫେସର ନାଗରାଜୁ ଚିଲୁକୋଟି ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ନରେଶ କୃଷ୍ଣ ଭିସା କହିଥିଲେ ଯେ, ପୃଥିବୀ ଓ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ବିଭିନ୍ନ ଜାତୀୟ ଗବେଷଣା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅବଦାନ ରଖିବା ସହ ପ୍ରତିଷ୍ଠା ପରଠାରୁ ୬୦୦ରୁ ଅଧିକ ଆନ୍ତର୍ଜାତିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଛି ବୋଲି କହିଥିଲେ।

### ୧୨ ଓ ୧୪ ବର୍ଷରୁ କମ୍ ଭାରତ୍ତୋଳନ ପ୍ରତିଯୋଗିତା

## ରାଉରକେଲା ରାଏମା କ୍ଲବର ଖେଳାଳିଙ୍କ ସଫଳତା

**ରାଉରକେଲା, ୨୯।୭(ସମିସ):** ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ଗତ ଜୁଲାଇ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ୨ୟ ଓଡ଼ିଶା ୧୨ ଓ ୧୪ ବର୍ଷରୁ କମ୍ ବର୍ଷର ବର୍ଗର ଭାରୋତ୍ତଳ ପ୍ରତିଯୋଗୀତା- ୦୨୬ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ରାଏମା କ୍ଲବର ୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।







ଚିନ୍ମୟ ସ୍କୁଲର ଛାତ୍ର କୋନେନ୍ ରାଜା ୪୫ କେଜି ଉତ୍ତୋଳନ କରି ପୁରୁଷ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଛେଣ୍ଡ ବିର୍ସାମୁଣ୍ଡା ସ୍କୁଲର ଛାତ୍ରୀ ସନ୍ଧ୍ୟା ଦାସ ୫୫ କିଲୋଗ୍ରାମ ଉତ୍ତୋଳନ କରି ବାଳିକା ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସେକ୍ଟର-୧୭ ମଧୁସୂଦନ ବିଦ୍ୟାପୀଠର ଛାତ୍ରୀ ତାରିଣୀ ସାହୁ ୫୫ କିଲୋଗ୍ରାମ ଓଜନ ଉତ୍ତୋଳନ କରି ମହିଳା ବିଭାଗରେ କାଂସ୍ୟ ପଦକ ହାସଲ କରିଥିଲେ। ରାଏମା କ୍ଲବର ଏନଆଇଏସ ପ୍ରଶିକ୍ଷକ ବିକ୍ରମ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀ ଭାରୋତ୍ତୋଳନ ଅଭ୍ୟାସ ଜାରି ରଖିଛନ୍ତି। ଅଲିଶା ମହାରଣା, ସୌମ୍ୟରଞ୍ଜନ ମହାନ୍ତି, ନକୁଳ ଶର୍ମା ପ୍ରମୁଖ ଦଳକୁ ସୁଚାରୁ ରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ। କୃତକାର୍ଯ୍ୟ ହୋଇଥିବା କୁନି ପ୍ରତିଭାଙ୍କୁ କ୍ରୀଡା ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ଶୁଭେଚ୍ଛା ଜଣାଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଖେଳକୁଦ ସଂଘର ସଭାପତି ପ୍ରଭାତ କୁମାର ଭୋଳ ଖେଳାଳୀମାନଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ରାଏମା କ୍ଲବର ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ, ସଭ୍ୟ ସନ୍ତୋଷ ଭୂୟାଁ, ରବୀନ୍ଦ୍ର ଗଣ୍ଡ, ଅରବିନ୍ଦ ନାୟକ, ପ୍ରଦ୍ୟୁମ୍ନ ଭୁତିଆ, ମାନସ ରଞ୍ଜନ ଦୀପ୍, ସମୀତା ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# ସମ୍ପାଦକୀୟ



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ
-ବନ୍ଦନା ଶିବା

ସକାଳ THE SAKALA

## ପ୍ରଦୂଷିତ ଭାରତ

ପରିବେଶ ସୁରକ୍ଷା ମାନଦଣ୍ଡରେ ଭାରତ ପୁଣି ଏକ ଅଲୋଡ଼ା ରେକର୍ଡ ହାସଲ କରିଛି। କଲମ୍ବିଆ ବିଶ୍ୱବିଦ୍ୟାଳୟ ଓ ୟେଲେ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ରକାଶିତ ୨୦୨୬ର ପରିବେଶ ପ୍ରଦର୍ଶନ ସୂଚକାଙ୍କରେ ୧୭୭ଟି ଦେଶ ମଧ୍ୟରୁ ଭାରତ ତଳଆଡ଼ୁ ଦ୍ୱିତୀୟ ଅର୍ଥାତ୍ ୧୭୬ ନଂରେ ରହିଛି। ଜଳବାୟୁ ପରିବର୍ତ୍ତନ, ପ୍ରମୁଖ ଦୀର୍ଘସ୍ଥାୟିତ୍ୱ ଆହ୍ୱାନ, ପରିବେଶର ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ, ବାୟୁ ଓ ପାନୀୟ ଜଳର ମାନ, ଜୈବବିବିଧତା, ଜଙ୍ଗଲର ସ୍ଥାୟିତ୍ୱ, ସବୁଜ ବାଷ୍ପ ହ୍ରାସ ଆଦି ୧୨ଟି ମୁଖ୍ୟ ପ୍ରସଙ୍ଗରେ ପ୍ରଦର୍ଶନକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ ହୋଇଛି। ଜାତିସଂଘ ଦ୍ୱାରା ଧାର୍ଯ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଜଳବାୟୁ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିନାମାର ସଂକଳ୍ପ ହାସଲ ଦିଗରେ ଅଗ୍ରଗତିର ଆତ୍ମସମୀକ୍ଷା ପାଇଁ ଉପରୋକ୍ତ ପରିବେଶ ପ୍ରଦର୍ଶନ ସୂଚକାଙ୍କ ବା ଇପିଆଇ ଏକ ମାନଦଣ୍ଡ ରୂପେ ପରିଗଣିତ ହୋଇଆସୁଛି। ଏହି ଆଧାରରେ ଇଷ୍ଟୋନିଆ ୭୪.୭୯ ନମ୍ବର ପାଇ ତାଲିକାର ଶୀର୍ଷ ସ୍ଥାନରେ ରହିଥିବା ବେଳେ ମୋଟ ୨୨.୪୬ ନମ୍ବର ପାଇ ଭାରତ ୧୭୬ତମ ସ୍ଥାନରେ ରହିଛି। ପ୍ରଥମ ଦଶଟି ଦେଶ ତାଲିକାରେ ୟୁରୋପୀୟ ଦେଶଗୁଡ଼ିକ ଆଧିପତ୍ୟ ବିସ୍ତାର କରିଛନ୍ତି।

ମୂଳ କଥା ହେଉଛି ଭାରତର ନୀତି ନିର୍ଦ୍ଧାରକମାନେ କୌଣସି ପରିସଂଖ୍ୟାନ କିମ୍ବା ସୂଚକାଙ୍କକୁ ଗୁରୁତ୍ୱର ସହ ଗ୍ରହଣ କରିବା ବଦଳରେ ଭାରତ ପ୍ରତି ବିଦେଶୀ ତତ୍ତ୍ୱର ଏକ ଷଡ଼ଯନ୍ତ୍ର ଭାବେ ବ୍ୟାଖ୍ୟାନ ସୃଷ୍ଟି କରିବାରେ ଅଧିକ ସମୟ ନଷ୍ଟ କରୁଛନ୍ତି। ତେଣୁ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଉଛି। ୨୦୨୨ରେ ଏହି ତାଲିକାରେ ଭାରତ ସର୍ବଶେଷରେ ସ୍ଥାନିତ ହେବା ପରେ ଭାରତର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତାଲିକା ପ୍ରସ୍ତୁତିର ମାନଦଣ୍ଡ ଓ ପ୍ରକ୍ରିୟାକୁ ଅବାନ୍ତର ବୋଲି ଅଭିହିତ କରି ତାଲିକାକୁ ଅସ୍ୱୀକାର କରିଥିଲା। ଫଳସ୍ୱରୂପ ଚାରିବର୍ଷ ପରେ ମଧ୍ୟ ମାତ୍ର ଗୋଟିଏ ପାହାଚ ଉପରକୁ ଉଠିବାରେ ଭାରତ ସକ୍ଷମ ହୋଇପାରିଛି। ଭାରତର ବେରୋଜଗାରୀ ହାର ୪୫ ବର୍ଷ ପଛକୁ ଚାଲିଯାଇଥିବା ଖୋଦ୍ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ପ୍ରକାଶ କରିଥିଲେ ମଧ୍ୟ ତାହାକୁ ସରକାର ଗ୍ରହଣ କରି ନଥିଲେ। ବାସ୍ତବ ସ୍ଥିତି କ'ଣ ତାହା ଆମ ଭିତରୁ ଅଧିକାଂଶ ଊଣାଅଧିକେ ଜ୍ଞାତ। ତେଣୁ ପରିସଂଖ୍ୟାନକୁ ଏଡ଼ାଇ ଗଲେ ବାସ୍ତବ ଚିତ୍ର ବଦଳିଯିବ ନାହିଁ।

୨୦୨୪ରେ ସୁଇଜରଲାଣ୍ଡ ଟେକ୍ନୋଲୋଜି କମ୍ପାନୀ 'ଆଏକ୍ୟୁଏୟାର' ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରଦୂଷଣ ରିପୋର୍ଟ ଅନୁସାରେ ବିଶ୍ୱର କୋଡ଼ିଏଟି ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୧୩ଟି ସହର ରହିଥିଲେ, ଯେଉଁଥିରେ ଆଜି ମଧ୍ୟ ସେଭଳି ଆଖିଦୃଶିଆ ସୁଧାର ଆସିନାହିଁ। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ଭାବରେ ଦିଲ୍ଲୀ କ୍ରମାଗତ ତାଲିକାର ପ୍ରଥମ ସ୍ଥାନରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଚାଲିଛି। ସର୍ବାଧିକ ପ୍ରଦୂଷିତ ଦେଶ ତାଲିକାରେ ମଧ୍ୟ ଭାରତର ସ୍ଥାନ ପଞ୍ଚମରେ ରହୁଛି। ଆସାମ୍-ମେଘାଳୟ ସୀମାନ୍ତ ସହର ବିର୍‌ନିହାଟ୍ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହରର କୁଖ୍ୟାତି ଅର୍ଜନ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ ବାୟୁମଣ୍ଡଳରେ ଏହି ଉପାଦାନର ଉପସ୍ଥିତି ସର୍ବାଧିକ ୫ରେ ରହିବା ଆବଶ୍ୟକ। ଯେଉଁ ପିଏମ୍୨.୫ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ସେହି ଆଧାରରେ ବର୍‌ନିହାଟ୍‌ର ବାୟୁମଣ୍ଡଳରେ ଏହାର ଉପସ୍ଥିତି ରହିଛି ୧୨୮.୨। ଦିଲ୍ଲୀ ବାୟୁ ପ୍ରଦୂଷଣର ପ୍ରତ୍ୟକ୍ଷ ଦୃଶ୍ୟ, ପ୍ରଭାବକୁ କ'ଣ ଅଣଦେଖା କରାଯାଇପାରେ?

ବିଡ଼ମ୍ବନା ହେଉଛି ଘଟଣା ଘଟି ସାରିବା ପରେ, ଏପରିକି ସାଂଘାତିକ ହେବା ପରେ ହିଁ ଆମ ଦେଶର ନୀତି ନିର୍ଦ୍ଧାରକମାନଙ୍କର ମୁଣ୍ଡରେ ଚେତା ପଶେ। ଦିଲ୍ଲୀ ବାୟୁ ପ୍ରଦୂଷଣ ଘଟଣା ଆକସ୍ମିକ ନୁହେଁ। ପ୍ରଦୂଷଣର କାରଣମାନ ମଧ୍ୟ ସମସ୍ତଙ୍କୁ ଜଣାଅଛି। ପ୍ରାୟ ପ୍ରତିବର୍ଷ ଏଭଳି ସ୍ଥିତି ସୃଷ୍ଟି ହେବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଏ ଏବଂ ଶୀତ ଦିନ ଯିବା ପରେ ସମସ୍ତେ ପରିସ୍ଥିତିକୁ ଭୁଲି ଯାଆନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘକାଳୀନ ଯୋଜନା ନ କରି କେବଳ ତାଳିପକା ବ୍ୟବସ୍ଥା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏକଦା ଚୀନ୍‌ର ବେଜିଂ ସହର ମଧ୍ୟ ବାୟୁ ପ୍ରଦୂଷଣରେ ସାରା ବିଶ୍ୱରେ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ଦୃଢ଼ ମନୋବଳ, କଡ଼ା ସରକାରୀ କଟକଣା ଓ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର କାର୍ଯ୍ୟାନୁଷ୍ଠାନର ନିରନ୍ତର ପ୍ରଭାବରେ ସେହି ସହର ଏବେ କେବଳ ସେହି ଅପଖ୍ୟାତିକୁ ଦୂରେଇଦେଇ ନାହିଁ, ବରଂ ଉତ୍ତମ ପ୍ରଦୂଷଣ ପରିଚାଳନାରେ ପ୍ରଶଂସା ସାଉଁଟିଛି। କିନ୍ତୁ ଭାରତରେ ଏଭଳି ରାଜନୈତିକ କିମ୍ବା ପ୍ରଶାସନିକ ତତ୍ପରତା ଦେଖାଯାଏ ନାହିଁ। ଅନେକ ଆଖିଦୃଶିଆ ଓ ଶ୍ରୁତିମଧୁର ଯୋଜନା ଘୋଷଣା ହେଉଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଏହାର ରୂପାୟନରେ ଆନ୍ତରିକତା ପ୍ରକାଶ ନ ପାଉଥିବାରୁ ଯୋଜନାର ଅସଲ ଉଦ୍ଦେଶ୍ୟ ସଫଳ ହୋଇପାରୁନାହିଁ।

କେବଳ ବାୟୁ ପ୍ରଦୂଷଣ ହିଁ ଭାରତର ଏକମାତ୍ର ସମସ୍ୟା ନୁହେଁ। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶର ୨୭୧ଟି ପ୍ରମୁଖ ନଦୀର ଜଳ ଅତ୍ୟଧିକ ପ୍ରଦୂଷିତ। ଓଡ଼ିଶାର ନଦୀଜଳ କେତେ ପ୍ରଦୂଷିତ ତାହା ଆମେ ଜାଣିଛେ। ସେହିଭଳି ରାସ୍ତାଘାଟ, ଗଳିକନ୍ଦିରେ କୁଢ଼ କୁଢ଼ ଅଳିଆ ଭାରତୀୟ ସହରରେ ଏକ ସ୍ୱାଭାବିକ ଘଟଣା। କଠିନ ବର୍ଜ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ସିଂହଭାଗ ଯୋଗଦାନ ରହୁଥିବା ବେଳେ ଏହାର ନିରାକରଣ କେବଳ ଭାଷଣବାଜି ଓ ନୀତି ଘୋଷଣାରେ ସୀମିତ ରହିଛି। ଅଧିକନ୍ତୁ ବିଶ୍ୱ ଶୀର୍ଷ ସମ୍ମିଳନୀରେ ବିକଶିତ ଦେଶମାନେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ହ୍ରାସ ପାଇଁ ସଂକଳ୍ପ ନେଇଥିବା ବେଳେ ଭାରତ ଅର୍ଥନୈତିକ କ୍ଷତି ଆଳ ଦେଖାଇ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ତେଣୁ ଆଜି ଯଦି ଭାରତ ପରିବେଶ ସ୍ୱଚ୍ଛତା ତାଲିକାରେ ସର୍ବଶେଷରେ ରହିଲା ତେବେ ଆଶ୍ଚର୍ଯ୍ୟ ହେବାର ନାହିଁ। ଦେବଭୂମି ଓ ମର୍ତ୍ତ୍ୟର ସ୍ୱର୍ଗ ଭାରତ ନର୍କକୁଣ୍ଡରେ ପରିଣତ ହେବା ପୂର୍ବରୁ ନୀତି ନିର୍ଦ୍ଧାରକମାନେ ଏ ବିଷୟରେ ଗୁରୁତ୍ୱର ସହ ଚିନ୍ତା କରନ୍ତୁ। ●

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଶିଳ୍ପାୟନରେ ଓଡ଼ିଶା ପଛୁଆ କାହିଁକି

ଶଶାଙ୍କ ପଟ୍ଟନାୟକ



ପ୍ରାକୃତିକ ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ୍ୟ ଓଡ଼ିଶା ଆଜି ଯାଏଁ ଦେଶର ଅଗ୍ରଣୀ ଶିଳ୍ପାୟିତ ରାଜ୍ୟମାନଙ୍କ ସହ ସମକକ୍ଷ ହୋଇପାରି ନାହିଁ। ଗତ ଦୁଇଦଶନ୍ଧି ମଧ୍ୟରେ ରାଜ୍ୟର ଅନେକ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ନିବେଶ ଘୋଷଣା ହୋଇଥିଲେ ମଧ୍ୟ ଜମି ଅଧିଗ୍ରହଣ, ପରିବେଶ ଅନୁମୋଦନ, ପ୍ରଶାସନିକ ବିଳମ୍ବ ଓ ନୀତିଗତ ଅନିଶ୍ଚିତତା ଭଳି ବିଭିନ୍ନ ବିବାଦ କାରଣରୁ ଅନେକ ପ୍ରକଳ୍ପ ବର୍ଷ ବର୍ଷ ଧରି ଅଟକି ରହିଛି। ଆଉ କିଛି ସମ୍ପୂର୍ଣ୍ଣ ବାତିଲ ହୋଇଯାଇଛି। ଫଳସ୍ୱରୂପ ଓଡ଼ିଶା କେବଳ ବିନିଯୋଗ ନୁହେଁ ବରଂ ଲକ୍ଷାଧିକ ରୋଜଗାର ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ଶିଳ୍ପ, କର ଆଦାୟ ଏବଂ ଯୁବ ପିଢ଼ିଙ୍କ ପାଇଁ ସୃଷ୍ଟି ହେବାକୁ ଥିବା ସୁଯୋଗ ମଧ୍ୟ ହରାଇଛି।

ବାସ୍ତବତା ହେଉଛି, ଶିଳ୍ପ ପ୍ରକଳ୍ପରେ ବିଳମ୍ବ କେବଳ ଅଟକି ରହିଥିବା ପୁଞ୍ଜିନିବେଶର ପ୍ରଶ୍ନ ନୁହେଁ। ଏହା ସହ ଜଡ଼ିତ ରହିଛି ହଜାର ହଜାର ସମ୍ଭାବ୍ୟ ରୋଜଗାର ସୃଷ୍ଟି, ଆନୁଷଙ୍ଗିକ ଶିଳ୍ପର ବିକାଶ, ସ୍ଥାନୀୟ ଶିଳ୍ପ ପରିବେଶର ବିସ୍ତାର, ସରକାରୀ କର, ରାଜସ୍ୱ ବୃଦ୍ଧି, ବୈଷୟିକ ଦକ୍ଷତାର ଉନ୍ନତି ଏବଂ ଆଗାମୀ ପିଢ଼ି ପାଇଁ ସୃଷ୍ଟି ହୋଇପାରୁ ନ ଥିବା ଅସଂଖ୍ୟ ଆର୍ଥିକ ସୁଯୋଗ। ଅର୍ଥାତ୍, ପ୍ରତ୍ୟେକ ବିଳମ୍ବିତ ପ୍ରକଳ୍ପ ସହ ଓଡ଼ିଶା କେବଳ ପୁଞ୍ଜିନିବେଶ ନୁହେଁ, ବରଂ ବିକାଶ, ରୋଜଗାର ଏବଂ ଆର୍ଥିକ ସଶକ୍ତିକରଣର ଅନେକ ସମ୍ଭାବନାକୁ ମଧ୍ୟ ହରାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଦକ୍ଷିଣ କୋରିଆର 'ପୋସ୍କୋ' ଇସ୍ପାତ ପ୍ରକଳ୍ପ, ଯାହା ବିଭିନ୍ନ ସ୍ୱାର୍ଥଗତ ବିବାଦରେ ଛନ୍ଦି ହୋଇ ଶେଷରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ୨୦୦୫ ମସିହାରେ ଘୋଷିତ ୧୨ ବିଲିୟନ ଆମେରିକୀୟ ଡଲାରର ପୁଞ୍ଜିନିବେଶ ବିଶିଷ୍ଟ ଏହି ପ୍ରକଳ୍ପ ସେତେବେଳେ ଭାରତର ସବୁଠାରୁ ବଡ଼ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଥିଲା। ଏହି ବହୁଚର୍ଚ୍ଚିତ ପ୍ରକଳ୍ପରେ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା, ନିଜସ୍ୱ ବନ୍ଦର ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣର ପ୍ରତିଶ୍ରୁତି ଥିଲା। ଏହାଦ୍ୱାରା ପ୍ରାୟ ୪୮, ୦୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ଆନୁଷଙ୍ଗିକ ଇସ୍ପାତ ଶିଳ୍ପର ବିକାଶ ଆଶା କରାଯାଉଥିଲା। ମାତ୍ର ଜମି ଅଧିଗ୍ରହଣ, ପରିବେଶଗତ ମଞ୍ଜୁରୀ ଏବଂ ସ୍ଥାନୀୟ ବିରୋଧକୁ ନେଇ ପ୍ରାୟ ଗୋଟିଏ ଦଶନ୍ଧି ଧରି ବିବାଦ ଚାଲିବା ପରେ ୨୦୧୭ ମସିହାରେ ପୋସ୍କୋ ଏହି ପ୍ରକଳ୍ପରୁ ଓହରି ଯାଇଥିଲା।

ବୃହତ ସମନ୍ୱିତ ଇସ୍ପାତ ପ୍ରକଳ୍ପ ଖଣି ଖନନ, ଯୋଗାଣ ଶୃଙ୍ଖଳା, ବୈଷୟିକ ସେବା, ଉତ୍ପାଦନ, ପରିବହନ, ଗୃହ ନିର୍ମାଣ, ହୋଟେଲ ବ୍ୟବସାୟ ଓ କ୍ଷୁଦ୍ର ଉଦ୍ୟୋଗ ପରି ଅନେକ କ୍ଷେତ୍ରକୁ ସମାନ୍ତରାଳ ଭାବେ ସମୃଦ୍ଧ କରିଥାଏ। ପ୍ରକଳ୍ପରେ ପ୍ରତିବର୍ଷର ବିଳମ୍ବ ସହିତ ଏକ ସମ୍ଭାବ୍ୟ ଶିଳ୍ପ ପରିସଂସ୍ଥାର ବିକାଶ ମଧ୍ୟ ପଛକୁ ଚାଲିଯାଏ, ଯାହା ଉପକୂଳ ଓଡ଼ିଶାକୁ ପୂର୍ବ ଭାରତର ଗୋଟିଏ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ସକ୍ଷମ। ପରବର୍ତ୍ତୀ ସମୟରେ ପୋସ୍କୋ ପାଇଁ ପ୍ରସ୍ତାବିତ ଜମିକୁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲକୁ ଆବଣ୍ଟନ କରାଯିବା ପ୍ରମାଣ କରୁଛି ଯେ ସ୍ଥାନଟିର ଶିଳ୍ପ ସମ୍ଭାବନା ଆଜିର ସମୟରେ ମଧ୍ୟ ରହିଛି। ସେହିପରି ଟାଟା ଷ୍ଟିଲ କଳିଙ୍ଗନଗର ପ୍ରକଳ୍ପ ମଧ୍ୟ ୨୦୦୬ର ହିଂସାତ୍ମକ ଘଟଣା ପରେ ବର୍ଷେକାଳ ବିଳମ୍ବିତ ହୋଇଥିଲା। ଯଦିଓ ପରବର୍ତ୍ତୀ ସମୟରେ ପ୍ରକଳ୍ପ ସଫଳ ହୋଇଛି, ତଥାପି ବିଳମ୍ବ କାରଣରୁ ରାଜ୍ୟର ରାଜସ୍ୱ ନିଯୁକ୍ତି ଏବଂ ଆନୁଷଙ୍ଗିକ ଶିଳ୍ପରେ ବିକାଶ ବହୁ ପଛକୁ ଚାଲିଯାଇଥିଲା।

ଶିଳ୍ପ ପ୍ରକଳ୍ପରେ ସମୟର ମୂଲ୍ୟ ଅତ୍ୟନ୍ତ ଅଧିକ। ପ୍ରତ୍ୟେକ ବିଳମ୍ବର ଅର୍ଥ ହେଉଛି ଜିଏସଟି ଆଦାୟ, ବିଦ୍ୟୁତ ଚାହିଦା, ଲଜିଷ୍ଟିକ କାର୍ଯ୍ୟକଳାପ, ପରିବହନ, ରପ୍ତାନି ଓ ସ୍ଥାନୀୟ କ୍ରୟରେ ବିଳମ୍ବ। ଏହି ପରିପ୍ରେକ୍ଷୀରେ ସମୟ ନିଜେ ଏକ ଅର୍ଥନୈତିକ ଖର୍ଚ୍ଚର ରୂପ ନେଇଥାଏ। ଜଗତସିଂହପୁରରେ ଜେଏସ୍‌ଡବ୍ଲୁର ପ୍ରସ୍ତାବିତ ପ୍ରକଳ୍ପ ଓ କର୍ଣ୍ଣାଟକର ବିଜୟନଗର କାରଖାନାକୁ ତୁଳନା କଲେ ଏହା ଆହୁରି ସ୍ପଷ୍ଟ ହୁଏ। ଓଡ଼ିଶାରେ ଜମି, ଅନୁମୋଦନ ଏବଂ ପ୍ରକଳ୍ପ କାର୍ଯ୍ୟକାରୀକୁ ନେଇ ଦୀର୍ଘ ଦିନର ଅନିଶ୍ଚିତତା ଥିବା ବେଳେ ବିଜୟନଗର କ୍ରମାଗତ ଭାବେ ବିସ୍ତାର ହୋଇ ଦେଶର ସର୍ବବୃହତ ସମନ୍ୱିତ ଇସ୍ପାତ କାରଖାନାରେ ପରିଣତ ହୋଇଛି। ୧୭.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ହଜାର ହଜାର ପ୍ରତ୍ୟକ୍ଷ ନିଯୁକ୍ତି, ଦଶ ହଜାର ପରୋକ୍ଷ ଜୀବିକା, ଏମ୍‌ଏସ୍‌ଏମ୍‌ଇ, ଶିଳ୍ପ, ଇଞ୍ଜିନିୟରିଙ୍ଗ ସେବା ଏବଂ ସହରୀକରଣ ବିକାଶରେ ବଡ଼ ଭୂମିକା ନେଇଛି। ଏହି ତୁଳନା ଦର୍ଶାଏ ଯେ କେବଳ ନିବେଶ ଘୋଷଣା ନୁହେଁ, ତାହାର ଦ୍ରୁତ କାର୍ଯ୍ୟ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ନିବେଶକମାନେ ସ୍ଥିରତା ଓ ନିଶ୍ଚିତତାକୁ ଗୁରୁତ୍ୱ ଦିଅନ୍ତି। ପ୍ରକଳ୍ପ ଶୀଘ୍ର ଆଗକୁ ବଢ଼ିଲେ ନୂଆ ନିବେଶର ବିଶ୍ୱାସ ବଢ଼େ, ବିଳମ୍ବ ହେଲେ ନିବେଶ ଅନ୍ୟ ରାଜ୍ୟକୁ ଚାଲିଯାଏ।

ଶିଳ୍ପ କ୍ଷେତ୍ର ବାହାରେ ସବୁଠାରୁ ବଡ଼ କ୍ଷତି ଥିଲା ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ। ପୁରୀ ନିକଟରେ ବିଶ୍ୱସ୍ତରୀୟ ବହୁବିଷୟକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ପ୍ରାୟ ୧୫ ହଜାର କୋଟି ଟଙ୍କାର ପ୍ରାରମ୍ଭିକ ନିବେଶ ଯୋଜନା ଥିଲା। ଏହା ସହ ଗବେଷଣା ପାର୍କ, ନବସୃଜନ କେନ୍ଦ୍ର, ସ୍ୱାସ୍ଥ୍ୟସେବା ଓ ଜ୍ଞାନଭିତ୍ତିକ ଅର୍ଥନୀତିର ବିକାଶର ଲକ୍ଷ୍ୟ ରହିଥିଲା। କିନ୍ତୁ ଦୀର୍ଘ ଆଇନଗତ ବିବାଦ, ନୀତିଗତ ଅନିଶ୍ଚିତତା ଓ ଜମି ସମସ୍ୟା ଯୋଗୁଁ ପ୍ରକଳ୍ପଟି ପରିତ୍ୟକ୍ତ ହୋଇଯାଇଥିଲା। କାରଖାନା ତୁଳନାରେ ବିଶ୍ୱବିଦ୍ୟାଳୟ ପିଢ଼ି ପିଢ଼ି ପାଇଁ ଜ୍ଞାନ, ନବସୃଜନ, ଉଦ୍ୟୋଗ ଓ ଦକ୍ଷ ମାନବ ସମ୍ପଦ ସୃଷ୍ଟି କରିଥାଏ। ତେଣୁ ଏହାର ଅନୁପସ୍ଥିତି ଓଡ଼ିଶା ପାଇଁ ଅଦୃଶ୍ୟ, ଅଥଚ ଗଭୀର ଆର୍ଥିକ କ୍ଷତି।

ନିତି ଆୟୋଗ ମଧ୍ୟ ତାହାର ବିଭିନ୍ନ ରିପୋର୍ଟରେ କହିଛି ଯେ ଦେଶରେ ଗୁଣାତ୍ମକ ଅଣ-କୃଷି ରୋଜଗାର ସୃଷ୍ଟି ପାଇଁ ଶିଳ୍ପାୟନ ଅପରିହାର୍ଯ୍ୟ। ରାଜ୍ୟଗୁଡ଼ିକ ମଧ୍ୟରେ ଶିଳ୍ପ ବିକାଶର ଅସମାନତା ଯୋଗୁଁ ରୋଜଗାର ଓ ଶ୍ରମିକ ସ୍ଥାନାନ୍ତରଣରେ ବୈଷମ୍ୟ ସୃଷ୍ଟି ହେଉଛି। ସ୍ଥାନୀୟ ରୋଜଗାର ବଢ଼ିଲେ ବାଧ୍ୟତାମୂଳକ ପ୍ରବାସ କମିପାରିବ ବୋଲି ନିତି ଆୟୋଗ ଉଲ୍ଲେଖ କରିଛି। ଆଜି ମଧ୍ୟ ଓଡ଼ିଶାରୁ ବହୁସଂଖ୍ୟକ ଶ୍ରମିକ ଗୁଜରାଟ, କର୍ଣ୍ଣାଟକ, ତେଲେଙ୍ଗାନା, ତାମିଲନାଡୁ ଓ କେରଳକୁ କାମ ପାଇଁ ଯାଉଛନ୍ତି। ପ୍ରବାସ ସ୍ୱାଭାବିକ ହୋଇଥିଲେ ମଧ୍ୟ ସ୍ଥାନୀୟ ରୋଜଗାରର ଅଭାବ ଯୋଗୁଁ ହେଉଥିବା ପ୍ରବାସ ଏକ ବିକାଶଗତ ଆହ୍ୱାନ। ବୃହତ ଶିଳ୍ପ ଓ ଜ୍ଞାନଭିତ୍ତିକ ପ୍ରକଳ୍ପଗୁଡ଼ିକ ଯଥା ସମୟରେ କାର୍ଯ୍ୟକାରୀ ହୋଇଥିଲେ ଅନେକ ଯୁବକ ନିଜ ରାଜ୍ୟରେ ହିଁ କାମ ପାଇପାରିଥା'ନ୍ତେ।

ନିତି ଆୟୋଗର 'ମାକ୍ରୋ ଆଣ୍ଡ ଫିସ୍କାଲ୍ ଲ୍ୟାଣ୍ଡସ୍କେପ୍ ଅଫ୍ ଦ ଷ୍ଟେଟ୍ ଅଫ୍ ଓଡ଼ିଶା' ରିପୋର୍ଟରେ ମଧ୍ୟ ବେସରକାରୀ ନିବେଶ, ଶିଳ୍ପ ବିବିଧକରଣ ଓ ଉତ୍ପାଦନଭିତ୍ତିକ ରୋଜଗାର ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ ନୁହେଁ ଯେ ପରିବେଶ କିମ୍ବା ସାମାଜିକ ସ୍ୱାର୍ଥକୁ ଅବହେଳା କରି ସବୁ ପ୍ରକଳ୍ପକୁ ଆଗକୁ ବଢ଼ାଇବା ଉଚିତ୍। ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିବେଶ ସୁରକ୍ଷା, ଯଥୋଚିତ ପୁନର୍ବାସ ଓ ସ୍ଥାନୀୟ ଲୋକଙ୍କ ସହଭାଗିତା ସମାନ ଭାବେ ଜରୁରୀ। କିନ୍ତୁ ଏହି ସମସ୍ୟାଗୁଡ଼ିକର ସମାଧାନ ସ୍ୱଚ୍ଛ ଓ ସମୟବଦ୍ଧ ପ୍ରକ୍ରିୟାରେ ହେବା ଉଚିତ୍, ଯାହା ଦ୍ୱାରା ପ୍ରକଳ୍ପଗୁଡ଼ିକ ବର୍ଷ ବର୍ଷ ଧରି ଅଟକି ରହିବ ନାହିଁ। ଏବେ ପ୍ରଶ୍ନ ହେଉଛି ଓଡ଼ିଶାର ଶିଳ୍ପାୟନ ଆବଶ୍ୟକ କି ନୁହେଁ ତାହା ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ରଖି ପ୍ରକଳ୍ପଗୁଡ଼ିକୁ କିପରି ଶୀଘ୍ର ଓ କାର୍ଯ୍ୟକ୍ଷମ ଭାବେ ସମ୍ପନ୍ନ କରାଯିବ। କର୍ଣ୍ଣାଟକ, ଗୁଜରାଟ ଓ ତାମିଲନାଡୁ ଭଳି ରାଜ୍ୟ ଏହାର ଉଦାହରଣ ସୃଷ୍ଟି କରିଛନ୍ତି।

ଓଡ଼ିଶା ପାଖରେ ପ୍ରଚୁର ଖଣିଜ ସମ୍ପଦ, ଦୀର୍ଘ ଉପକୂଳ, ପ୍ରମୁଖ ବନ୍ଦର, ପର୍ଯ୍ୟାପ୍ତ ବିଦ୍ୟୁତ ଓ ଉନ୍ନତ ଭିତ୍ତିଭୂମି ରହିଛି। କିନ୍ତୁ ଏହି ସମ୍ଭାବନା ସେତେବେଳେ ହିଁ ପ୍ରକୃତ ସମୃଦ୍ଧିରେ ପରିଣତ ହେବ, ଯେତେବେଳେ ନିବେଶଗୁଡ଼ିକ ସମୟବଦ୍ଧ ଭାବେ କାରଖାନା, ବିଶ୍ୱବିଦ୍ୟାଳୟ ଗବେଷଣା କେନ୍ଦ୍ର ଓ ଶିଳ୍ପ ପରିବେଶରେ ପରିଣତ ହେବ। ଇତିହାସକୁ ବଦଳାଯାଇପାରିବ ନାହିଁ। ପୋସ୍କୋ ଆଉ ଫେରିବନାହିଁ। ବେଦାନ୍ତ ବିଶ୍ୱବିଦ୍ୟାଳୟ ଏବେ ଅତୀତର ଅଧ୍ୟାୟ। କିନ୍ତୁ ଭବିଷ୍ୟତରେ ଅତୀତର ପୁନରାବୃତ୍ତି ନହେବା ଉଚିତ୍। ଓଡ଼ିଶା ନୂଆ ଶିଳ୍ପାୟନ ଯୁଗରେ ପ୍ରବେଶ କରୁଥିବା ବେଳେ ଏହି ବିଳମ୍ବିତ ଓ ପରିତ୍ୟକ୍ତ ପ୍ରକଳ୍ପଗୁଡ଼ିକ ଆମକୁ ଗୋଟିଏ ସ୍ପଷ୍ଟ ଶିକ୍ଷା ଦେଉଛି ଯେ - ଆର୍ଥିକ ସୁଯୋଗର ମଧ୍ୟ ଏକ ସମୟସୀମା ଥାଏ। ନିଷ୍ପତ୍ତି ବର୍ଷ ବର୍ଷ ଧରି ବିଳମ୍ବିତ ହେଲେ କ୍ଷତି କେବଳ ନିବେଶର ନୁହେଁ, ବରଂ ସେହି ରୋଜଗାର, ସମୃଦ୍ଧି, ଆଶା ଓ ଆକାଂକ୍ଷାର, ଯାହା ଏକ ସମ୍ପୂର୍ଣ୍ଣ ପିଢ଼ିର ଭବିଷ୍ୟତକୁ ବଦଳାଇ ପାରିଥା'ନ୍ତା। ●

ଭୁବନେଶ୍ୱର, ମୋ: ୯୮ ୬୧୪୪୩୦୧

# ବିପନ୍ନ ଜୈବ ସ୍ୱରାଜ

ବିନୋଦ ମହାରଣା

ପ୍ରତି ଜୀବ ବା ଉଦ୍ଭିଦର ବଂଶଗତ ଗୁଣାବଳୀ ପରିବାହକ ବା ଜିନ୍ ରହିଥା'ନ୍ତି। ଏହା ଲକ୍ଷ ଲକ୍ଷ ବର୍ଷ ତଳୁ ଉତ୍ତରାଧିକାର ସୂତ୍ରରେ ଚାଲିଆସିଛି। ମାତ୍ର ଆଧୁନିକ ବିଜ୍ଞାନ ଜରିଆରେ ମୂଳ ଜିନ୍‌ର ପରିବର୍ତ୍ତନ ଘଟାଯାଇଥାଏ ଯାହାକୁ ଜେନେଟିକ ମଡିଫାଏଡ ଟେକ୍ନୋଲୋଜି କୁହାଯାଏ। ଏହାଦ୍ୱାରା ମୂଳ ଶସ୍ୟର ଗୁଣ, ରୂପ, ଆକାର ଆଦି ପରିବର୍ତ୍ତିତ ହୋଇଯାଇଥାଏ। ମାଟିରେ ରହୁଥିବା ଏକପ୍ରକାର ବ୍ୟାକ୍ଟେରିଅମ (ବିଟି)ର ଏକ ସ୍ୱତନ୍ତ୍ର ଜିନ୍‌କୁ ବାହାର କରି କପା ଓ ବାଇଗଣ ଆଦିର ମଞ୍ଜିରେ ଡିଏନଏ ପ୍ରଯୁକ୍ତି ଜରିଆରେ ପ୍ରୟୋଗ କରାଯାଏ। ଏହି ଜିନ୍ ପରିବର୍ତ୍ତିତ ଶସ୍ୟ କୀଟ ପ୍ରତିରୋଧକ ହୋଇଥିବାରୁ ଚାଷରେ କ୍ଷତି ଘଟେ ନାହିଁ ବୋଲି ବୈଜ୍ଞାନିକ କହନ୍ତି। ମାତ୍ର ଏହା ଯୋଗୁଁ ମୂଳ ଶସ୍ୟର ଗୁଣବତ୍ତା ନଷ୍ଟ ହୋଇଯାଏ ଏବଂ ଯେଉଁ ଜମିରେ ଏହି ବିହନ ଚାଷ କରାଯାଏ ସେହି ଜମିରେ ଆଉ କୌଣସି ଫସଲ ହୋଇପାରି ନ ଥାଏ। ବିଟି ବିହନ ଜରିଆରେ ଗଛ ବୃଦ୍ଧି ହେଉଥିବା ବେଳେ ସାଧାରଣତଃ ଜେନେଟିକ ସଂକ୍ରମଣ ହୋଇଥାଏ ଏବଂ ପତଙ୍ଗ, ମହୁମାଛି ବା ବାୟୁ ଜରିଆରେ ଏହାର ପ୍ରଭାବ ଅନ୍ୟାନ୍ୟ ସ୍ଥାନକୁ ବିସ୍ତାରିତ ହୋଇଥାଏ, ଯାହା କି ମୂଳବିହନ ବା ଶସ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

ଭାରତ ପରି ଏକ କୃଷିପ୍ରଧାନ ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଜେନେଟିକ ମଡିଫାଏଡ ଶସ୍ୟ ବିପଦ। କମ୍ ସମୟରେ ଅଧିକ ଉତ୍ପାଦନ ଆଭିମୁଖ୍ୟ ରଖି ବିଟି ଶସ୍ୟକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଏହା କୃଷି ଓ କୃଷକଙ୍କ ଲାଗି ବିପଦ ସୃଷ୍ଟି କରିବାରେ ଲାଗିଛି। ବିଟି ଶସ୍ୟ ଯୋଗୁଁ ଭାରତର ହଜାର ହଜାର ବର୍ଷର ମୂଳ ଶସ୍ୟର ବିଲୋପ ଘଟୁଥିବା ବେଳେ ଦିନକୁ ଦିନ ଭାରତର ଜୈବ ବିବିଧତା, ଶସ୍ୟ ସ୍ୱରାଜ, କୃଷକଙ୍କ ଆର୍ଥିକ ସାର୍ବଭୌମତ୍ୱ କ୍ଷୁଣ୍ଣ ହେବାରେ ଲାଗିଛି। ଭେନେଜୁଏଲା, ଆଲଜେରିଆ, ପେରୁ, ଭୁଟାନ ସମେତ ୬୦ରୁ ଅଧିକ ରାଷ୍ଟ୍ରରେ ଜିଏମ ବିହନକୁ ନିଷିଦ୍ଧ କରାଯାଇଥିବା ବେଳେ ଭାରତରେ ଏହାର ଯଥେଷ୍ଟ ବ୍ୟବହାର ହେଉଥିବା ପରିଲକ୍ଷିତ ହୋଇଛି।

ପ୍ରଥମ ଥର ଲାଗି ୧୯୮୩ରେ ତମାଖୁ କ୍ଷେତ୍ରରେ ଜେନେଟିକ ଇଞ୍ଜିନିୟରିଂ ପଦ୍ଧତି ଆପଣାଯାଇଥିଲା। ଆଗ୍ରୋବାକ୍ଟେରିଅମର ଏକ ଜିନ୍‌କୁ ତମାଖୁ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା। ପ୍ରଥମେ ଆମେରିକା ଓ ଫ୍ରାନ୍ସ ଏବଂ ପରେ ଚୀନ ଜେନେଟିକ ମଡିଫାଏଡ ବିହନକୁ ବ୍ୟବସାୟୀକରଣ କରିଥିଲେ। ପରେ ବିଶ୍ୱର ବହୁ ରାଷ୍ଟ୍ରକୁ ଏହା ବ୍ୟାପିଥିଲା। ୨୦୨୪ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଦଳୀ କ୍ଷେତ୍ରରେ ଏହି ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। ଭାରତରେ ୨୦୦୨ରେ ବିଟି କଟନକୁ ଅନୁମତି ଦିଆଯାଇଥିବା ବେଳେ ୨୦୨୨ରେ ସୋରିଷ କ୍ଷେତ୍ରରେ ଏହାକୁ ଅନୁମତି ଦିଆଯାଇଥିଲା। ମାତ୍ର ଆଇନଗତ ବିବାଦ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସେହିପରି ୨୦୦୯ରେ ବିଟି ବାଇଗଣକୁ ଅନୁମତି ଦିଆଯାଇଥିଲା। ମାତ୍ର ପ୍ରବଳ ବିରୋଧ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଏହା ସତ୍ତ୍ୱେ ବହୁ ରାଜ୍ୟରେ ବେଆଇନ ଭାବେ ଏହି ବିହନ ଚାଷ ହେଉଥିବା ଜଣାଯାଏ।

ବିଟି ବିହନ ସାଧାରଣତଃ ଜୈବ ବିବିଧତା ଉପରେ କ୍ଷତି ପହଞ୍ଚାଇବା ସହ ଅନେକ ପ୍ରକାର ଉପକାରୀ କୀଟ, ମହୁମାଛି ପରି କୀଟ, ମାଟିରେ ରହୁଥିବା ଉପକାରୀ ବ୍ୟାକ୍ଟେରିଆଙ୍କୁ ଧ୍ୱଂସ କରିଦେଇଥାଏ। ଏହି କାରଣରୁ ଆଜିକାଲି ପ୍ରଜାପତି, ଫିରିଙ୍ଗି ଓ ଅନେକ ପ୍ରକାର କୀଟ ଦେଖାଯାଉ ନାହାନ୍ତି। ଜିଏମ ବିହନରୁ ଜାତ ଖାଦ୍ୟଶସ୍ୟ ମଣିଷ ଓ ଅନ୍ୟ ଜୀବଙ୍କ ଶରୀରରେ ରହିଥିବା ଆଣ୍ଟିବାୟୋଟିକ ପ୍ରତିରୋଧକ ଶକ୍ତିକୁ ନିଷ୍କ୍ରିୟ କରିଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ସେହିପରି ଖାଦ୍ୟ ଶୃଙ୍ଖଳର ନିୟନ୍ତ୍ରଣ ବହୁରାଷ୍ଟ୍ରୀୟ କମ୍ପାନୀ ହାତକୁ ଚାଲିଯିବ ବୋଲି ଅନେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁଁ ପ୍ରଥମତଃ ଭାରତୀୟ କୃଷି ବଜାରରେ ଆମେରିକୀୟ ଆଧିପତ୍ୟ ବୃଦ୍ଧି ପାଇବ। ଦ୍ୱିତୀୟରେ ଜିଏମ ବିହନଜାତ ଶସ୍ୟ ଭାରତରେ ବ୍ୟାପକ ପ୍ରସାର ହେବ। ସେହି ଶସ୍ୟଗୁଡ଼ିକ ହେଲା ଜୋଆର, ସୋୟାବିନରୁ ପ୍ରସ୍ତୁତ ତେଲ, ଅନେକ ପ୍ରକାର ଫଳ, ପ୍ରାଣୀମାନଙ୍କ ଖାଦ୍ୟ ଆଦି।

ଆମେରିକା ବର୍ତ୍ତମାନ ବିଶ୍ୱର ସବୁଠାରୁ ବୃହତ ଜିଏମ ଶସ୍ୟ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତକୁ ଆମେରିକା ପ୍ରମୁଖ ବଜାର ଭାବେ ଦେଖୁଛି। ଚୁକ୍ତି ଯୋଗୁଁ ଭାରତରେ କେବଳ ଆମେରିକୀୟ ଜିଏମ ଶସ୍ୟ ଉପଲବ୍ଧ ହେବ ନାହିଁ ବରଂ ଜିଏମ ଶସ୍ୟରୁ ପ୍ରସ୍ତୁତ ଶିଶୁଖାଦ୍ୟଠାରୁ ଆରମ୍ଭ କରି ଅନେକ ପ୍ରକାର ପ୍ୟାକେଜଯୁକ୍ତ ଖାଦ୍ୟପଦାର୍ଥ ଉପଲବ୍ଧ ହେବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା ଆମେରିକାରୁ ଆମଦାନୀ ହେଉଥିବା ଶସ୍ୟ ଓ ସୋୟାବିନ ତେଲକୁ କରମୁକ୍ତ କରାଯାଇଛି। ଏହି ଦୃଷ୍ଟିରୁ ଏହି ଚୁକ୍ତିକୁ ବିଭିନ୍ନ ସଂଗଠନ ବିରୋଧ କରିଆସୁଛନ୍ତି। ଭାରତ ପ୍ରତିବର୍ଷ ବିଲିୟନ ବିଲିୟନ ଡଲାରର ଖାଦ୍ୟଶସ୍ୟ, କୃଷି ସାମଗ୍ରୀ ଆମେରିକାଠାରୁ ଆମଦାନୀ କରୁଛି। ପ୍ରତିବଦଳରେ ସମପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକାକୁ ରପ୍ତାନି କରୁଛି। ଭାରତ ହିଁ ପ୍ରକୃତରେ ବିଶେଷ କ୍ଷତିଗ୍ରସ୍ତ ହେଉଛି ଏବଂ ଭାରତୀୟ କୃଷି ଅର୍ଥନୀତିକୁ ଧ୍ୱଂସ ଆଡ଼କୁ ନେଇଯାଉଛି।

ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରୋନମେଣ୍ଟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଭାରତରେ ୨୦ରୁ ଅଧିକ ପ୍ରକାରର ଜେନେଟିକାଲି ମଡିଫାଏଡ ଖାଦ୍ୟ ସାମଗ୍ରୀ ଖୋଲା ବଜାରରେ ବିକ୍ରି କରାଯାଉଛି। ନିରୀହ ଖାଉଟିମାନଙ୍କ ଜୀବନ ସହ କିଛି କମ୍ପାନି ଖେଳୁଛନ୍ତି। ସେହି ଖାଦ୍ୟ ମଧ୍ୟରେ ରହିଛି ଶିଶୁ ଖାଦ୍ୟ, ଖାଇବା ତେଲ, ଖାଦ୍ୟପଦାର୍ଥ ଇତ୍ୟାଦି। ଆମେରିକା, କାନାଡ଼ା, ଥାଇଲାଣ୍ଡ, ନେଦରଲ୍ୟାଣ୍ଡସ, ୟୁଏଇ ଆଦି ରାଷ୍ଟ୍ରରୁ ଆମଦାନୀ କରାଯାଇଥିବା ଅନେକ ଖାଦ୍ୟ ପଦାର୍ଥରେ ଜିଏମ ଶସ୍ୟ ବ୍ୟବହୃତ ହୋଇଥିବା ଜଣାଯାଇଛି। ଅର୍ଥାତ ବେଆଇନ ଭାବେ ଭାରତୀୟ ଖାଦ୍ୟଶସ୍ୟ ବଜାରରେ ବଡ଼ ବଡ଼ କମ୍ପାନିଙ୍କ ପ୍ରାଧାନ୍ୟ ଜାରି ରହିଛି। ବେଆଇନ ବିହନ, ଖାଦ୍ୟ ପଦାର୍ଥ ଉପରେ ସାଧାରଣତଃ ଜେନେଟିକ ଇଞ୍ଜିନିୟରିଂ ମଞ୍ଜୁରୀ କମିଟିର ଭୂମିକା ଥାଏ। ଏହି ସଂସ୍ଥା ନୀରବ ରହୁଥିବାରୁ ଅନ୍ତଃରାଷ୍ଟ୍ରୀୟ କମ୍ପାନିଗୁଡ଼ିକ ଲାଭବାନ ହେଉଥିବା ବେଳେ ଭାରତ କ୍ଷତିର ସମ୍ମୁଖୀନ ହେଉଛି।

ଦେଶରେ ଜିଏମ ଶସ୍ୟକୁ ଅନୁମତି ଦିଆଯାଇନାହିଁ ବୋଲି ୨୦୧୭ ମେ ୨୪ରେ ସୁପ୍ରିମକୋର୍ଟରେ ଦର୍ଶାଇଥିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅଧୀନସ୍ଥ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ। ଏହା ସତ୍ତ୍ୱେ ଭାରତରେ କିପରି ବିପୁଳ ପରିମାଣର ଜିଏମ ଶସ୍ୟ ବ୍ୟବହୃତ ହେଉଛି ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି। ଜିଏମ ଶସ୍ୟ କ୍ଷେତ୍ରରେ ଏକ ଜାତୀୟ ନୀତି ନିର୍ଦ୍ଧାରଣ କରିବା ଲାଗି କେନ୍ଦ୍ର ସରକାରଙ୍କୁ ୨୦୨୪ ଜୁଲାଇ ୨୩ରେ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଏହା ସହ ଜିଏମ ଶସ୍ୟର ଗବେଷଣା, ଚାଷ, ବ୍ୟବସାୟ ଲାଗି ସ୍ୱତନ୍ତ୍ର ନୀତି ପ୍ରସ୍ତୁତି ଲାଗି କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇ ନଥିବାରୁ ଦେଶରେ ଏବେ ବ୍ୟାପକ ପରିମାଣର ଜିଏମ ବିହନରୁ ଚାଷ ହେବା ସହ ଅନେକ ପ୍ରକାର ଖାଦ୍ୟ ବଜାରରେ ପ୍ରଭାବ ବିସ୍ତାର କରିଛି।

ଜିଏମ ବିହନ ବା ଶସ୍ୟର ପ୍ରାଦୁର୍ଭାବ ରୋକିବା ଲାଗି ୨୦୨୪ ଅଗଷ୍ଟରେ ୧୮ଟି ରାଜ୍ୟର ଶତାଧିକ କୃଷକ ସଂଗଠନ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ନିକଟକୁ ପତ୍ର ଲେଖିଥିଲେ। କେବଳ ପାବରେ ଜିଏମ୍ କପା ଚାଷ ପରିମାଣ ୪୬ ପ୍ରତିଶତ ହ୍ରାସ ହୋଇଥିବାରୁ ସଂଗଠନଗୁଡ଼ିକ ପକ୍ଷରୁ ଚିନ୍ତା ପ୍ରକଟ ହୋଇଥିଲା। ଏହାର କାରଣ ହେଉଛି ଜିଏମ କପା ବିହନ ଆବଶ୍ୟକ ଲାଭ ଦେଇପାରି ନଥିଲା ଏବଂ ଅମଳ ହ୍ରାସ ପାଇଥିଲା। ବହୁରାଷ୍ଟ୍ରୀୟ କମ୍ପାନି ବେୟର ଓ ମନସାଣ୍ଟୋ ପକ୍ଷରୁ ବିକ୍ରି କରାଯାଉଥିବା କପା ବିହନ ଚାଷୀମାନଙ୍କୁ ନାନା ପ୍ରକାର ଆର୍ଥିକ ସମସ୍ୟାରେ ପକାଇଥିଲା। ଏହି କାରଣରୁ କପା ଚାଷୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇଥିଲା। ଏପରିକି କପା ଚାଷୀଙ୍କ ଆତ୍ମହତ୍ୟା ନେଇ ଅଦାଲତରେ ସ୍ୱୀକାର କରିଥିଲେ କେନ୍ଦ୍ର ସରକାର। କୁହାଯାଏ-ମନସାଣ୍ଟୋର ଜିଏମ କପା ବିହନ ବ୍ୟବହାର କରି ଅନେକ ଚାଷୀ ଦେବାଳିଆ ହୋଇଯାଇଛନ୍ତି ଏବଂ ୨୦୧୨ ସୁଦ୍ଧା ପ୍ରାୟ ୨ ଲକ୍ଷ ୫୦ ହଜାର କପା ଚାଷୀ ଆତ୍ମହତ୍ୟା କରିଛନ୍ତି। ଏହି ସଂଖ୍ୟା ୩ ଲକ୍ଷ ହେବ ବୋଲି ଆକଳନ କରିଥିଲେ ବିଶିଷ୍ଟ ସ୍ତମ୍ଭକାର ବେଲେନ ଫର୍ଣ୍ଣାଣ୍ଡେଜ ଯାହାକୁ ସମର୍ଥନ କରିଥିଲେ ବିଶିଷ୍ଟ ପରିବେଶବିତ୍ ବନ୍ଦନା ଶିବା। ୨୦୧୮ରେ ମନସାଣ୍ଟୋକୁ ବେୟର ଗ୍ରୁପ କ୍ରୟ କରିବା ପରେ ଭାରତରେ ବର୍ତ୍ତମାନ ବେୟର କମ୍ପାନି ହିଁ ଜିଏମ ଶସ୍ୟର ବ୍ୟବସାୟ କରିଚାଲିଛି।

ଦେଶରେ ଦିନକୁ ଦିନ କୃଷିଭିତ୍ତିକ ଜମି ପରିମାଣ ହ୍ରାସ ପାଇବାରେ ଲାଗିଛି। ସହରୀକରଣ, ଶିଳ୍ପ, ଗୃହ ନିର୍ମାଣ, ଜନସଂଖ୍ୟା ବୃଦ୍ଧି ଆଦି କାରଣରୁ ଜମି ପରିମାଣ ଦ୍ରୁତଗତିରେ ହ୍ରାସ ପାଉଛି। ୧୯୭୦ ଦଶକ ବେଳକୁ ଦେଶରେ ହାରାହାରି ଜମି ପରିମାଣ ଥିଲା ୨.୨୮ ହେକ୍ଟର। ବର୍ତ୍ତମାନ ଏହି ପରିମାଣ ୧ ହେକ୍ଟରକୁ କମିଆସିଲାଣି। ୩୦ ପ୍ରତିଶତ ଜମି କୃଷି କାର୍ଯ୍ୟ ଲାଗି ଅଯୋଗ୍ୟ ବିବେଚିତ ହେଲାଣି। ଏପରି ଅବସ୍ଥାରେ ବିଟି ବିହନର ଚାଷ କୃଷି ଲାଗି ବଡ଼ ବିପର୍ଯ୍ୟୟ ଆଣିବାର ଆଶଙ୍କା ସୃଷ୍ଟି କରୁଛି। ●

ଭୁବନେଶ୍ୱର, ମୋ: ୯୪୩୭୧୬୪୭୬୪



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବନ୍ୟା ପରିସ୍ଥିତି ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

**ସରକାରଙ୍କ ପୂର୍ବ ପ୍ରସ୍ତୁତି ନ ଥିବାରୁ ୪ଟି ମୂଲ୍ୟବାନ ଜୀବନ ଚାଲିଗଲା**

**ନବୀନଙ୍କ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ବର୍ତ୍ତମାନର ସରକାରଙ୍କ ପାଇଁ ମୂଲ୍ୟହୀନ**

**ନବୀନଙ୍କ ଜିରୋ କାଜୁଆଲିଟି ନୀତି ଥିବାବେଳେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି**



ଭୁବନେଶ୍ୱର,୨୯।୭(ସମିସ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ବନ୍ୟା ଜଳରେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ବନ୍ୟା ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ସଞ୍ଜୀବ ମଲ୍ଲିକ ବନ୍ୟା ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ବ୍ୟୋମକେଶ ରାୟ କହିଥିଲେ ଯେ ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସାମାନ୍ୟ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି। ପାଣିପାଗ ବିଭାଗର ପୂର୍ବ ସୂଚନା ଥିଲେ ମଧ୍ୟ ସରକାରଙ୍କ କୌଣସି ପ୍ରସ୍ତୁତି ନଥିଲା, ଯେଉଁଥିପାଇଁ ୪ଟି ମୂଲ୍ୟବାନ ଜୀବନ ଯାଇଛି। ବନ୍ୟା ମୁକାବିଲା କରିବାରେ ବିଫଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବ୍ୟୋମକେଶ ରାୟ କହିଥିଲେ। ନବୀନ ସରକାରଙ୍କ ସମୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶା ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲା। ନବୀନଙ୍କ ସମୟରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଥିବା ବେଳେ, ଏବେ ପ୍ରତ୍ୟେକ ଘଟଣାରେ ଜୀବନହାନୀ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। କଟକ ବଡ଼ ମେଡିକାଲରେ ସରକାରଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟି ୧୩ଟି ମୂଲ୍ୟବାନ ଜୀବନ ଯାଇଥିଲା । ସେହିପରି ରଥଯାତ୍ରାରେ ସରକାରଙ୍କ ଅବହେଳା ପାଇଁ ଚଳିତ ବର୍ଷ ୪ ଜଣଙ୍କ ମୃତ୍ୟୁ ହୋଇଛି। ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ପ୍ରତିବର୍ଷ ରଥଯାତ୍ରାରେ ମୂଲ୍ୟବାନ ଜୀବନ ଯାଉଛି। ଗୌତମବୁଦ୍ଧ ଦାସ କହିଥିଲେ ଯେ ବିପର୍ଯ୍ୟୟ ପରିଚାଳନା କଥା ଉଠିଲେ, ସମଗ୍ର ଦେଶ ଓ ବିଶ୍ୱ ଓଡ଼ିଶା ଆଡ଼କୁ ଅନାଏ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜିରୋ କାଜୁଆଲିଟି ନୀତି ସାରା ବିଶ୍ୱ ପାଇଁ ଉଦାହରଣ ହୋଇପାରିଥିଲା। ଜିରୋ କାଜୁଆଲିଟି ନୀତି ପରେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି, ଯାହାଫଳରେ ସାଧାରଣ ଲୋକଙ୍କ ମୃତ୍ୟୁ ଏକ ସାଧାରଣ ଘଟଣା ହୋଇଯାଇଛି। ବନ୍ୟା ନିୟନ୍ତ୍ରଣ କରିବା ଦୂରରେ ଥାଉ, ବର୍ଷା ଜଳକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ସରକାରଙ୍କ ଅପାରଗତା ଜଳ ଜଳ ହୋଇ ଦିଶୁଛି। ସଞ୍ଜୀବ ମଲ୍ଲିକ କହିଥିଲେ ଯେ ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ସର୍ବନିମ୍ନ ନିତ୍ୟ ଆବଶ୍ୟକୀୟ ଜିନିଷ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି। ଭଦ୍ରକ ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତ ଅଞ୍ଚଳ ଜଳମଗ୍ନ ହୋଇସାରିଥିବା ବେଳେ, ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି। ବର୍ଷା ଲାଗି ରହିଥିବାରୁ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ମଧ୍ୟ ବନ୍ୟା ଆଶଙ୍କାର ସମ୍ମୁଖୀନ ହୋଇଛନ୍ତି। ପରିସ୍ଥିତିରେ ସୁଧାର ନଆସିଲେ, ଲୋକଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# +୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର, ୨୯।୭(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବର୍ଗରେ ସମୁଦାୟ ୪୫୨୫ ପିଲା ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ୧୭୩୫ ଜଣ ଇନ୍‌ଷ୍ଟାଣ୍ଟ ଓ ୨୭୮୪ ଜଣ ଇମ୍ପ୍ରୁଭମେଣ୍ଟ ପରୀକ୍ଷାର୍ଥୀ ଅଛନ୍ତି। ଇନ୍‌ଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୩୪ ଜଣ ପରୀକ୍ଷା ଦେଇଥିବାବେଳେ ମାତ୍ର ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିଲା। ତନ୍ମଧ୍ୟରୁ ୧୪୦୩ ଜଣ ଅର୍ଥାତ୍ ୮୦.୯୧% କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। କଳାରେ ସର୍ବାଧିକ ୧୦୮୩ ଜଣ ପରୀକ୍ଷା ଦେଇଥିବାବେଳେ ୯୩୯ ଜଣ (୮୬.୭୦%) ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନରେ ୫୮୫ ଜଣଙ୍କ ମଧ୍ୟରୁ ୪୦୮ ଜଣ (୬୯.୭୪%), ବାଣିଜ୍ୟରେ ୪୯ ଜଣଙ୍କ ମଧ୍ୟରୁ ୪୦ ଜଣ (୮୧.୬୩%) ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୭ରୁ ୧୬ ଜଣ ପାସ୍ କରିଛନ୍ତି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଅଧିକ ସୂଚନା ଦେଇ କହିଛନ୍ତି ଯେ ପରୀକ୍ଷାର୍ଥୀମାନେ ଷଗ୍ଧଗ୍ଧକ୍ଟଗ୍ଧ://କ୍ସରଗ୍ଧଙ୍କଷଗ୍ଧଗ୍ଧ.କ୍ଟଯସଗ୍ଧଷବ.ଶକ୍ଟଙ୍ଖ.ସଭ ୱେବସାଇଟ୍‌ରେ ସେମାନଙ୍କ ପରୀକ୍ଷା ଫଳ ଜାଣିପାରିବେ। ରୋଲ୍ ନମ୍ବର ଓ ପଞ୍ଜୀକରଣ ନମ୍ବର ଦେଇ ମାର୍କସିଟ୍ ଡାଉନ୍‌ଲୋଡ୍ ମଧ୍ୟ କରିପାରିବେ। ପରୀକ୍ଷା ଫଳ ପ୍ରତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇ-ସ୍ପେସରେ ଉପଲବ୍ଧ ହୋଇଛି। ଡିଜିଲକର୍ ମାଧ୍ୟମରେ ମାର୍କସିଟ୍ ଏବଂ ସାର୍ଟିଫିକେଟ୍ ପରି ଡିଜିଟାଲ୍ ଏକାଡେମିକ୍ ଡକ୍ୟୁମେଣ୍ଟ ପ୍ରଦାନ କରାଯିବ। ପିଲାମାନେ ସେମାନଙ୍କ ଶିକ୍ଷାନୁଷ୍ଠାନରୁ ଅଗଷ୍ଟ ୧୫ ତାରିଖ ମଧ୍ୟରେ ସାର୍ଟିଫିକେଟ୍ ଏବଂ ମାର୍କସିଟ୍‌ର ହାର୍ଡ କପି ପାଇପାରିବେ ବୋଲି ଡ. ପରିଡ଼ା କହିଛନ୍ତି।

# ଏମ୍ସରେ ଅଧ୍ୟାପକ ମରୁଡ଼ି

ଭୁବନେଶ୍ୱର, ୨୯।୭(ସମିସ): ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍ସ)ରେ ଅଧ୍ୟାପକ ମରୁଡ଼ି। ଦେଶର ୨୦ଟି କାର୍ଯ୍ୟକ୍ଷମ ଏମ୍ସରେ ମୋଟ ୬,୩୦୪ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଛି। ତନ୍ମଧ୍ୟରୁ ୨,୧୮୧ ଅର୍ଥାତ୍ ପ୍ରାୟ ଏକ-ତୃତୀୟାଂଶ ପଦ ଖାଲି ପଡ଼ିଛି। କେବଳ ଭୁବନେଶ୍ୱର ଏମ୍ସରେ ୯୯ ପଦ ଫାଙ୍କା ପଡ଼ିଥିବା ଲୋକସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ପ୍ରତାପରାଓ ଯାଦବ ସୂଚନା ଦେଇଛନ୍ତି। ଏମ୍ସ ଭୁବନେଶ୍ୱରରେ ମୋଟ ୩୩୭ଟି ଅଧ୍ୟାପକ ପଦ ରହିଛି। ତନ୍ମଧ୍ୟରୁ ୨୩୮ ଟି ପଦରେ ଅଧ୍ୟାପକ କାର୍ଯ୍ୟରତ ଥିବାବେଳେ ୯୯ଟି ପଦ ଖାଲି ରହିଛି। ସେହିପରି ଅଣ-ଅଧ୍ୟାପକ ବର୍ଗରେ ମୋଟ୍ ୩,୯୬୩ ଟି ପଦ ରହିଛି। ତନ୍ମଧ୍ୟରୁ ୧,୦୨୬ଟି ପଦ ଫାଙ୍କା ରହିଛି। ନୂତନ ଏମ୍ସଗୁଡ଼ିକରେ ଉନ୍ନତ ସ୍ୱାସ୍ଥ୍ୟସେବା, ଚିକିତ୍ସା ଶିକ୍ଷା ଓ ଗବେଷଣାକୁ ସୁଦୃଢ଼ କରିବା ପାଇଁ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦିଆଯାଉଛି। ଏମ୍ସ ଭୁବନେଶ୍ୱର ପାଇଁ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଃ! କି ବଢ଼ି...

ମନ୍ତ୍ରୀ କହିଥିବା ବେଳେ ମେଡିକାଲ ଟିମ୍ ମୁତୟନ କରାଯାଇଥିବାବେଳେ ଆବଶ୍ୟକ ଔଷଧ ମହଜୁଦ ରଖାଯାଇଛି ଏବଂ ସାପ କାମୁଡ଼ାର ଚିକିତ୍ସା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକ୍ସନ୍ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ଅନ୍ୟପଟେ ସମସ୍ତ ନଦୀବନ୍ଧ, ରିଲିଫ କେନ୍ଦ୍ର ଓ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ ବାଧ୍ୟତାମୂଳକ କରାଯାଇଛି। କ୍ଷତିଗ୍ରସ୍ତ ଘରଗୁଡ଼ିକର ଆକଳନ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପ୍ରଭାବିତ ପରିବାରମାନଙ୍କୁ ସରକାରୀ ନିୟମାବଳୀ ଅନୁଯାୟୀ ସହାୟତା ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଜରୁରୀ ଉଦ୍ଧାର କାର୍ଯ୍ୟ ବେଳେ ବିଦ୍ୟୁତ୍ ସ୍ପର୍ଶରେ ଜଣେ ଅଗ୍ନିଶମ ସେବା କର୍ମଚାରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ମନ୍ତ୍ରୀ ଓ ଉପସ୍ଥିତ ସମସ୍ତ ଅଧିକାରୀ ଗଭୀର ଶୋକ ପ୍ରକାଶ କରିଥିଲେ। ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ସରକାରୀ ସହାୟତା ଓ ପ୍ରାପ୍ୟ ସୁବିଧା ପ୍ରଦାନ କରିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ସମ୍ପୃକ୍ତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ମୁକାବିଲାକୁ ଆହୁରି ସୁଦୃଢ଼ କରିବା ପାଇଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ୪ ଜିଲ୍ଲାରେ ୨୦ ଟି ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି। ଏହାସହିତ ସମ୍ବଲପୁରରେ ଆଗକୁ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଓଡ୍ରାଫ୍ ଟିମ୍ ନିୟୋଜିତ କାରଯାଇଛି। ଏହି ସ୍ଥିତିରେ ରାଜ୍ୟ ସରକାର ସମସ୍ତ ଜିଲ୍ଲା ପ୍ରଶାସନ ଏବଂ ସଂପୃକ୍ତ ବିଭାଗ ସହ ନିରନ୍ତର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

### ବୈତରଣୀ ବନ୍ୟାରେ...

ବିପଦ ସଙ୍କେତ ତଳକୁ ଖସିଛି, ହେଲେ ଏବେ ବି ଆଖୁଆ ପଦାଠାରେ ଏହା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ବୁଢ଼ାବଳଙ୍ଗ ମଧ୍ୟ ଏନ୍‌ଏଚ୍-୫ଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ମହାନଦୀ ନରାଜଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଉତ୍ତର ଓଡ଼ିଶାରେ ମୁଖ୍ୟତଃ ପୂର୍ଣ୍ଣିମା ଯୋଗୁଁ ସମୁଦ୍ରକୁ ପାଣି ନିଷ୍କାସିତ ହୋଇପାରୁ ନାହିଁ। ଫଳତଃ ଏବେ ବି ଶତାଧିକ ଗାଁ ଜଳଘେରରେ ରହିଛି। ବୈତରଣୀ ନଦୀରେ ବନ୍ୟା ଯୋଗୁଁ ଯାଜପୁରର ଦଶରଥପୁର, ଭଦ୍ରକର ଧାମନଗର ଓ ଚାନ୍ଦବାଲି ଅଞ୍ଚଳରେ ବନ୍ୟା ପାଣି ପଶିଛି ଓ ଏଠାରେ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଶାଳନ୍ଦୀ ନଦୀରେ ଇନ୍‌ଫ୍ଲୋ କମିଥିବାରୁ ଭଦ୍ରକର ବନ୍ୟା ସ୍ଥିତି ଆସନ୍ତାକାଲି ସୁଦ୍ଧା ସୁଧୁରିବ ବୋଲି ଆକଳନ କରାଯାଇଛି। ତେବେ ଆନନ୍ଦପୁର ଓ ଯାଜପୁରରେ ନଦୀବନ୍ଧରେ ଛୋଟ ଘାଇ ସୃଷ୍ଟି ହୋଇଥିବା ବେଳେ ପାଣି କମିବା ପରେ ତୁରନ୍ତ ମରାମତି କରାଯିବ ବୋଲି ଆକଳନ କରାଯାଉଛି।

ଅନ୍ୟପଟେ ଉତ୍ତର ଓଡ଼ିଶାରେ ବୈତରଣୀର ଦାଉ କମି ନ ଥିବା ବେଳେ ମହାନଦୀ ଏବେ ଚିନ୍ତା ବଢ଼ାଇବାରେ ଲାଗିଛି। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ସ୍ପଷ୍ଟ କରିଛନ୍ତି ଯେ, ଗୁରୁବାର ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ୮.୫ରୁ ୯ ଲକ୍ଷ କ୍ୟୁସେକ୍ ପାଣି ପହଞ୍ଚିପାରେ। ଏହାର ପ୍ରଭାବରେ ଦୟା ଓ ମହାନଦୀର ତଳିଆ ଅଞ୍ଚଳରେ ଛୋଟରୁ ମଧ୍ୟମ ଧରଣର ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ମୁଣ୍ଡଳୀରେ ଏବେ ୫ ଲକ୍ଷ ୮୭,୫୬୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଧୀରେ ଧୀରେ ଜଳର ପରିମାଣ ବଢ଼ିବାରେ ଲାଗିଛି। ହୀରାକୁଦ ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୧୭.୯୧ ଫୁଟ୍ ରହିଛି। ଦୁଇଟି ଗେଟ୍ ଦେଇ ସେଠାରୁ ପାଣି ନିଷ୍କାସନ ଚାଲିଥିଲେ ମଧ୍ୟ, ତେଲ୍ ନଦୀ ଅବବାହିକା ସମେତ ବଲାଙ୍ଗିର ଓ ଖଇରମାଳ ଅଞ୍ଚଳରେ ଅଧିକ ବର୍ଷା ହେବାରୁ ମହାନଦୀକୁ ବହୁ ପରିମାଣର ଜଳ ପ୍ରବେଶ କରୁଛି। ଫଳରେ ମୁଣ୍ଡଳୀରେ ବନ୍ୟା ଜଳ ପ୍ରବାହ ବଢ଼ିବା ସହ ପରଦିନ ଦୟା ଓ ମହାନଦୀର ତଳିଆ ଅଞ୍ଚଳରେ ବନ୍ୟାର ପ୍ରଭାବ ଦେଖାଯିବ ବୋଲି ଆଶଙ୍କା କରାଯାଇଛି। ମହାନଦୀରେ ବନ୍ୟା ଆସିବା ଯୋଗୁଁ ବିଶେଷ କରି ପୁରୀ ଜିଲ୍ଲାର ନିମାପଡ଼ା, କଣାସ, ଗୋପ ଓ ଅସ୍ତରଙ୍ଗ ଭଳି ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାର ସମ୍ଭାବନା ରହିଛି। ସେଥିପାଇଁ ସ୍ଥାନୀୟ ପ୍ରଶାସନକୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗ ପରାମର୍ଶ ଦେଇଛି।

### ପ୍ରତ୍ୟେକ ଜୀବନ...

ପଦକ୍ଷେପରେ ଲୋକଙ୍କ ସହିତ ଛିଡ଼ା ହୋଇଛନ୍ତି। ପ୍ରଶାସନର ସୂଚନାକୁ ପାଳନ କରିବା ସହ ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଛନ୍ତି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା, ସ୍ଥାନାନ୍ତରଣ ଓ ରିଲିଫ୍ କାର୍ଯ୍ୟକୁ ସ୍ୱୟଂ ତଦାରଖ କରିବା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଜଳସ୍ତର ଓ ପରିସ୍ଥିତି ଉପରେ ସାକ୍ଷାତ ନଜର ରଖିବା ପାଇଁ ଏସଆରସି କାର୍ଯ୍ୟାଳୟ ଓ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟା ଖୋଲା ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଓଡ୍ରାଫ, ଏନ୍‌ଡିଆର୍‌ଏଫ, ଅଗ୍ନିଶମ ଓ ପୁଲିସ ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ସମସ୍ତ ଆଶ୍ରୟସ୍ଥଳୀରେ ବିଶୁଦ୍ଧ ପାନୀୟ ଜଳ, ରନ୍ଧାଖାଦ୍ୟ, ଜରୁରୀ ସ୍ୱାସ୍ଥ୍ୟସେବା, ସର୍ପାଘାତ ପ୍ରତିଷେଧକ ଔଷଧ ଏବଂ ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ଆଶ୍ରୟସ୍ଥଳୀକୁ ଆସୁଥିବା ନାଗରିକଙ୍କ ବାସଗୃହ ଓ ଧନସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବା ପାଇଁ ପୁଲିସ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଓ ଚାଷଜମି ପାଇଁ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି

ବୋଲି ମୁଖ୍ୟମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ରାଜ୍ୟରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥିତି ଉପରେ ନିରନ୍ତର ନଜର ରଖିଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଆଲୋଚନା କରି ପ୍ରଭାବିତ ଅଞ୍ଚଳରେ ପରିସ୍ଥିତି ପଚାରି ବୁଝିବା ସହ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛି।

### ସରକାରୀ ବସ୍ ଡ୍ରାଇଭର...

ଆଣିଥିଲେ ବା ଆୟ କରିଥିଲେ, ସେ ନେଇ ତଦନ୍ତକାରୀ ଦଳ ଅଧିକ ପଚରାଉଚୁରା ଜାରି ରଖିଛନ୍ତି। ବେଆଇନ କାରବାର ଏବଂ କଳାଧନ ଠୁଳ ଅଭିଯୋଗରେ ପୁଲିସ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ଏହି ଘଟଣାରେ ଅନ୍ୟ କୌଣସି ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ବେଆଇନ ସଂସ୍ଥାର ହାତ ରହିଛି କି ନାହିଁ, ତାହା ଆଗାମୀ ତଦନ୍ତରୁ ସ୍ପଷ୍ଟ ହେବ।

### ଗୃହ ତତାଇଲେ...

କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ।

ଲୋକସଭାରେ ଆଗତ ପ୍ରଶ୍ନପତ୍ର ଲିକ୍ ବିଲ ଉପରେ ଆଲୋଚନା ବେଳେ ଆଜି ରାହୁଲ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଟାର୍ଗେଟ କରିବାରୁ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ରାହୁଲ ଅଭିଯୋଗ କରିଥିଲେ ଯେ ଗତ ଜୁଲାଇ ୨୦ ତାରିଖରେ ଛାତ୍ର ଆନ୍ଦୋଳନକାରୀଙ୍କୁ ଗୁଳି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏପରି ବଳପ୍ରୟୋଗ ନିଷ୍ପତ୍ତି କେବଳ ସ୍ୱରାଷ୍ଟ୍ର ମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନରେ ହିଁ ସମ୍ଭବ। ଏହି କାରଣ ପାଇଁ ଶାହ ଗୃହକୁ ଆସିବାକୁ ସାହସ ଜୁଟାଇ ପାରୁନାହାନ୍ତି ବୋଲି ସେ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟର ଶାସକ ଦଳର ସାଂସଦମାନେ ତୀବ୍ର ପ୍ରତିବାଦ କରିବା ସହ ରାହୁଲଙ୍କଠାରୁ ପ୍ରମାଣ ଏବଂ କ୍ଷମାପ୍ରାର୍ଥନା ଦାବି କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାହୁଲଙ୍କ ଏହି ମନ୍ତବ୍ୟକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଗୃହର ମର୍ଯ୍ୟାଦା ହାନି ବୋଲି ଦର୍ଶାଇଥିଲେ। ରାହୁଲ ନିଜ ଅଭିଯୋଗର ଉପଯୁକ୍ତ ପ୍ରମାଣ ଦିଅନ୍ତୁ କିମ୍ବା ଗୃହରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି ଉଠିଥିଲା। ବାଚସ୍ପତି ଓମ୍ ବିର୍ଲା ମଧ୍ୟ ବିରୋଧୀ ଦଳ ନେତାଙ୍କୁ କୌଣସି ପ୍ରମାଣ ବିନା ଏପରି ଗୁରୁତର ଅଭିଯୋଗ ନ ଆଣିବାକୁ ଏବଂ ମୂଳ ବିଷୟବସ୍ତୁ ଉପରେ ଆଲୋଚନା ସୀମିତ ରଖିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ରାହୁଲଙ୍କ ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦିଆଯାଇଥିଲା।

ସନ୍ଧ୍ୟା ବେଳେ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ଅଭିଯୋଗ କରିଥିଲେ ସେ ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅମିତ ଶାହଙ୍କୁ ଦାୟୀ କରିବାରୁ ତାଙ୍କୁ ସଂସଦରେ କହିବାକୁ ଦିଆଯାଇନଥିଲା। ସେ କହିଥିଲେ ଯେ ଯଦି ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ଆଦେଶ ଦେଇଛନ୍ତି, ତେବେ ସେ ଦୋଷୀ। ଆଉ ଯଦି ସେ ଏ ବିଷୟରେ କିଛି ଜାଣିନଥିଲେ, ତେବେ ସେ ନିଜ ଦାୟିତ୍ୱ ତୁଲାଇବାରେ ଅକ୍ଷମ। ଏହି ସଂଘାତିକ ଅଭିଯୋଗକୁ ଶାସକ ଦଳ ଦୃଢ଼ ଭାବେ ଖଣ୍ଡନ କରିଛି। ତେବେ ସେ ଯାହା କହିଛନ୍ତି, ତାହା ଠିକ୍ ଏବଂ ସେ କ୍ଷମା ପ୍ରାର୍ଥନା କରିବେ ନାହିଁ ବୋଲି ରାହୁଲ ସ୍ପଷ୍ଟ କରିଛନ୍ତି। ସେ କହିଲେ ଯେ ପୁଲିସ ବର୍ବରତା ପାଇଁ ଶାହଙ୍କୁ ପ୍ରଧାମନ୍ତ୍ରୀ ବରଖାସ୍ତ କରିବା ଉଚିତ। ପୁଲିସର ଏଭଳି ବର୍ବରତାର ସୁପ୍ରିମ କୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ମଧ୍ୟ ହେବା ଆବଶ୍ୟକ। ତେବେ ସେ କୌଣସି ପରିସ୍ଥିତିରେ ବିଜେପି-ଆରଏସଏସକୁ କ୍ଷମା ପ୍ରାର୍ଥନା କରିବେ ନାହିଁ ବୋଲି ରାହୁଲ କହିଥିଲେ। ଏହାସହିତ ସେ ଛାତ୍ରମାନଙ୍କୁ ତିନିଟି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ଆହତ ଆନ୍ଦୋଳନକାରୀଙ୍କୁ ନ୍ୟାୟ ଦେବାରେ ସହାୟତା କରିବେ। ପେଲେଟ ଗନ୍ ମାଡ଼ କରିଥିବା ଦୋଷୀଙ୍କୁ ଦଣ୍ଡିତ କରାଇବେ ଏବଂ ସମଗ୍ର ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କୁ କାଠଗଡ଼ାରେ ଠିଆ କରାଇବେ।

### ହଙ୍ଗାମା ମଧ୍ୟରେ...

ଯନ୍ତରମନ୍ତରଠାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜୁଲାଇ ୨୦ ତାରିଖରେ ସଂସଦ ଅଭିମୁଖେ ପଦଯାତ୍ରା ସମୟରେ ପୋଲିସ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଶନିବାର ଦିନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ ସରକାର ଅନ୍ୟାନ୍ୟ ଦାବି ଗ୍ରହଣ କରିବା ପରେ ଦୀର୍ଘ ୩୬ ଦିନର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।।ସେହିଭଳି ରାଜ୍ୟସଭାରେ ଆଜି ବନ୍ଦେମାତରମ ବିଲ୍ ମଧ୍ୟ ଗୃହୀତ ହୋଇଛି। ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ଅନାଦର କିମ୍ବା ଅପମାନିତ କରିବାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରିବା ପାଇଁ ରାଜ୍ୟସଭାରେ ଏହି ବିଲ୍ ପାରିତ ହୋଇଛି। ଜାତୀୟ ସମ୍ମାନ ଅବମାନନା ନିରୋଧ (ସଂଶୋଧନ) ବିଲ୍,୨୦୨୬ ବାଚନିକ ଭୋଟ୍ ଦ୍ୱାରା ଗୃହୀତ ହୋଇଛି। ଏହି ବିଲ୍ ଜରିଆରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଭଳି ସମାନ ଆଇନଗତ ସୁରକ୍ଷା ପ୍ରଦାନ କରାଯାଇଛି। ନୂତନ ନିୟମ ଅନୁଯାୟୀ, ଜାତୀୟ ପତାକା, ସମ୍ବିଧାନ, ଜାତୀୟ ସଙ୍ଗୀତ ଏବଂ 'ବନ୍ଦେ ମାତରମ୍' ପ୍ରତି କୌଣସି ଅନାଦର କଲେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡବିଧାନର ପ୍ରାବଧାନ ରହିଛି। 'ବନ୍ଦେ ମାତରମ୍' ରଚନାର ୧୫୦ତମ ଜୟନ୍ତୀ ପାଳନ ଅବସରରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

### ମନମୋହନଙ୍କୁ...

ଦିଆଯାଇଛି। ମନମୋହନ ସିଂହଙ୍କ ଦେହାନ୍ତ ହୋଇଥିଲେ ସୁଦ୍ଧା ତାଙ୍କ ସମ୍ମାନ ଓ ସ୍ୱଚ୍ଛ ଭାବମୂର୍ତ୍ତି ରକ୍ଷା ପାଇଁ କୋର୍ଟ ଏହି ଆବେଦନର ଶୁଣାଣି କରିଥିଲେ। ମନମୋହନ ସିଂହଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି ମାମଲା ପରିଚାଳନା କରିଥିଲେ। ହିଣ୍ଡାଲକୋ କମ୍ପାନୀକୁ କୋଇଲା ବ୍ଲକ ଆବଣ୍ଟନ କରିବା ଏକ ପ୍ରଶାସନିକ ନିଷ୍ପତ୍ତି ଥିଲା ଏବଂ ଏଥିରେ କୌଣସି ବେଆଇନ କାର୍ଯ୍ୟ ହୋଇ ନ ଥିଲା ବୋଲି ସିବଲ କୋର୍ଟରେ ଯୁକ୍ତି ରଖିଥିଲେ।

### ନଥିରେ ଯୋଜନା...

ମାତ୍ର ଏହି ବର୍ଗର ଲୋକମାନଙ୍କର ବିକାଶ ପାଇଁ କେନ୍ଦ୍ରରେ ତାଙ୍କରି ମନ୍ତ୍ରଣାଳୟ ଓଡ଼ିଶାକୁ ଅନୁଦାନ ଦେବାରେ କାର୍ପଣ୍ୟ କରିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାତ୍ର ଏହି ଯୋଜନାରେ ଅନୁଦାନ ପ୍ରଦାନ ସମ୍ପର୍କରେ ଖୋଦ୍ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱୈତ ଉତ୍ତରକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଗୋଟିଏ ପ୍ରଶ୍ନର ଉତ୍ତରରେ ପିଏମ୍-ଜନମନ ଯୋଜନାରେ ଓଡ଼ିଶାକୁ ଆଦୌ ଅନୁଦାନ ମିଳି ନ ଥିବା ସୂଚନା ଦେଇଥିବାବେଳେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ ରାଜ୍ୟକୁ ୨୦୨୫-୨୬ ବର୍ଷରେ ୧.୯ କୋଟି ଅନୁଦାନ ମଞ୍ଜୁର ହୋଇଥିବା ତଥ୍ୟ ରଖିଛନ୍ତି। ଏକ ପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ସମୟରେ ୧୨୨ କୋଟି ଟଙ୍କାରୁ ୨ ବର୍ଷରେ ୧.୯ କୋଟି ଅନୁଦାନ ଯଦି ସତରେ ରାଜ୍ୟକୁ ମିଳିଥାଏ, ତାହା ମଧ୍ୟ ପୀଡ଼ାଦାୟକ ବୋଲି କୁହାଯାଉଛି । ରାଜ୍ୟରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଦାନ, ଶିକ୍ଷା, ଜୀବିକା, ଭିତ୍ତିଭୂମି ଓ ସାମାଜିକ-ଆର୍ଥିକ ବିକାଶ ସଂକ୍ରାନ୍ତରେ ସାଂସଦ ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ୱିକେ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପାଇଁ ଓଡ଼ିଶାକୁ ୭୨୭.୫୯ କୋଟି ମଞ୍ଜୁର ହୋଇଥିବାବେଳେ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି ବାବଦରେ ୨୯୪ କୋଟି ମୁକ୍ତ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୨୭୫(୧) ଅନ୍ତର୍ଗତ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ୧୦୯.୭୬ କୋଟି ପ୍ରଦାନ କରାଯାଇଛି। ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୨୦୨୫-୨୬ରେ ୧୧.୩୯ କୋଟି ଅର୍ଥ ମଞ୍ଜୁର କରାଯାଇଛି। ପିଏମ୍ ଜନଜାତୀୟ ବିକାଶ ମିଶନ ପାଇଁ ୨୩.୭୪ କୋଟି, ଟ୍ରାଇବାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପାଇଁ ୩.୬୦ କୋଟି ସହାୟତା ଦିଆଯାଇଛି। କେତେକ ଯୋଜନାରେ ଅନୁଦାନଗୁଡ଼ିକର ବିନିଯୋଗ ପ୍ରମାଣପତ୍ର (ୟୁସି) ମିଳିଥିବାବେଳେ ଅନ୍ୟ କେତେକ ଯୋଜନାରେ ବିନିଯୋଗପତ୍ର ରାଜ୍ୟ ସରକାର ଦେଇ ନ ଥିବା ମନ୍ତ୍ରୀ ଶ୍ରୀ ୱିକେ କହିଛନ୍ତି।

### ପୁରୀ ମେୟର...

ନିର୍ଦ୍ଧାରିତ ସମୟ ମଧ୍ୟରେ ଆସିଥିବା ସମସ୍ତ ଆପତ୍ତି ଓ ପରାମର୍ଶକୁ ବିଚାର କରି ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଅର୍ଥାତ୍ ଏବେ ଚିଠା ପ୍ରସ୍ତାବ ଆସିଛି। ଆପତ୍ତି ଶୁଣାଣି ପରେ ଚୂଡ଼ାନ୍ତ ବିଜ୍ଞପ୍ତି ଜାରି ହେବ। ତେବେ ରାଜନୈତିକ ମହଲରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି ଯେ ପ୍ରାୟତଃ ଚିଠା ପ୍ରସ୍ତାବ ହିଁ ଚୂଡ଼ାନ୍ତ ରୂପ ନେଇଥାଏ।

ତେବେ ଏହି ଚିଠା ପ୍ରସ୍ତାବ ପରେ ଅନେକଙ୍କ ସ୍ୱପ୍ନ ଭାଙ୍ଗିଯାଇଛି। ପୁରୀର ପ୍ରଥମ ମେୟର ହେବାକୁ ଆଶାୟୀ ଥିବା ବ୍ୟକ୍ତିମାନେ ସବୁଠୁ ଅଧିକ ନିରାଶ ହୋଇପଡ଼ିଛନ୍ତି। ଯଦିଓ ଖୁଲମ୍‌ଖୁଲା ତାଙ୍କ ମନର କଥା କାହାକୁ କହିପାରୁ ନାହାନ୍ତି କିନ୍ତୁ ମନେ ମନେ ଭାରି ଦୁଃଖୀ ହୋଇପଡ଼ିଛନ୍ତି। ମେୟର ପଦବୀକୁ ନେଇ ଚା' ଖଟିରେ ଯେଉଁ ଚର୍ଚ୍ଚା, ଆଲୋଚନା ହେଉଥିଲା ତାହା ବହୁ ମାତ୍ରାରେ କମିଯାଇଛି। ଅନ୍ୟପଟେ ଏସ୍‌ସି ମହିଳା ନେତ୍ରୀମାନଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି। ପ୍ରଥମଥର ପାଇଁ ପୁରୀର ମେୟର ପଦରେ ଜଣେ ମହିଳା, ତାହା ମଧ୍ୟ ଅନୁସୂଚିତ ଜାତିରୁ ଆସିବା ସହରବାସୀଙ୍କ ପାଇଁ ନୂଆ ଅଧ୍ୟାୟ ସୃଷ୍ଟି କରିବ। ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି, ସଂରକ୍ଷଣ ନୀତି ଅନୁଯାୟୀ ଏହା ସ୍ୱାଭାବିକ। କିନ୍ତୁ ଯେଉଁମାନେ ଦୀର୍ଘଦିନ ଧରି ଏହି ପଦ ପାଇଁ ପ୍ରସ୍ତୁତି କରୁଥିଲେ, ସେମାନଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ ବଡ଼ ଝଟ୍‌କା। ଏବେ ସମସ୍ତଙ୍କ ନଜର ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ବିଜ୍ଞପ୍ତି ଉପରେ। ଆପତ୍ତି ପର୍ଯ୍ୟାୟ ସରିବା ପରେ କେଉଁ ମୁହଁ ପୁରୀର ପ୍ରଥମ ମେୟର ଭାବେ ଆସିବ, ତାହା ଉପରେ ନିର୍ଭର କରୁଛି ସହର ଭବିଷ୍ୟତ। ସଂରକ୍ଷଣ ହେତୁ କିଛି ସ୍ୱପ୍ନ ଭାଙ୍ଗିଲା, ଆଉ କିଛି ନୂଆ ସ୍ୱପ୍ନ ଜନ୍ମ ନେଲା। ଏହାରି ଭିତରେ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀ ଏବେ ଅପେକ୍ଷା କରିଛି ତା'ର ପ୍ରଥମ ମହିଳା ମେୟରଙ୍କୁ।


**AFFIDAVIT**

By virtue of an affidavit sworn before 833, dated-04/07/26, I Smt Chhabila Ram Address: At-Patharchatia, Po-Bainchanuagaon, Ps-Rasgovindpur, Mayurbhanj, Odisha, Pin-757020, my son Adhar Card no:- 516544237741 declare that I have changed my Son's name from JHINA RAM (old name) to JEENA RAM (new name) Henceforth, she shall be known as JEENA RAM (new name) for all future purposes.

**ପୂର୍ବ ତଟ ରେଳପଥ**

PR-333/II/26-27 CRW

**ଦଲିଲ ହଜିଛି**

**AFFIDAVIT**

By virtue of an affidavit no.5813 before Notary Public, Sunabeda, dtd. 29.07.2026, I, Mohan Nayak, Vill- Luhaba, P.O. Subal, P.S. Nandapur, Dist. Koraput hereby declare that my Aadhaar Card contains incorrect entries. My name has been wrongly recorded as Mahon Nayak instead of Mohan Nayak, my father's name as Madhab Nayak instead of Balaram Nayak, and my date of birth as 11.06.2000 instead of 18.08.2000. All the above names refer to the same persons.

Mohan Nayak

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ନଂ RTM-2026-27-77 ... GOA-NAD ... (Rehabilitation) ... RCC Box ... www.ireps.gov.in ...

Like us on: facebook.com/ ...

**AFFIDAVIT**

I Ruksana Rajjak D/O Abdul Rajjak At.3rd Lane Shiridi Sai Nagar, Po/PS. Nabarangapur, Dist- Nabarangapur, Pin 764059 . Declare by this affidavit no 26516 dated 29/07/2026 that now onwards I shall be known as Ruksana Bano for all future purposes.

**OFFICE OF THE PRINCIPAL,**
**SIDDHARTHA DEGREE COLLEGE, BINKA,**
DIST-SUBARNAPUR
EMAIL ID:-siddharthadegreecollegebinka@gmail.com
**QUOTATION CALL NOTICE**

No. 1476 Dt. 29-07-26

Sealed Quotations are invited from GST Registered Firms /Authorised dealers/ Distributors for supply of IT infrastructure items: **(1) Desktop (I5-13th Generation)-05, (2) UPS (600VA)-05, (3) Multi Function Printer-01, (through speed post/Regd Post/Courier etc) on or before 07.08.2026.** The undersigned reserves the right to cancel any quotation without assigning any reason thereof.
For detail specification please visit our official website (www.siddharthadegreecollegebinka.org)

Sd/- Principal
Siddhartha Degree College, Binka
Mob No.9937802575

GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, KORAPUT**
AT: PUJARIPUT (OLD LIC BUILDING), DIST: KORAPUT, PIN-764020
E-MAIL: eikoraput-od@od.gov.in
No. 693 / Dated 27.07.2026
**CORRIGENDUM-EXTENSION OF TENDER SUBMISSION DATE**

In continuation to this office Tender Call Notice Letter No. **604 / Dated 06.07.2026**, the undersigned is pleased to extend the deadline for submission of sealed quotation / tender documents for hiring of Electric Vehicle of the Additional Chief Engineer-Cum-Electrical Inspector, Koraput up to **14.08.2026 at 03:00 PM** and shall be opened on the same day at **04.00 PM** in presence of the bidders or their authorized representatives.
All other terms and conditions of the original quotation call notice Letter No. **604 / Dated 06.07.2026** shall remain unchanged.

Additional Chief Engineer
-Cum-Electrical Inspector, Koraput

OIPR-4001/4095/1/26-27/0083

4001/730/2627

**MUNICIPAL OFFICE: JEYPORE**
13001/1323/2627
Ph. No.06854-321098, Fax No.06854-230104, Email- jeyporem.hud@nic.in
Letter No. 3712/JM Date: 28.7.26
**Offline Tender Call Notice**

| | |
|---|---|
| TCN Documents available at | http://www.jeyporemunicipality.in http://koraput.odisha.gov.in |
| No of works. | 01 |
| Estimated cost/ EMD Cost/ Paper Cost | As per DTCN |
| Date & Time of Bidding | From 30.07.2026 at 11.00 Hours to 07.08.2026 Upto 16:00 Hours |
| Last date & time for receipt of bids through speed post | 11.08.2026 Upto 11:00 Hours |
| Documents shall be opened in presence of the Participate Bidders | 11.08.2026 at 12:00 Hours onwards |

OIPR- 13001/13079/1/26-27/0021

Executive Officer
Jeypore Municipality

## ଘର ପଛ ବଗିଚାରୁ ବିପୁଳ ଗଞ୍ଜେଇ ଜବତ

**କଣ୍ଟାମାଲ/ଶଗଡ଼ା, ୨୯ ।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଲ ଥାନା ଏସ୍‌ଆଇ ପିକେ ଭୋଇ ପାଟ୍ରୋଲିଂ କରୁଥିବା ସମୟରେ ସୂଚନା ପାଇ ଖଲିଆପାଲିର ମନୁ ବାଗଙ୍କ ଘରେ ଚଢଉ କରିଛନ୍ତି । ବଗିଚାରେ ଗଚ୍ଛିତ ଥିବା ୪୧ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲେ । ସେଠାରେ ଉପସ୍ଥିତ ଥିବା ୫ଜଣ ବ୍ୟକ୍ତି ପୁଲିସକୁ ଦେଖି ଫେରାର ହୋଇଥିଲେ । ଏକ ମାମଲା ରୁଜୁ କରାଯାଇ ମାମଲାର ଅଧିକ ତଦନ୍ତ ଜାରି ଥିବା ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି ।

## କଣ୍ଟାମାଲ ଏସବିଆଇ ତରଫରୁ ବୀମାରାଶି ପ୍ରଦାନ

**କଣ୍ଟାମାଲ, ୨୯ ।୭(ସମିସ):** ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ହିତାଧିକାରୀ ବିକାଶ ସାହୁଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କର କଣ୍ଟାମାଲ ଶାଖା ତରଫରୁ ୨ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି । ଆଜି ଷ୍ଟେଟ ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ତୁଷାରକାନ୍ତ ସାହୁ ଓ କ୍ଷେତ୍ର ପରିଚାଳକ ସତ୍ୟବାଦୀ ବେହେରା ଏହି ଚେକ୍ ପ୍ରଦାନ କରିଥିଲେ ।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା

**ଡୁଙ୍ଗୁରିପାଲି, ୨୯ ।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ଉପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଡୁଙ୍ଗୁରିପାଲିର ଗୋପାଲ ବାରିକ, ଜିତେନ୍ଦ୍ରୀୟ ବିଶ୍ୱାଳ, ବିପ୍ରଚରଣ ସାହୁ, ଅଶୋକ ଶତପଥୀ ଓ ଯଦୁନନ୍ଦନ ସରାଫ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ ।

## କମିରା ସ୍କୁଲରେ ବନ ମହୋତ୍ସବ

**ବୌଦ୍ଧ, ୨୯ ।୭(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କମିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ କରାଯାଇଛି । ପ୍ରଧାନ ଶିକ୍ଷକ ସୁଶାନ୍ତ ମହାପାତ୍ର, ଏସ୍‌ଏମ୍‌ସି ସଭାପତି ସନ୍ତୋଷ ଦାସ, ସୁମନ୍ତ ଦାସ, ସରୋଜ ଦାସ, ଶିକ୍ଷକ ବୀର ବିକ୍ରମ ପ୍ରଧାନ, ଚନ୍ଦ୍ରଶେଖର ହାତୀ, ସୁବୋଧ ସାହୁ, ବିକାଶ ଦୀପ ଏବଂ ଶିକ୍ଷୟିତ୍ରୀ ଦୀପାଞ୍ଜଳି ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶବ ବ୍ୟବଚ୍ଛେଦ ଗୃହ ଉଦ୍‌ଘାଟିତ

**ଦେବଗଡ଼, ୨୯ ।୭(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ମୁଖ୍ୟାଳୟରେ ଏକ ଶବ ବ୍ୟବଚ୍ଛେଦ ଗୃହ ଉଦ୍‌ଘାଟିତ ହୋଇଛି । ଦୀର୍ଘ ବର୍ଷ ହେବ ଶବ ବ୍ୟବଚ୍ଛେଦ ଗୃହ କୋଠା ନିର୍ମାଣ ହୋଇଥିଲା; ହେଲେ ବ୍ୟବହାର ହେଉ ନ ଥିଲା । ଅଞ୍ଚଳର ବରିଷ୍ଠ ନାଗରିକଙ୍କ ଚାପରେ ବ୍ଲକ ପ୍ରଶାସନ ପୁଣିଥରେ ଆବଶ୍ୟକ ମରାମତି କରି ଆଜି ଲୋକାର୍ପଣ କରିଛି । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବିତା ଜେନା ଓ ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଡେଇ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକଙ୍କ ଉପସ୍ଥିତିରେ ଫିତାକାଟି ଲୋକାର୍ପଣ କରିଥିଲେ ।

## ଶସ୍ୟ ବୀମା ସଚେତନତା ପ୍ରଚାର ରଥର ଶୁଭାରମ୍ଭ

**ବୌଦ୍ଧ, ୨୯ ।୭(ସମିସ):** ବୌଦ୍ଧ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସୁବିଧା ସମ୍ପର୍କରେ କୃଷକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏସ୍‌ବିଆଇ ଜେନେରାଲ୍ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ଏକ ଶସ୍ୟ ବୀମା ସଚେତନତା ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଡନ୍ ବସ୍କୋ ପ୍ରମୁଖ ସବୁଜ ପତାକା ପ୍ରଦର୍ଶନ କରି ପ୍ରଚାର ରଥର ଶୁଭାରମ୍ଭ କରିଥିଲେ ।

## ବାଉଁଶୁଣୀରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ଶଗଡ଼ା, ୨୯ ।୭(ସମିସ):** ବାଉଁଶୁଣୀ ବାଉଁଶୁଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡିଏଲ୍‌ଏସ୍‌ଏ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏସ୍‌ପି ସୁଭାସିନୀ ଟେଟେ, ମହିଳା ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ରାଧାକାନ୍ତ ବାଘ, ଶିଶୁ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ମଲ୍ଲିକ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ୟୋମକେଶ ମଣ୍ଡଳ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## କାଠ କାରିଗରଙ୍କ ସହ ନାବାର୍ଡ ଡିଜିଏମ୍‌ଙ୍କ ଆଲୋଚନା

**ବୀରମହାରାଜପୁର, ୨୯ ।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଚମ୍ପାମାଳର କାଠ କାରିଗରଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ନାବାର୍ଡ ଡେପୁଟି ଜେନେରାଲ ମ୍ୟାନେଜର ସତ୍ୟ ସ୍ୱରୂପ ବେଦାନ୍ତ ସାକ୍ଷାତ କରିଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋରୋର କାର୍ଯ୍ୟ ନିର୍ବାହୀ ସମ୍ପାଦକ ଦତ୍ତାତ୍ରୟ ଗୁରୁ, କିଶୋର ହୋତା, ଦୀନବନ୍ଧୁ ମହାରଣା, ବ୍ରଜଗୋପାଳ ମହାରଣା, ପଞ୍ଚାନନ ମହାରଣା, ଗୁଣ୍ଡୁ ମହାରଣା, ଶେଷଦେବ ମହାରଣା, ଶୁଭ୍ରାଂଶୁ ମହାରଣା, ସଂଯୁକ୍ତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ସମରସ ସଂକଳ୍ପ ଅଭିଯାନର କର୍ମଶାଳା

**ବୌଦ୍ଧ, ୨୯ ।୭(ସମିସ):** ଭାରତୀୟ ଜନତା ପାର୍ଟି ବୌଦ୍ଧ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଜିଲ୍ଲା କାର୍ଯ୍ୟାଳୟରେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ଜୀଙ୍କ ୬୫୦ ତମ ଜନ୍ମଜୟନ୍ତୀ ଅବସରରେ ସମରସ ସଂକଳ୍ପ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବେ ଜି ଉଦୟଗିରିର ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ ଏବଂ ଜିଲ୍ଲା ଅନୁସୁଚିତ ଜାତି ମୋର୍ଚ୍ଚା ସଭାପତି ରାମଚନ୍ଦ୍ର ତାଣ୍ଡି ଉପସ୍ଥିତ ଥିଲେ ।

# ମାଁ ବୁଢ଼ୀଆଇ ଦେବୀଙ୍କ କାଦୋଯାତ୍ରା ସମ୍ପନ୍ନ

**ଦେଓଗାଁ, ୨୯।୭(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଜରାସିଂହାରେ ବୁଧବାର ଅଧିଷ୍ଠାତ୍ରୀ ଦେବୀ ମାଁ ବୁଢ଼ୀଆଇଙ୍କ ଐତିହାସିକ କାଦୋଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ପ୍ରତିବର୍ଷ ଆଷାଢ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣମୀ ତିଥିରେ ସମ୍ପନ୍ନ ହୋଇଥାଏ । ଚଳିତ ବର୍ଷ ମଧ ତିଥି ଅନୁସାରେ ମଙ୍ଗଳବାର ଦିନ ଗୋରସରୁକା ଓ ସେରଣୀବନ୍ଧା ପୂଜା ହୋଇଥିଲା । ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ବୁଢ଼ୀଆଇ ମନ୍ଦିରରୁ ଦେବୀ ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ବଟବୃକ୍ଷ ତଳେ ଅସ୍ଥାୟୀ ପୀଠରେ ପୂଜକ ଓ ଦେହୁରୁଙ୍କ ଦ୍ୱାରା ଓଲଟ ନିଷାନ ଓ ବାହୁଡିର ପୂଜାର୍ଚ୍ଚନା କରାଯାଇଥିଲା । ମୁଖ୍ୟବରୁଆଙ୍କ ଶରୀରରେ ଦେବୀ ପ୍ରବେଶ କରିବାପରେ ପାରମ୍ପାରିକ ବାଦ୍ୟର ତାଳେତାଳେ ବୁଢ଼ୀଆଇ ଦେବୀ ନୃତ୍ୟ କରିଥିଲେ । ପରମ୍ପରା ଅନୁଯାୟୀ ନିକଟସ୍ଥ ବୁଢ଼ୀଆଇ ବନ୍ଧକୁ ଦେବୀ ଆଗମନ କରି ଚାର, କେନ୍ଦୁ ଆଦି ଫଳଦେଖା କାର୍ଯ୍ୟକ୍ରମ ପରେ ବଟବୃକ୍ଷ ପରିକ୍ରମଣ କରିଥିଲେ । ପରେ ଶ୍ରଦ୍ଧାଳୁଙ୍କୁ ଫୁକାଝରା କରି ଆଶୀର୍ବାଦ ପ୍ରଦାନ କରିଥିଲେ । ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ ପ୍ରତିନିଧିତ୍ୱ କରିଥିବା ବେଳେ ମୁଖ୍ୟ ଦେହୁରୀ ଭାବେ ସନ୍ତୋଷ ଥନାପତି, ପୂଜକ ଉଜ୍ଜ୍ୱଳ ଝାଙ୍କର, ମଶାଲିଆ ଶ୍ରୀବତ୍ସ ସାହୁ, ସେବାୟତ ଡା. ସରୋଜ କୁମାର ସାହୁ, ଜେନାବିରୁପାଣି ଦେବୀଙ୍କ ପୂଜକ ବୁଡୁ ପତ୍ରୀମାଲି, ପେଠାବାବୁ ଶଙ୍କର ସିଂ ବାବୁ, ସାହାଣୀ ସତ୍ୟ ନାରାୟଣ ସାହାଣୀ, ଛତରଧାରୀ ଭାବେ କିଶାନ ଛତ୍ରିଆ, ବାହୁକ ଭାବେ ରାଜ ଦଣ୍ଡସେନା, ବୃନ୍ଦା ଦଣ୍ଡସେନା ଓ ସନ୍ତୋଷ ଦିଗାଲ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ ।



# ଏନ୍‌ଏଚ୍‌ଏମ୍ ମିଶନ ନିର୍ଦ୍ଦେଶକଙ୍କ ଝାରସୁଗୁଡ଼ା ଗସ୍ତ

**ଝାରସୁଗୁଡ଼ା, ୨୮ ।୭(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶାର ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଦୁଇ ଦିନିଆ ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ସରକାରୀ ଯୋଜନା, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷା ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦର ଏପିଡି ସୂର୍ଯ୍ୟାଂଶୁ ରୁଟ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ମିଶନ ନିର୍ଦ୍ଦେଶକ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ମିଶନ ଆଶାଲୋକ-୧ କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ଉପଲବ୍ଧ ଭିତ୍ତିଭୂମି, ନିୟମିତ ଡାକ୍ତରୀ ଚିକିତ୍ସା, ଔଷଧ ଯୋଗାଣ, ଉଦ୍ଧାର ଅଭିଯାନ ଏବଂ ଜୀବିକା ନିର୍ବାହ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ଅନୁଧ୍ୟାନ କରିଥିଲେ । ପରିଶେଷରେ ଡାକ୍ତର ବୃନ୍ଦା ଡି. ପଞ୍ଚପଡ଼ାସ୍ଥିତ ବୃଦ୍ଧାଶ୍ରମ ପରିଦର୍ଶନ କରି ବୟସ୍କ ଅନ୍ତେବାସୀଙ୍କ ରହିବା, ସ୍ୱାସ୍ଥ୍ୟସେବା, ଖାଦ୍ୟପେୟ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଅନ୍ତେବାସୀମାନେ ବୟସାଧିକ୍ୟ ଯୋଗୁଁ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କ ନିୟମିତ ଆଖି ଓ କାନ ପରୀକ୍ଷା ସହ ଆବଶ୍ୟକ ସ୍ଥଳେ ଶ୍ରବଣ ଯନ୍ତ୍ର ବଣ୍ଟନ କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ରୋଷେଇ ଘରର ପରିଚ୍ଛନ୍ନତା, ସୁଷମ ଖାଦ୍ୟ ପ୍ରଦାନ, ଜଳଯୋଗାଣ ଓ ପୁନର୍ବାସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ପରିବାରରୁ ବିଚ୍ଛିନ୍ନ ହୋଇଥିବା ବୃଦ୍ଧବୃଦ୍ଧାଙ୍କୁ ସେମାନଙ୍କ ନିଜ ପରିବାର ସହ ଶୀଘ୍ର ମିଶାଇବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।



## ସଂକୀର୍ତ୍ତନ ମହାସଭାରେ ସନାତନ ଧର୍ମର ପ୍ରଚାର ପାଇଁ ସଂକଳ୍ପ

**ସଇଁତଲା, ୨୯ ।୭ (ସମିସ):** ସଇଁତଲା ସହରର ବିବେକାନନ୍ଦ ପାଠାଗାର ପରିସରରେ ଜିଲ୍ଲା ମୁଖ୍ୟ ଉପଦେଷ୍ଟା ଗଦାଧର ଦଣ୍ଡସେନାଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ସଂକୀର୍ତ୍ତନ ମହାସଭା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲା ସଂକୀର୍ତ୍ତନ କଳା ସଂସ୍କୃତି ସଂଘ ଜିଲ୍ଲା ସଭାପତି ଜିତେନ୍ଦ୍ର ତ୍ରିପାଠୀ ଓ କୋଷାଧ୍ୟକ୍ଷ ନରେନ୍ଦ୍ର ବାରିକ ସଭା ପରିଚାଳନା କରିଥିଲେ । କଳାକାହ୍ନୁ ବୁଡ଼େକ, କାର୍ତ୍ତିକ ଦଣ୍ଡସେନା, ମନୋଜ କୁଅଁର, ଦୁର୍ବାଦଳ ପଶାୟତ, ଅର୍ଜୁନ ଭୋଇ, ଜୟପାଳ ଭୋଇ, ହେମସାଗର ପଧାନ, କୁଞ୍ଜ ମହାକୁର, ଗୌର ସରାଫ, ପଞ୍ଚାନନ ସାହୁ, ଗୋଲାପ ଯାନୀ, ସତ୍ୟ ସାହୁ, ଚିତ୍ତରଞ୍ଜନ ସାହୁ, ଶିବ ସାହୁ, ସୁରେନ୍ଦ୍ର ବାରିକ, କ୍ଷମାନିଧି ରଣା ପ୍ରମୁଖ ସହଯୋଗ କରିଥିଲେ ।



## ଏସ୍‌ଆଇଆର୍‌ର ଦାବି ଓ ଆପତ୍ତି ଶୁଣାଣି ପ୍ରକ୍ରିୟାର ସମୀକ୍ଷା

**ବୌଦ୍ଧ, ୨୯ ।୭(ସମିସ):** ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଅଧୀନ ଚାଲିଥିବା ଦାବି ଓ ଆପତ୍ତି ଗ୍ରହଣ ଏବଂ ଶୁଣାଣି ପ୍ରକ୍ରିୟାର ତଦାରଖ ଓ ସମୀକ୍ଷା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଶାଶ୍ୱତ ପ୍ରଧାନ ବୌଦ୍ଧ ଜିଲ୍ଲା ଗସ୍ତ କରିଥିଲେ । ସେ ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ ଚାଲିଥିବା ଦାବି ଓ ଆପତ୍ତିର ଶୁଣାଣିରେ ୨୨୨ ଜଣ ଭୋଟର ଉପସ୍ଥିତ ଥିଲେ । ପରେ ସେ ବୌଦ୍ଧ ପୌରପରିଷଦ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ ୧୬୧ ଜଣ ଭୋଟର ଉପସ୍ଥିତ ରହିଥିଲେ । ଏହାପରେ ଶ୍ରୀ ପ୍ରଧାନ ଖୁଣ୍ଟବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ଗସ୍ତ କରିଥିଲେ । ସେଠାରେ ପ୍ରାୟ ୨୦୦ ଜଣ ଭୋଟର ଦାବି ଓ ଆପତ୍ତିର ଶୁଣାଣି ପାଇଁ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

## ମେଧାବୀ ଛାତ୍ରଛାତ୍ରୀଙ୍କ ବେସଲାଇନ୍ ପରୀକ୍ଷା

**ଝାରସୁଗୁଡ଼ା, ୨୯ ।୭(ସମିସ):** ଆଗାମୀ ବାର୍ଷିକ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ରେ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉତ୍କର୍ଷତା ହାସଲ ତଥା ଏ-୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଲକ୍ଷ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦଶମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କ ବେସଲାଇନ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ନବମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଷାଠିଏ ପ୍ରତିଶତରୁ ଅଧିକ ନମ୍ବର ପାଇଥିବା ଜିଲ୍ଲାର ୯୪ଟି ଉଚ୍ଚ ବିଦ୍ୟାଳୟରୁ ୫୭୩ ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ଆବଣ୍ଟନ କରାଯାଇଥିବା ବେଳେ ୫୭୦ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲାର ୧୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କରାଯାଇଥିଲା । ଏହି ବେସଲାଇନ୍ ପରୀକ୍ଷା ମାଧ୍ୟମରେ ୨ ଶହ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସ୍ୱତନ୍ତ୍ର ଶିକ୍ଷଣ ସହାୟତା, ନିୟମିତ ମାର୍ଗଦର୍ଶନ ଓ ପର୍ଯ୍ୟାୟକ୍ରମିକ ମୂଲ୍ୟାଙ୍କନର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ପ୍ରକାଶ କରିଛନ୍ତି ।

## କାର୍‌ରୁ ଦେଶୀ ପିସ୍ତଲ ଜବତ, ୩ ଗିରଫ



**ଶଗଡ଼ା/କଣ୍ଟାମାଲ, ୨୯ ।୭(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ପୁଲିସ ଏକ କାରରୁ ଗୋଟିଏ ଦେଶୀ ପିସ୍ତଲ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି । ଏଏସ୍‌ଆଇ ପୁଷ୍ପାଞ୍ଜଳି ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ଦପଲା ବଉଳସିଂହା ରାସ୍ତାରେ ପାଟ୍ରୋଲିଂ କରୁଥଲେ । ସମୟରେ ବଉଳସିଂହା ଗ୍ରାମ ନିକଟରେ ଗୋଟିଏ ସ୍କର୍ପିଓ (ଜେଏଚ୦୫ଡିଜେ ୫୨୫୨) ଦ୍ରୁତ ଗତି ଓ ବେପରୁଆ ଭାବରେ ଡିମିରିମୁଣ୍ଡା ଗ୍ରାମ ପଟୁ ଦପଲା ଗ୍ରାମ ଆଡକୁ ଯାଉଥିଲା । ଗାଡିକୁ ବଉଳସିଂହା ସ୍କୁଲ ଛକ ନିକଟରେ ପୁଲିସ ଅଟକାଇ ତଲାସି ନେବାରୁ ଗୋଟିଏ ୯ ଏମଏମ ପିସ୍ତଲ, ୩ଟି ମୋବାଇଲ ମିଳିଥିବା ବେଳେ ୩ଜଣଙ୍କୁ ଗିରଫ କରିଥିଲା । ଗିରଫ ଯୁବକମାନେ ହେଲେ ମନମୁଣ୍ଡା ଥାନା ପରିବନ୍ଧ ଗ୍ରାମର ଜିତେନ୍ଦ୍ର ମହାକୁଡ଼, ଉତ୍ତର ପ୍ରଦେଶ ରାଜ୍ୟର ମୋରଦାବାଦ ଜିଲ୍ଲା ଠାକୁର ଦ୍ୱାର ଥାନାର ହରବୀନ୍ଦ୍ର ସିଂହ ଓ ବିହାର ରାଜ୍ୟର ଗୋପାଳଗଞ୍ଜ ଜିଲ୍ଲା ଗୋପାଳପୁର ଥାନା ସାକିରତୋଲା ଗ୍ରାମର ଅଭିଷେକ ସିଂହ । ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ସୂଚନା ଦେଇଛନ୍ତି ।

## ବଢ଼ିପାଣିରେ ଭାସି ଯାଇଥିବା ଚାଷୀଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼, ୨୯ ।୭(ସମିସ):** ଦେବଗଡ଼ ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷା ବେଳେ ବାରକୋଟ ଥାନା ମାଦଳିଆ ଗ୍ରାମର ଜଣେ ଚାଷୀ ନାଳରେ ଭାସି ନିଖୋଜ ହୋଇଯାଇଥିବା ବେଳେ ଆଜି ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମାଦଳିଆ ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ଆପଟ (୬୮)ଧାନ ତଳି ରୋଇ କଳାପାଣି ନାଳ ପାରିହୋଇ ଘରକୁ ଫେରୁଥିବା ବେଳେ ନାଳର ବଢ଼ିପାଣିରେ ଭାସି ଯାଇଥିଲେ । ପରିବାର ଲୋକେ ଏ ସମ୍ପର୍କରେ ବାରକୋଟ ଥାନାରେ ଅଭିଯୋଗ କରିଥିଲେ । ଆଜି ବାରକୋଟ ଥାନା ପୁଲିସ ଦମକଳ ବାହିନୀ ସହାୟତାରେ ନାଳରେ ବହୁ ଖୋଜାଖୋଜି ପରେ ଗାଁଠାରୁ ୨ କିମି ଦୂର ନାଳ ମଧ୍ୟରେ ଥିବା ଏକ ଲତା ମଧ୍ୟରେ ପୂର୍ଣ୍ଣଙ୍କ ମୃତଦେହ ଅଟକିଥିବା ଦେଖି ପାଣି ମଧ୍ୟରୁ ମୃତଦେହ ଉଦ୍ଧାର କରିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡା ଡାକ୍ତରଖାନାକୁ ପଠାଇଛି ।

## ଜିଲ୍ଲାପାଳଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

**ଝାରସୁଗୁଡ଼ା, ୨୯ ।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ପୁଷ୍ଟିସାଧନ ପୁନରୁଦ୍ଧାର କେନ୍ଦ୍ର ପରିଦର୍ଶନ କରିଛନ୍ତି । ସେଠାରେ ଉପଲବ୍ଧ ଚିକିତ୍ସା ଓ ସେବା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶକ୍ତି ପ୍ରସାଦ ପାଢ଼ୀଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟାନ୍ୟ ବରିଷ୍ଠ ଚିକିତ୍ସାଧିକାରୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଏନ୍.ଆର୍.ସି. କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଅତି ଗୁରୁତର ଅପପୁଷ୍ଟିର ଶିକାର ଏବଂ ମଧ୍ୟମ ଧରଣର ଅପପୁଷ୍ଟିର ଶିକାର ଶିଶୁଙ୍କ ସଂଖ୍ୟା ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱଶେଷ ପୁଷ୍ଟିକର ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ଯୋଗାଣ ଏବଂ କେନ୍ଦ୍ରର ସାମଗ୍ରିକ ପରିଚାଳନା ବ୍ୟବସ୍ଥାର ସେ ଅନୁଧ୍ୟାନ କରିଥିଲେ । ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ଆରୋଗ୍ୟ କରିବା ପାଇଁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବା ସହ ସେମାନଙ୍କ ମା'ମାନଙ୍କୁ ଶିଶୁ ଯତ୍ନ ଓ ପୁଷ୍ଟିକର ଆହାର ସମ୍ପର୍କରେ ସଚେତନ କରିବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ କେନ୍ଦ୍ରର ପରିଚ୍ଛନ୍ନତା ଓ ଶିଶୁମାନଙ୍କ ସୁରକ୍ଷା ପ୍ରତି ସଦାସର୍ବଦା ଯତ୍ନବାନ୍ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

## ରେଡକ୍ରସ ପ୍ରଶିକ୍ଷଣ ଓ ରକ୍ତଦାନ ଶିବିର

**ଦେବଗଡ଼, ୨୯ ।୭(ସମିସ):** ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟ ଶାଖା ପକ୍ଷରୁ ସ୍ଥାନୀୟ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୩ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୬୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ରେଡକ୍ରସର ମୌଳିକ ନୀତି ଓ ଫାଷ୍ଟଏଡ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହି ଅବସରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ଶିକ୍ଷା ଅଧିକାରୀ ଗେହ୍ରା କୁଜୁର, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ପଦ୍ମିନୀ ମହାପାତ୍ର, କନିଷ୍ଠ ରେଡକ୍ରସ ଅଧିକାରୀ ରଶ୍ମିନ ଦାସ, ରବିଚନ୍ଦ୍ର ପଶାୟତ, ଅମିତ ସାହୁ, ସର୍ବବିଦ୍ୟ ଶକ୍ତିମୟ ପ୍ରଧାନ ଓ ରାମନାରାୟଣ ଦାସ ପ୍ରମୁଖ ଯୋଗ ଦେଇଛନ୍ତି ।

## ଭିବି-ଜି ରାମ ଜି ଅଧିନିୟମ ଉପରେ ସମ୍ମିଳନୀ

**ବୌଦ୍ଧ, ୨୯ ।୭(ସମିସ):** ବିକଶିତ ଭାରତ– ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ଭିବି-ଜି-ରାମଜୀ ଅଧିନିୟମ–୨୦୨୫ ସମ୍ପର୍କରେ ସରପଞ୍ଚ, ଜନପ୍ରତିନିଧି ଓ ପଞ୍ଚାୟତିରାଜ କର୍ମକର୍ତ୍ତାଙ୍କୁ ସଚେତନ ଓ ଦକ୍ଷ କରିବା ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲା ପରିଷଦସ୍ଥ ପଞ୍ଚାୟତ ଭବନରେ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାଶ ମୁଖ୍ୟ ଅତିଥି ଏବଂ ବୌଦ୍ଧ ପଞ୍ଚାୟତ ସମିତି ଅକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।



## ତରଭା ଅଞ୍ଚଳରେ ଜିଓ ନେଟୱାର୍କ ଅଚଳ

**ତରଭା, ୨୯ ।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳରେ ଦୀର୍ଘ ୧୯ ଘଣ୍ଟା ହେଲା ଜିଓ ନେଟୱାର୍କ ଅଚଳ ହୋଇ ପଡ଼ିଥିବାରୁ ଉପଭୋକ୍ତା ମୋବାଇଲ ସେବାରୁ ବଞ୍ଚିତ ହୋଇଛନ୍ତି । ଜିଓ ସମେତ ଅନ୍ୟ ଯେ କୌଣସି ନେଟୱାର୍କକୁ କଲ ଯାଉନାହିଁ । ଯଦି ରିଂ ହେବାପରେ କଲ୍ ସଂଯୋଗ ହେଉଛି ତେବେ ଅପରପକ୍ଷଙ୍କ ନିକଟକୁ ଭଏସ ଯାଉନାହିଁ କିମ୍ବା କଥା କଟି କଟି ଯାଉଛି । ତରଭା ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ଘଟିଲେ ଜିଓ ନେଟୱାର୍କ କାମ କରିବା ବନ୍ଦ କରିଦିଏ । ଏହାଫଳରେ ଉପଭୋକ୍ତା ଅସୁବିଧା ଭୋଗ କରିନ୍ତି । ନେଟୱାର୍କ ଫେଲ୍ ହେଲେ କଥାବାର୍ତ୍ତା କରିବା ସମ୍ଭବ ହୁଏନାହିଁ । ୟୁପିଆଇ ପେମେଣ୍ଟ ହୁଏନାହିଁ । ହ୍ୱାଟ୍ସଆପ ମେସେଜ କରିବା, ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଏକ୍ସ, ଗୁଗୁଲ, ଜିମେଲ ଚଳାଇବା ସମ୍ଭବ ହେଉ ନ ଥିବାରୁ ଉପଭୋକ୍ତା ନିଜକୁ ଠକାମିରେ ପଡୁଥିବା ଅନୁଭବ କରୁଛନ୍ତି । ଜିଓ ନେଟୱାର୍କ ଫେଲ୍ ହେବା ଘଟଣା ଏହା ନୂଆ ନୁହେଁ । ବର୍ଷ ବର୍ଷ ହେଲା ତରଭା ଅଞ୍ଚଳରେ ଏଭଳି ଚାଲିଛି । ମଙ୍ଗଳବାର ବିଜୁଳି ଘଡଘଡି ସହ ବର୍ଷା ହେବାରୁ ରାତି ୧୨ ଟାରେ ବିଦ୍ୟୁତ ବିଭ୍ରାଟ ଘଟି ବୁଧବାର ପୂର୍ବାହ୍ନ ୧୧ ଟାରେ ସ୍ୱାଭାବିକ ହୋଇଥିଲା । ବିଦ୍ୟୁତ ବିଭ୍ରାଟର ୧୦ ମିନିଟ ପରେ ଜିଓ ନେଟୱାର୍କ କାମ କରିବା ବନ୍ଦ ହୋଇଗଲା । ଏ ସମ୍ବନ୍ଧରେ ସୂଚନା ପାଇବା ପାଇଁ ଜିଓ କମ୍ପେଲନ ହେଲ୍ପ ଲାଇନ-୧୯୮କୁ ରିଂ କଲେ କେବଳ କମ୍ପ୍ୟୁଟର ଭଏସ ଆସୁଛି ।

# ତରଭାରେ ମନରେଗା ଜନ ଶୁଣାଣି ଶିବିର

**ତରଭା, ୨୯ ।୭(ସମିସ)**

ତରଭା ପଞ୍ଚାୟତ ସମିତି ସଭାଗୃହରେ ମହାଗା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ ଭାବେ ଜିଲ୍ଲା ସାମାଜିକ ସମୀକ୍ଷକ ସୁବ୍ରତ ମହାକୁର, ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସମିତ ମହାକୁର ପ୍ରମୁଖ ଉପସ୍ଥିତ ରହି ସଭାକୁ ପରିଚାଳନା କରିଥିଲେ । ଜଙ୍ଗଲ, ଉଦ୍ୟାନ କୃଷି ଏବଂ ଜଳଛାୟା ପରି ଲାଇନ୍ ବିଭାଗର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ । ମନରେଗା ଯୋଜନାରେ ୧୦୦ ଦିନର କର୍ମନିଯୁକ୍ତି ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନୂତନ ଯୋଜନା ଭି ବି ଜି ରାମ ଜି ଓ ବର୍ଦ୍ଧିତ ୧୨୫ ଦିନର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାର ରୂପରେଖ, ପରିଚାଳନାଗତ ମାର୍ଗଦର୍ଶିକା ଏବଂ ବର୍ଦ୍ଧିତ ୧୨୫ ଦିନର କାର୍ଯ୍ୟ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା । ଏହି ନୂତନ ଦିଗଗୁଡ଼ିକ ମଧ୍ୟରେ ବର୍ଦ୍ଧିତ ୧୨୫ ଦିନର ନିଶ୍ଚିତ ଶ୍ରମଭିତ୍ତିକ ନିଯୁକ୍ତି ସମ୍ପର୍କରେ ଗ୍ରାମୀଣ ଶ୍ରମିକମାନଙ୍କୁ ସଚେତନ କରାଯାଇଥିଲା । ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ବେକାରୀ ଭତ୍ତା ପାଇଁ ଦୃଢ଼ ପଦକ୍ଷେପ ନେବା ନେଇ ଆଲୋଚନା ହୋଇଥିଲା । ବିକଶିତ ଗ୍ରାମ ପଞ୍ଚାୟତ ଯୋଜନାରେ ସମସ୍ତ ସରକାରୀ ଯୋଜନାର ସମନ୍ୱୟ ବିଷୟରେ ବୁଝାଯାଇଥିଲା । ଠିକ୍ ସମୟରେ ମଜୁରୀ ପ୍ରଦାନ ଏବଂ ବିଳମ୍ବ ପାଇଁ କ୍ଷତିପୂରଣ ଦେବାର ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଶସକ୍ତିକରଣ ଏବଂ କାର୍ଯ୍ୟରେ ଦକ୍ଷତା ଓ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପୂର୍ବର ଜନ ଶୁଣାଣିର ବିବରଣୀ ପାଠ ପରେ ବ୍ଲକ ସାମାଜିକ ସମୀକ୍ଷକ ଏବଂ ଗ୍ରାମ୍ୟ ସମ୍ବଳ ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ ସମୀକ୍ଷାର ମୁଖ୍ୟ ନିଷ୍କର୍ଷ ଓ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଏହା ସହିତ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଗ୍ରାମ ରୋଜଗାର ସେବକ ଏବଂ ଲାଇନ୍ ବିଭାଗର ଅଧିକାରୀମାନେ ନିଜ ନିଜର ରିପୋର୍ଟ ପାଠ କରିଥିଲେ । ଏହି ଜନ ଶୁଣାଣିରେ ବ୍ଲକର ସମସ୍ତ, ମେଟ୍, ପଞ୍ଚାୟତିରାଜ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଶ୍ରମିକମାନେ ଯୋଗଦେଇ ନିଜ ନିଜର ସମସ୍ୟା ଓ ଅଭିଯୋଗ ରଖିଥିଲେ । ଏହାସହିତ ଜନ ଶୁଣାଣି କମିଟିର ସଦସ୍ୟ/ସଦସ୍ୟାମାନେ ଉପସ୍ଥିତ ରହି ନିଜ ନିଜର ମତ ପୋଷଣ କରିଥିଲେ ।



# ଚାରିଆଡ଼େ ପାଣି ଆଉ ପାଣି



ବରଗଡ଼,୨୯ ।୭(ସମିସ)

ଲଗାଣ ବର୍ଷା ପରେ ବରଗଡ଼ ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବଳ ବର୍ଷା ଫଳରେ ଜିରା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ନିର୍ମାଣାଧୀନ ରିଙ୍ଗ ରୋଡ଼ର ଏକ ଅଂଶ ବନ୍ୟାଜଳରେ ଭାସିଯାଇଛି। ବରଗଡ଼ ସହର ନିକଟ ଜିରା ନଦୀ ଉପରେ ନିର୍ମାଣାଧୀନ ରିଙ୍ଗ ରୋଡ଼ର ଏକ ଅଂଶ ବନ୍ୟାଜଳରେ ଧୋଇଯାଇଥିବା ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ବର୍ଷା ହେଲେ ଏପରି କ୍ଷତି ଘଟୁଥିବାରୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ବରିଷ୍ଠ ଆଇନଜୀବୀ ସନ୍ତୋଷ ଦାଶ ତୀବ୍ର ନିନ୍ଦା କରିଛନ୍ତି। ସରକାରୀ ଅର୍ଥର ଅପବ୍ୟୟ ହେଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ସ୍ଥାୟୀ ସମାଧାନ ଦାବି କରିଛନ୍ତି। ଅନ୍ୟପଟେ, ପ୍ରବଳ ବର୍ଷା ଯୋଗୁଁ ଜିରା ନଦୀରେ ବନ୍ୟାଜଳ ବୃଦ୍ଧି ପାଇଥିବାରୁ ନଦୀକୂଳ ଅଞ୍ଚଳ ପ୍ରଭାବିତ ହୋଇଛି। ବନ୍ୟାଜଳ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକେ ବ୍ରିଜ ଉପରେ ଭିଡ଼ ଜମାଉଥିବା ଦେଖାଯାଉଛି। କେତେକ ଲୋକ ବନ୍ୟାଜଳରେ ଗାଧୋଇବା ସହ ମାଛ ଧରୁଥିବା ମଧ୍ୟ ନଜରକୁ ଆସିଛି। ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟକଳାପକୁ ନେଇ ସଚେତନ ମହଲ ଚିନ୍ତା ପ୍ରକାଶ କରିଛନ୍ତି। ସେପଟେ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି ହୋଇଥିବାରୁ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ଓ ଝଡ଼ ପବନ ଯୋଗୁଁ ଚକରକେନ୍ଦ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପ୍ରାୟ ୩୦୦ ପରିବାର ପ୍ରଭାବିତ ହୋଇଥିବାବେଳେ ଅନେକ ଘରର ଛାତ ଉଡ଼ିଯାଇଛି। ଆଜବେଷ୍ଟସ୍ ଭାଙ୍ଗି ପଡ଼ି କାର ଓ ବାଇକ କ୍ଷତିଗ୍ରସ୍ତ ହୋଇଛି। ଗ୍ରାମବାସୀ ଏପରି ଭୟଙ୍କର ବର୍ଷା ପୂର୍ବରୁ କେବେ ଦେଖି ନଥିବା କହି ପ୍ରଶାସନଙ୍କ ତରଫରୁ ତୁରନ୍ତ ସହାୟତା ଦାବି କରିଛନ୍ତି। ସେହିପରି ଧାଙ୍ଗର ପଞ୍ଚାୟତର ୨ ନମ୍ବର ୱାର୍ଡରେ ସାବିତ୍ରୀ ରହିଦିଆଙ୍କ ମାଟିଘର ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ଘର ଭାଙ୍ଗିଯିବା ପରେ ସେ ଓ ତାଙ୍କ ଝିଅ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଓ ଏକ ପକ୍କା ଘର ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି ଉଠିଛି। ଜିଲ୍ଲାରେ ଲଗାଣ ବର୍ଷା ଜାରି ଥିବାରୁ ନଦୀକୂଳ ଓ ନିମ୍ନାଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି। ବନ୍ୟା ପରିସ୍ଥିତି ଉପରେ ପ୍ରଶାସନ ପକ୍ଷରୁ ନଜର ରଖାଯାଉଥିବାବେଳେ କ୍ଷତିଗ୍ରସ୍ତ ଅଞ୍ଚଳରେ ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

**ଝାରବନ୍ଧ:** ଲଗାଣ ବର୍ଷା ଯୋଗୁଁ ଝାରବନ୍ଧ ବ୍ଲକର ବିଭିନ୍ନ ଅଞ୍ଚଳରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷକରି ଡୁଙ୍ଗୁରିପାଲି ଗ୍ରାମର ମହାଲିଙ୍ଗପଡ଼ାରେ ବସବାସ କରୁଥିବା ଦଳିତ ସମ୍ପ୍ରଦାୟର ପ୍ରାୟ ୧୨ଟି ପରିବାରର ଘରେ ପ୍ରାୟ ତିନି ଫୁଟ ଉଚ୍ଚର ବର୍ଷା ପାଣି ପଶିଯିବାରୁ ସେମାନଙ୍କର ଜୀବନ ଦୁର୍ବିସହ ହୋଇପଡ଼ିଛି। ଘର ଭିତରେ ପାଣି ଭରି ରହିଥିବାରୁ ଖାଦ୍ୟ ପ୍ରସ୍ତୁତି, ରହିବା ଓ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରିବା କଷ୍ଟକର ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିବର୍ଷ ବର୍ଷା ଋତୁରେ ମହାଲିଙ୍ଗପଡ଼ା ଜଳବନ୍ଦୀ ହେଉଥିବା ବେଳେ ଚଳିତ ବର୍ଷ ଅତ୍ୟଧିକ ବର୍ଷା ଯୋଗୁଁ ପରିସ୍ଥିତି ସାଂଘାତିକ ରୂପ ନେଇଛି। ଅଧିକାଂଶ ମାଟି ଘରର କାନ୍ଥ ଫାଟି ଯାଇଥିବାରୁ ଯେକୌଣସି ସମୟରେ ଘର ଭୁଶୁଡ଼ି ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ପରିବାରଗୁଡ଼ିକ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଖବର ପାଇ ଝାରବନ୍ଧର ଅତିରିକ୍ତ ତହସିଲଦାର ବିଶ୍ୱକେସନ ପୁରୋହିତ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ସେ ପ୍ରଭାବିତ ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ଖାଦ୍ୟ, ପାନୀୟ ଜଳ, ଆବଶ୍ୟକୀୟ ଔଷଧ ଯୋଗାଇବା ସହ ଜଳ ନିଷ୍କାସନ ପାଇଁ ସମ୍ପୃକ୍ତ ସରପଞ୍ଚ ପ୍ରତିନିଧି ଗଣେଶ ରାମ ଶତନାମୀ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜଗଦଳପୁର ଗ୍ରାମପଞ୍ଚାୟତର ନୂଆପଡ଼ା ଗାଁରେ ମଧ୍ୟ ବର୍ଷା ପାଣି ଗାଁ ଭିତରକୁ ମାଡ଼ି ଆସିଥିବାରୁ କିଛି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିବା ସୂଚନା ମିଳିଛି। ଜଗଦଳପୁର ଗ୍ରାମପଞ୍ଚାୟତର ପୁଟୁକା, ନୂଆପଡ଼ା ଏବଂ କୁମୀର ଗ୍ରାମପଞ୍ଚାୟତର ଲେରଗାଁ ଓ ଜାମସରାଲ ଗାଁରେ ମଧ୍ୟ ବର୍ଷା ଜଳ ଘରଦ୍ୱାରରେ ପଶି ବ୍ୟାପକ କ୍ଷତି ସୃଷ୍ଟି କରିଛି। ଅନେକ ପରିବାରର ରୋଷେଇ ଘରରେ ପାଣି ଜମି ରହିଥିବାରୁ ଲୋକମାନେ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଜଗଦଳପୁରପଦ୍ମପୁର ମୁଖ୍ୟ ରାସ୍ତା ସ୍କୁଲପାହାଡ଼ ନିକଟରେ ରାସ୍ତା ଉପରେ ବର୍ଷା ପାଣି ଜମି ରହିଥିବାରୁ ଯାତାୟାତ ବିପଦଜନକ ହୋଇପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ଜଗଦଳପୁର ପୋଲିସ ପକ୍ଷରୁ ସେଠାରେ ପୋଲିସ ଟିମ୍ ମୁତୟନ କରାଯାଇଥିବା ସୂଚନା ମିଳିଛି। ରାଜସ୍ୱ ବିଭାଗ ପକ୍ଷରୁ ଅତିରିକ୍ତ ତହସିଲଦାର ବିଶ୍ୱକ ସେନ ପୁରୋହିତ ଓ ରାଜସ୍ୱ ପରିଦର୍ଶକ ପବିତ୍ର ଭୁଏ ଝାରବନ୍ଧ ବ୍ଲକର ବିଭିନ୍ନ ପ୍ରଭାବିତ ଗ୍ରାମ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ଝାରବନ୍ଧ ବ୍ଲକ ର ଏହି ସବୁ ଗାଁ କୁ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା ମଧ୍ୟ ସ୍ଥିତି ଅନୁଧ୍ୟାନ କରି ଥିଲେ ଓ ଲଗାଣ ବର୍ଷା ଜାରି ରହିଥିବାରୁ ନିମ୍ନାଞ୍ଚଳରେ ବନ୍ୟା ସଦୃଶ ପରିସ୍ଥିତି ଉପୁଜିବା ଆଶଙ୍କା ପ୍ରକାଶ ପାଉଛି। ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବା ବେଳେ ଆବଶ୍ୟକ ସ୍ଥାନରେ ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥାକୁ ସକ୍ରିୟ କରାଯାଇଥିବାର ସୂଚନା ରହିଛି।

**ବିଜେପୁର:** ଚଳିତ ବର୍ଷାର ବିଗ୍ରାଂ ବିଜେପୁର ଅଞ୍ଚଳରେ ଉତ୍କଟ ରହିଛି। ବରଗଡ଼ ଜିଲ୍ଲା ରେଡ୍ ଆଲର୍ଟ ରହିଥିବା ବେଳେ ବିଜେପୁର ଅଞ୍ଚଳରେ ସର୍ବାଧିକ ୩୧୬ମିମି ବର୍ଷା ହୋଇଥିବାର ଜଣାଯାଇଛି। ମାତ୍ରାଧିକ ବର୍ଷା ଯୋଗୁଁ ବିଭିନ୍ନ ଗାଁ ଗୁଡିକରେ ଘର, ଆଜବେଷ୍ଟସ, ବିଦ୍ୟୁତ୍ ଖୁଣ୍ଟ ଆଦି ଭାଙ୍ଗି ଯାଇଛି। ଜାରିଙ୍ଗ ଜୋର, ଉଭାଲି ନଦୀ ଆଦିରେ ବନ୍ୟା ଜଳ ପ୍ରବାହିତ ହେଉଛି। ସବୁଠାରୁ ଉତ୍କଟ ସ୍ଥିତି ରହିଛି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ସମଗ୍ର ଡାକ୍ତରଖାନା ପରିସର ଜଳମଗ୍ନ ରହିଥିବା ବେଳେ କୃତ୍ରିମ ପୁଷ୍କରିଣୀର ଭ୍ରମ ସୃଷ୍ଟି ହେଉଛି। ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ପାଣି ନିଷ୍କାସନ ହୋଇ ନ ପାରିବା ଫଳରେ ରୋଗୀମାନେ ତଥା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ଏଠାରେ ପାଣି ଜମି ରହି ବାରୁ ମାତ୍ର ଗୁରୁତର ଅସୁବିଧା ସୃଷ୍ଟି ହେଉଥିବା ବେଳେ ସ୍ଥାନୀୟ ଏନଏସି କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଯୋଗୁଁ ଜନ ଅସନ୍ତୋଷ ଦେଖାଦେଇଛି। ବିଜେପୁରରେ ଏନଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଡାକ୍ତରଖାନା ପରିସରରେ ଡ୍ରେନ୍ ଟିଏ ମଧ୍ୟ ନିର୍ମାଣ ହୋଇ ନ ପାରିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

**ଭେଡେନ:** ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ବେଦିନ ସ୍ଥିତ ଦନ୍ତା ନଦୀ ଓ ଜିରା ନଦୀ ଉପରେ ନିର୍ମିତ ହୋଇଥିବା ଦୋମୁହାଣୀ ବ୍ରିଜ ଉପରେ ବନ୍ୟା ଜଳରେ ବୁଡି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଜନସାଧାରଣ ଅନେକ ଅସୁବିଧାରେ ହେବାସହ ଭେଡେନ ରେ ସମସ୍ତ କାର୍ଯ୍ୟାଳୟ ଥିବାରୁ ଅନ୍ୟ ସମସ୍ତ ପଞ୍ଚାୟତରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ରାସ୍ତା ଦେଇ ଜନସଧାରଣ ବୌଦ୍ଧ, ସୋନପୁର, କଟକ,ଭୁବନେଶ୍ୱର ପ୍ରଭୃତି ଅଞ୍ଚଳକୁ ଯାଉଥିବାରୁ ଲୋକମାନେ ଅନେକ ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ତାସହିତ ଭେଡେନ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଥିବାରୁ ଏଠାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଅଛି। ବ୍ରିଜ ବୁଡି ଯିବାରୁ ଲୋକମାନେ ଭେଡେନ ଆସିବାକୁ ୬କିଲୋମିଟର ହେଉଥିବା ବେଳେ ଏବେ ଭେଡେନ ଆସିବାକୁ ହେଲେ ୨୦କିଲୋମିଟର ବୁଲିକି ଆସିବାକୁ ପଡୁଛି ଫଳରେ ଲୋକମାନେ ନାହିଁ ନଥିବାର ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ତାସହିତ ବନ୍ୟା ଜଳରେ ଅନେକ ଭେଡେନ କୂତପାଲି ଅଞ୍ଚଳ ଚାଷୀଙ୍କ ଚାଷଜମିରେ ବନ୍ୟା ଜଳରେ ବୁଡିଯାଇଥିବା ସହିତ ଚାଷ ଜମିରେ ଅନେକ ଚାଷୀଙ୍କ ଚାଷ କରିଥିବା ଧାନ ରୁଆ ଜମି, ବୁଣା ହୋଇଥିବା ଚାଷ ଜମି ବୁଡିଯାଇଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି। ପ୍ରତିବର୍ଷ ବନ୍ୟାରେ ନିର୍ମିତ ହୋଇଥିବା ବ୍ରିଜ ବୁଡିଯାଏ। ତେଣୁ କରି ଅଞ୍ଚଳବାସୀ ବହୁଦିନରୁ ପ୍ରଶାସନ ପାଖରେ ଦାବି କରିଛନ୍ତି ଯେ ସେଠାରେ ଆଉ ଗୋଟିଏ ନୂତନ ବ୍ରିଜ ନିର୍ମାଣ କରିବାକୁ। ଏଥିପ୍ରତି ପ୍ରଶାସନ ଶୀଘ୍ର ଦୃଷ୍ଟି ଦିଅନ୍ତୁ ବୋଲି ପ୍ରକାଶ କରିଛନ୍ତି।

**ପାଇକମାଳ:** ପିଡବୁଡି ମଇଦାରୁ ବନମାଳ ପର୍ଯ୍ୟନ୍ତ ନିର୍ମାଣାଧୀନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମଲଦା ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ସଂଯୋଗ ରାସ୍ତା ଓ ବ୍ରିଜ ଭାଙ୍ଗିଦେବା ପରେ ଏପର୍ଯ୍ୟନ୍ତ ନୂତନ ବ୍ରିଜ ନିର୍ମାଣ ହୋଇନଥିବାରୁ ପ୍ରବଳ ବର୍ଷାରେ ସେଠାରେ ଘାଇ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଏହା ଫଳରେ ବିଦ୍ୟାଳୟ ପଡ଼ାର ବାସିନ୍ଦା ଓ ଛାତ୍ରଛାତ୍ରୀ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ପିଡବୁଡି ମଇଦାରୁ ବନମାଳକୁ ନିର୍ମାଣ ହେଉଥିବା ମୁଖ୍ୟମନ୍ତ୍ରୀ ସଡ଼କ କାମ ସମୟରେ ମଲଦା ପ୍ରାଥମିକ ବିଦ୍ୟାଳୟ ସଂଲଗ୍ନ ପୁରୁଣା ବ୍ରିଜ ଓ ରାସ୍ତାକୁ ଭାଙ୍ଗିବାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଏବଂ ଉଭୟ ପାର୍ଶ୍ୱର ଚାଷୀମାନେ ଆପତ୍ତି ଜଣାଇଥିଲେ। ପ୍ରଥମେ ବିକଳ୍ପ ବ୍ୟବସ୍ଥା କରିବା ପରେ ମାତ୍ର ପୁରୁଣା ବ୍ରିଜକୁ ଭାଙ୍ଗିବାକୁ ସେମାନେ ଦାବି କରିଥିଲେ। କିନ୍ତୁ ସେମାନଙ୍କ ଆପତ୍ତିକୁ ଅଣଦେଖା କରି ଠିକାଦାର ପୁରୁଣା ବ୍ରିଜକୁ ଭାଙ୍ଗି ଦେଇଥିଲେ। ଅଭିଯୋଗ ହେଉଛି, ବ୍ରିଜ ଭାଙ୍ଗିବା ପରେ ନୂତନ ବ୍ରିଜ ନିର୍ମାଣ କାମ ନିର୍ଦ୍ଧାରିତ ସମୟରେ ଆଗକୁ ବଢ଼ିନଥିଲା। ଏହି ମଧ୍ୟରେ ଲଗାଣ ବର୍ଷା ହେବାରୁ ସେହି ସ୍ଥାନରେ ପାଣିର ପ୍ରବାହ ବଢ଼ି ଘାଇ ସୃଷ୍ଟି ହୋଇଛି। ଫଳରେ ବିଦ୍ୟାଳୟକୁ ଯିବା ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକଙ୍କ ସହ ସ୍ଥାନୀୟ ଲୋକଙ୍କ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି। ଚାଷୀମାନେ ନିଜ ଚାଷଜମିକୁ ଯିବାରେ ମଧ୍ୟ ବିଭିନ୍ନ ଅସୁବିଧା ଭୋଗୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପୂର୍ବରୁ ସତର୍କ କରାଯାଇଥିଲେ ମଧ୍ୟ ଦାୟିତ୍ୱହୀନ ଭାବେ ପୁରୁଣା ବ୍ରିଜକୁ ଭାଙ୍ଗି ଦିଆଯାଇଥିବାରୁ ଆଜି ଏଭଳି ପରିସ୍ଥିତି ଉପୁଜିଛି। ବର୍ଷା ଋତୁରେ ଏହି ରାସ୍ତା ବନ୍ଦ ରହିଲେ ଶିକ୍ଷା କାର୍ଯ୍ୟକ୍ରମ ସହ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ମଧ୍ୟ ବ୍ୟାହତ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଣୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ଅସ୍ଥାୟୀ ଯାତାୟାତ ବ୍ୟବସ୍ଥା କରିବା ସହ ନୂତନ ବ୍ରିଜ ନିର୍ମାଣ କାମକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଜିଲ୍ଲାରେ ଲାଗି ରହିଥିବା ପ୍ରବଳ ବର୍ଷାର ପ୍ରଭାବରୁ ପାଇକମାଳ ବ୍ଲକର ସ୍ୱାଭାବିକ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଙ୍ଗଳବାର ରାତିରୁ ଆରମ୍ଭ ହୋଇଥିବା ବର୍ଷା ବୁଧବାର ଦିନ ତମାମ ଲାଗି ରହିଥିବାରୁ ଜନସାଧାରଣଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ବ୍ୟାହତ ହୋଇଛି। ଲଗାଣ ବର୍ଷା ଯୋଗୁଁ ରାସ୍ତାଘାଟ ଶୂନଶାନ ଦେଖାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ପାଣି ଜମି ରହିବାରୁ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ସେପଟେ ଚାଷ ଜମିରେ ପାଣି ଜମି ରହିଥିବାରୁ ଚାଷୀମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ମାଣ୍ଡୋସିଲ ପଞ୍ଚାୟତ ଅନ୍ତର୍ଗତ ଭୂତମୁଣ୍ଡାମାଣ୍ଡୋସିଲ ରାସ୍ତାର ଛୋଟ ପୋଲ ଉପରେ ପ୍ରାୟ ୧୦ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ସେହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଚାଷୀ, ଛାତ୍ରଛାତ୍ରୀ, ରୋଗୀ, ଗର୍ଭବତୀ ମହିଳା ଓ ସାଧାରଣ ଲୋକ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପ୍ରତିବର୍ଷ ବଡ଼ ବର୍ଷା ହେଲେ ଏହି ପୋଲ ବୁଡ଼ି ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ବନ୍ଦ ରହୁଥିବାରୁ ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଦୀର୍ଘଦିନ ଧରି ଉଚ୍ଚ ପୋଲ ନିର୍ମାଣ ଦାବି କରୁଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଡୁମ୍ରେବାହାଲମାଣ୍ଡୋସିଲ ରାସ୍ତାର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁଁ ରାସ୍ତାରେ ଓ ଡୁମ୍ରେବାହାଲ ପୋଲ ଉପରେ ମଧ୍ୟ ପ୍ରାୟ ୧୦ ଫୁଟ ପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାରେ ମଧ୍ୟ ଯାତାୟାତ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୈନନ୍ଦିନ କାମକୁ ଯାଉଥିବା ଲୋକ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସହ ଜରୁରୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ଏହି ଦୁଇଟି ସ୍ଥାନରେ ଆରଡି ବିଭାଗ ତୁରନ୍ତ ଉଚ୍ଚ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଜାମସେଠ ନିକଟସ୍ଥ ଅଙ୍ଗ ନଦୀର ଜଳସ୍ତର ମଧ୍ୟ ଦ୍ରୁତଗତିରେ ବଢ଼ିଛି। ନଦୀର ପାଣି କୂଳ ଛୁଇଁଥିବା ବେଳେ ନଦୀ ହିଡ଼ରେ ଥିବା ଶ୍ମଶାନ ଘାଟ ପାଣିରେ ବୁଡ଼ିଯାଇଥିବା ସୂଚନା ମିଳିଛି। ଜଳସ୍ତର ଆହୁରି ବୃଦ୍ଧି ପାଇଲେ ନିମ୍ନାଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପ୍ରଶାସନ ପକ୍ଷରୁ ନଦୀର ଜଳସ୍ତର ଉପରେ ନଜର ରଖାଯାଉଥିବା ବେଳେ ନଦୀ କୂଳବର୍ତ୍ତୀ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ଅନ୍ୟପକ୍ଷରେ ବିଜୁ ଏକ୍ସପ୍ରେସ ୱେର ମାଣ୍ଡୋସିଲ ଡିଗ୍ରୀ କଲେଜ ନିକଟରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଥିଲା। ଫଳରେ ଛୋଟ ବଡ଼ ଯାନବାହନ ଚଳାଚଳରେ ଅସୁବିଧା ଦେଖାଦେଇଥିଲା। ଅନେକ ଯାନଚାଳକ ବିପଦପୂର୍ଣ୍ଣ ପରିସ୍ଥିତିରେ ରାସ୍ତା ପାର ହୋଇଥିବା ବେଳେ ଦୁର୍ଘଟଣା ଏଡ଼ାଇବା ପାଇଁ ସ୍ଥାନୀୟ ଲୋକେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରବଳ ବର୍ଷାର ପ୍ରଭାବ ନୃସିଂହନାଥ ପୀଠରେ ମଧ୍ୟ ଦେଖିବାକୁ ମିଳିଛି। ସେଠାରେ ଥିବା ଝରଣାରେ ପ୍ରଚୁର ପରିମାଣରେ ପାଣି ପ୍ରବାହିତ ହେଉଥିବାରୁ ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ସତର୍କ ରହିବାକୁ କୁହାଯାଇଛି। ଲଗାଣ ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ଜଳପ୍ରବାହ ବଢ଼ିଥିବାରୁ ସ୍ଥାନୀୟ ଲୋକମାନେ ମଧ୍ୟ ସାବଧାନତା ଅବଲମ୍ବନ କରୁଛନ୍ତି। ଜାମସେଠ ପଞ୍ଚାୟତର ଖରାମାଳଭେରୁଆମୁଣ୍ଡା ରାସ୍ତାରେ ପାଣିର ସ୍ରୋତ ଅତ୍ୟଧିକ ହେବାରୁ ରାସ୍ତା ମଝିରେ ଘାଇ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ମଧ୍ୟ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଗ୍ରାମବାସୀଙ୍କ ଯାତାୟାତ ସହ ଦୈନନ୍ଦିନ ସାମଗ୍ରୀ ପରିବହନ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏହାସହ ବର୍ଷା ଯୋଗୁଁ ବ୍ଲକର ମାଣ୍ଡୋସିଲ ଅଞ୍ଚଳରେ ମୋବାଇଲ ନେଟୱାର୍କ ଓ ଇଣ୍ଟରନେଟ ସେବା ବ୍ୟାହତ ହୋଇଥିଲା। ଫଳରେ ଅନଲାଇନ କାର୍ଯ୍ୟ, ବ୍ୟାଙ୍କିଂ ସେବା ଓ ଯୋଗାଯୋଗ ବ୍ୟବସ୍ଥାରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ଓ ଯୋଗାଯୋଗ ସେବା ମଧ୍ୟ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷାରେ ବହୁ ଚାଷ ଜମିରେ ପାଣି ମାଡ଼ି ଯାଇଥିବାରୁ ଚାଷୀମାନେ ଫସଲ ନଷ୍ଟ ଆଶଙ୍କାରେ ରହିଛନ୍ତି। ତେବେ ଏପର୍ଯ୍ୟନ୍ତ ବ୍ଲକର କୌଣସି ସ୍ଥାନରୁ ଘର ଭାଙ୍ଗିବା କିମ୍ବା ଜୀବନହାନି ଘଟିଥିବା ଖବର ମିଳିନାହିଁ। ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ଅନାବଶ୍ୟକ ଭାବେ ଜଳମଗ୍ନ ରାସ୍ତା ଓ ପୋଲ ଅତିକ୍ରମ ନ କରିବାକୁ ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ପାଇକମାଳ ବ୍ଲକରେ ମଙ୍ଗଳବାର ରାତିରୁ ବୁଧବାର ଦିନସାରା ଲଗାଣ ବର୍ଷା ହେବାରୁ ମାଣ୍ଡୋସିଲ ସମେତ ବିଭିନ୍ନ ଅଞ୍ଚଳରେ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଲଗାତାର ବର୍ଷା ଯୋଗୁଁ ଅନେକ ରାସ୍ତା ଉପରେ ପାଣି ଚାଲିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଭୂତମୁଣ୍ଡା ଡ୍ୟାମରୁ ପାଣି ପ୍ରବାହିତ ହେବା ଫଳରେ ଭୂତମୁଣ୍ଡାଡୁମ୍ରେବାହାଲମାଣ୍ଡୋସିଲ ରାସ୍ତା ଓ ପୋଲ ଉପରେ ପାଣିର ସ୍ରୋତ ବଢ଼ିଯାଇଥିଲା। ଏଥିଯୋଗୁଁ ନିକଟସ୍ଥ ଗାଁଗୁଡ଼ିକରେ ବନ୍ୟା ସଦୃଶ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଥିଲା। ବର୍ଷାର ପ୍ରକୋପ କମିବା ପରେ ଡ୍ୟାମ ଅଞ୍ଚଳରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇଥିବାରୁ ସ୍ଥାନୀୟ ଲୋକେ କିଛିଟା ଆଶ୍ୱସ୍ତ ହୋଇଥିଲେ। ତେବେ ପ୍ରବଳ ବର୍ଷା ଯୋଗୁଁ ବହୁ ଚାଷ ଜମିରେ ପାଣି ମାଡ଼ିଯାଇ ଧାନ ଚାଷ ସମେତ ବିଭିନ୍ନ ଫସଲ ଜଳମଗ୍ନ ହୋଇପଡ଼ିଛି। ଫଳରେ ଚାଷୀମାନେ ସମ୍ଭାବ୍ୟ କ୍ଷତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବୁଧବାର ମାଣ୍ଡୋସିଲ ରାଜସ୍ୱ ନିରୀକ୍ଷକ ଅଞ୍ଜଳି ଷାଣ୍ଢ ପ୍ରଭାବିତ ଅଞ୍ଚଳ ଓ ଗାଁଗୁଡ଼ିକ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ସେ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି, ଚାଷ ଜମିର ଅବସ୍ଥା ଓ ଲୋକଙ୍କ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ତେବେ ଅଧିକାଂଶ ଚାଷ ଜମିରେ ଏବେ ବି ପାଣି ଜମି ରହିଥିବାରୁ ପ୍ରକୃତ କ୍ଷୟକ୍ଷତିର ଆକଳନ କରିବା ସମ୍ଭବ ହୋଇନାହିଁ। ରାଜସ୍ୱ ନିରୀକ୍ଷକ ଶ୍ରୀମତୀ ଷାଣ୍ଢ କହିଛନ୍ତି ଯେ, ଜଳସ୍ତର ସମ୍ପୂର୍ଣ୍ଣ ହ୍ରାସ ପାଇବା ପରେ କ୍ଷୟକ୍ଷତିର ସଠିକ୍ ସର୍ଭେ କରାଯିବ। ଯେଉଁ ଚାଷୀମାନଙ୍କର ଫସଲ କ୍ଷତିଗ୍ରସ୍ତ ହୋଇଥିବ, ସରକାରୀ ନିୟମାନୁସାରେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ। ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଥିବା ସହ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ମାଣ୍ଡୋସିଲ ସମିତି ସଭ୍ୟ ଗୁଲାମ୍ ରସୁଲ ରଙ୍ଗରେଜ, ମନ୍ମଥ କୁମାର ମହାନ୍ତି, ମେହେବୁବ ସରବେଆଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନରେ ସହଯୋଗ କରିଥିଲେ।

**ପଦ୍ମପୁର:** ଲଗାଣ ବର୍ଷାରେ ପଦ୍ମପୁର ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ପଦ୍ମପୁରରେ ୧୪୮ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ବର୍ଷା ଜାରି ରହିଛି। ଫଳରେ ସହରର ବିଭିନ୍ନ ୱାର୍ଡରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ବର୍ଷା ପାଣି ଲୋକଙ୍କ ଘରେ ପଶିଯାଇଥିବାରୁ ଦୈନନ୍ଦିନ ଜୀବନ ବ୍ୟାହତ ହୋଇଛି। ଲଗାଣ ବର୍ଷା ଯୋଗୁଁ ଅନେକ କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଥିବା ସହ କିଛି ଘର ଭୁଶୁଡ଼ି ପଡ଼ିଥିବା ଖବର ମିଳିଛି। ଘରୋଇ ସାମଗ୍ରୀ ମଧ୍ୟ ପାଣିରେ ନଷ୍ଟ ହୋଇଥିବାରୁ ପ୍ରଭାବିତ ପରିବାରଗୁଡ଼ିକ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ବର୍ଷାକୁ ଖାତିର ନ କରି ସହରର ବିଭିନ୍ନ ୱାର୍ଡ ବୁଲି କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ସେ ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରି ସମସ୍ୟା ବୁଝିବା ସହ ପ୍ରଶାସନକୁ ଆବଶ୍ୟକ ସହାୟତା ଓ ରିଲିଫ୍ ବ୍ୟବସ୍ଥା ଶୀଘ୍ର ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ବର୍ଷା ଜାରି ରହିଥିବାରୁ ସହରବାସୀଙ୍କ ମଧ୍ୟରେ ଆହୁରି ଜଳବନ୍ଦୀ ଓ କ୍ଷୟକ୍ଷତି ନେଇ ଆଶଙ୍କା ପ୍ରକାଶ ପାଇଛି। ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ପଦ୍ମପୁର ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅବିରତ ବର୍ଷା ଫଳରେ ସହର ଓ ଗ୍ରାମର ଅନେକ ରାସ୍ତା ଜଳମଗ୍ନ ହୋଇପଡ଼ିଥିବା ବେଳେ ବହୁ ସ୍ଥାନରେ ଘରେ ପାଣି ପଶିଯାଇ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏହାସହ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି। ଦହିଗାଁ ପଞ୍ଚାୟତ ଅଧୀନ ବୁବୁଡା ଓ ଦର୍ଲିଗୁଡା ଗ୍ରାମର ଅନେକ ଘରେ ବର୍ଷା ପାଣି ପଶି ଜଳମଗ୍ନ ହୋଇଛି। ବୁବୁଡା ଗ୍ରାମର ବନମାଳି ବୁଡେକଙ୍କ ବାସଗୃହ ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରେ ଦୁଇଟି ସାଇକେଲ ଏବଂ ଗୋଟିଏ ପାୱାର ରୋଟାଭେଟର (ପାୱାର ଟିଲର) କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଘଟଣା ସମୟରେ ପରିବାର ସଦସ୍ୟମାନେ ଘର ଭିତରେ ଶୋଇଥିଲେ। ହଠାତ୍ ଘରଟି ଭୁଶୁଡ଼ି ପଡ଼ିବାରୁ ସେମାନେ ଅଳ୍ପକେ ପ୍ରାଣରକ୍ଷା ପାଇଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ ଅବିରତ ବର୍ଷାରେ ଅଞ୍ଚଳର ବିସ୍ତୀର୍ଣ୍ଣ ଚାଷଜମି ଜଳମଗ୍ନ ହୋଇ ରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ପରିବାର ଓ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ପାଚିକା ତଥା ସହାୟିକାଙ୍କ ତାଲିମ କାର୍ଯ୍ୟକ୍ରମ

ଅତାବିରା,୨୯ ।୭(ସମିସ): ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ପାଚିକା ସହାୟିକାମାନଙ୍କ ତାଲିମ କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅତାବିରା କାର୍ତ୍ତିକ ବାଗ, ସିଆରସିସି ନନ୍ଦିଘୋଷ ଭୁଏ, ନୃପ ଭୋଇ, ରଞ୍ଜନ ବାଗ ଏବଂ କୃତାର୍ଥ ଚନ୍ଦ୍ର ଭୁଏ ଉପସ୍ଥିତ ଥିଲେ। ଅତାବିରା ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ନୂତନ ଭାବେ ଯୋଗଦାନ କରିଥିବା ପାଚିକା ତଥା ସହାୟିକା ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ପୂର୍ଣ୍ଣିମା


ବରଗଡ,୨୯ । ୭(ସମିସ): ବୁଧବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବରଗଡ ଓଡ଼ିଆ ବିଭାଗରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି କୋକନାଦ ପଣ୍ଡା (ଅବସର ପ୍ରାପ୍ତ ଆଚାର୍ଯ୍ୟ) ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ବକ୍ତା ଜଗଦୀଶ ସେନ (ଅବସର ପ୍ରାପ୍ତ ଆଚାର୍ଯ୍ୟ), ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର, ସହପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ବାରିକ, ରବି କିଶୋର ହୋତା ଉପସ୍ଥିତ ଥିଲେ।

**ଭଟଲି:** ଭଟଲି ବ୍ଲକ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଜିଲ୍ଲା ସଂକୀର୍ତ୍ତନ ପରିଷଦର ମିଳିତ ଆନୁକୁଲ୍ୟରେ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ଓ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରବିନାରାୟଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ପ୍ରାଧ୍ୟାପକ ହରେକୃଷ୍ଣ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀ ସଂସ୍କୃତି ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ କବିତା ପାଠ କରିଥିଲେ। ଜିଲ୍ଲା ସଂକୀର୍ତ୍ତନ ପରିଷଦ ଅଧ୍ୟକ୍ଷ ଗୁରୁ ପ୍ରମୋଦ ଦାଶ, ବିଶିଷ୍ଟ କଣ୍ଠଶିଳ୍ପୀ ତୋଫିକ ଖାନ ଉପଦେଷ୍ଟା ବଜରଙ୍ଗ ଲାଲ ଅଗ୍ରୱାଲ, ଲଳିତ ମୋହନ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଗ୍ରୀବର ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟାଜଳରେ ଫସି ରହିଥିବା ବ୍ୟକ୍ତି ଉଦ୍ଧାର

ଭେଡେନ,୨୯ ।୭(ସମିସ): ଭେଡେନ ବ୍ଲକ ଅନ୍ତର୍ଗତ ଆଇଲାପାଲି ଗ୍ରାମ ପଞ୍ଚାୟତ ସ୍ଥିତ ବରଗାଁ ଗ୍ରାମର ସର୍ବାନନ୍ଦ ସାହୁ (୫୦) ତାଙ୍କ ନିଜ ଗ୍ରାମ ସ୍ଥିତ ବଗିଚାକୁ ଯାଇଥିବା ବେଳେ ନିକଟରେ ପ୍ରବାହିତ ଜିରା ନଦୀରେ ହଠାତ ବନ୍ୟା ଜଳ ଆସି ଯିବାରୁ ସେ ସେଠାରେ ଫସି ରହିଥିଲେ। ସରପଞ୍ଚ ଡମ୍ବରୁଧର ପାଣ୍ଡେ, ସମିତି ସଭ୍ୟ ତୋଷବନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ ସମେତ ଗ୍ରାମବାସୀ ଖବର ପାଇ ପହଞ୍ଚି ଭେଡେନ ଓ ବରପାଲି ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ କରିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୋଟର ବୋଟ ସହିତ ନଦୀ ଭିତରକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ।

## ସୁଶାନ୍ତ ସିଂଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା




ସୋହେଲା,୨୯ ।୭(ସମିସ): ପୂର୍ବତନ ମନ୍ତ୍ରୀ ତଥା ଭଟଲି ନିର୍ବାଚନ ମଣ୍ଡଳୀର ତିନି ଥର ବିଧାୟକ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ଅକାଳ ବିୟୋଗରେ ସୋହେଲା ସର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆଜି ସନ୍ଧ୍ୟାରେ ସ୍ଥାନୀୟ ଗୌରୀ କଲ୍ୟାଣ ମଣ୍ଡପ ଠାରେ ଦୁର୍ଗାପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଶ୍ରୀମନ୍ତ ଗୋପାଳ ନାୟକ, ଟେକଚାନ୍ଦ ଦୁଆନ, ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ବଲବୀର ସିଂ ଠାକୁର, ଗିରିଜେଶ ଖାଡ଼ଙ୍ଗା, ପ୍ରମୋଦ ଦେବତା, ସୌଦାମିନୀ ସୁନା, ଗୌତମ ପଧାନ, ସନ୍ତୋଷ ପାତ୍ର, ଅନିଲ ପଧାନ, କୈଳାସ ବେହେରା, ବାବୁଲୁ ଦେବତା, ଦିଲୀପ ବିଶ୍ୱାଳ, ସଂଜୀବ ଝାଙ୍କର, ଅଗସ୍ତି ଭୋଇ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ।

## ସିଂହନାଥରେ ଅଗଷ୍ଟ ୧ରୁ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ

ପାଇକମାଳ, ୨୯ ।୭(ସମିସ): ଆସନ୍ତା ଅଗଷ୍ଟ ୧ ଓ ୨ରେ ବରଗଡ଼ ଜିଲ୍ଲା ନୃସିଂହନାଥରେ କୋସଲ ଗବେଷଣା ଓ ବିକାଶ ପ୍ରତିଷ୍ଠାନ ପକ୍ଷରୁ 'ଗନ୍ଧମାର୍ଦ୍ଦନ ପାହାଡକେ ବଁଚାମା: ଧର୍ମ, ପ୍ରକୃତି, ଐତିହ୍ୟ ଆର ଜୀବିକା ବଁଚାମା' ଶୀର୍ଷକରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହେବ। ସମ୍ମିଳନୀର ଆବାହକ ସାକେତ ଶ୍ରୀଭୂଷଣ ସାହୁ ଏକ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି। ଅଗଷ୍ଟ ୧ରେ ୮୦ଦଶକର 'ବାଲକୋ ହଟାଓ, ଗନ୍ଧମାର୍ଦ୍ଦନ ବଚାଓ' ଆନ୍ଦୋଳନର ପ୍ରାୟ ୧୦୦ ଜଣ ସଂଗ୍ରାମୀଙ୍କୁ ସମ୍ମାନିତ କରାଯିବ ଏବଂ ସେମାନେ ଆନ୍ଦୋଳନର ଅନୁଭୂତି ବାଣ୍ଟିବେ। ଅଗଷ୍ଟ ୨ରେ ଗନ୍ଧମାର୍ଦ୍ଦନର ପରିବେଶ, ଐତିହ୍ୟ, ଜୀବିକା ଓ ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ପରିବେଶବିତ, ଶିକ୍ଷାବିତ, ଗବେଷକ ଓ ଐତିହାସିକମାନେ ଆଲୋଚନା କରିବେ। ସମ୍ମିଳନୀରେ ସ୍ଥାନୀୟ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରାଯାଇଛି।

## ସୁଲୋଚନା ମିଶ୍ରଙ୍କ ପରଲୋକ



ବରଗଡ଼,୨୯ ।୭(ସମିସ): ଧର୍ମପ୍ରାଣା ମହିଳା ସୁଲୋଚନା ମିଶ୍ରଙ୍କ ୯୪ ବର୍ଷ ବୟସରେ ପରଲୋକ ଘଟିଛି। ବୁଧବାର ନିଜ ଗ୍ରାମ ଲେଣ୍ଡାଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠ ପୁତ୍ର ମନୋହର ମିଶ୍ର ମୁଖାଗ୍ନି ଦେଇଥିଲେ। ଅନ୍ୟ ୬ ପୁତ୍ର, ତିନି କନ୍ୟା, ଜ୍ୱାଇଁ, ନାତିନାତୁଣୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପ୍ରଦ୍ୟୁମ୍ନ ତ୍ରିପାଠୀ, ମୋତିଲାଲ ଅଗ୍ରୱାଲ ପ୍ରମୁଖ ଶବଯାତ୍ରାରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଝାରବନ୍ଧ କୁର୍ଲୁ ପାଲିରେ ଚାରାରୋପଣ

ଝାରବନ୍ଧ,୨୯ ।୭(ସମିସ): ବରଗଡ଼ ଜିଲ୍ଲା ସଂକୀର୍ତ୍ତନ ପରିଷଦ ଓ ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀର ମିଳିତ ଆନୁକୁଲ୍ୟରେ ଝାରବନ୍ଧ ବ୍ଲକ କୁର୍ଲୁପାଲିରେ ଚାରାରୋପଣ କରାଯାଇଛି। ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସଂକୀର୍ତ୍ତନ ଗାୟକ ଯଶ ପଟେଲ ଓ ମୃଦଙ୍ଗ ବାଦକ ପ୍ରମୋଦ ପ୍ରଧାନଙ୍କ ସମେତ ଉପସ୍ଥିତ ସମସ୍ତ ସଂକୀର୍ତ୍ତନ ଭକ୍ତଙ୍କୁ ଫୁଲଚନ୍ଦନ ଦେଇ ପୂଜା କରାଯାଇଥିଲା। ୧୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ଉପସ୍ଥିତ ରହି ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସିଲ୍ ହେଲା ନର୍ସିଂହୋମ୍

ବିଜେପୁର,୨୯ ।୭(ସମିସ): ବରଗଡ଼ ଜିଲ୍ଲା ବିଜେପୁରର ସ୍ଥିତ ଅମୃତଧାରା ଘରୋଇ ନର୍ସିଂହୋମକୁ ବୁଧବାର ଜିଲ୍ଲା ପ୍ରଶାସନ ସିଲ୍ କରିଛି। ଉକ୍ତ ନର୍ସିଂ ହୋମରେ ଚିକିତ୍ସା ଅବହେଳାରୁ ଜଣେ ପ୍ରସୂତୀଙ୍କ ମୃତ୍ୟୁ ତଥା ନର୍ସିଂ ହୋମର ଆନୁସଙ୍ଗିକ କାଗଜ ପତ୍ରରେ ତ୍ରୁଟି ଥିବା ଅଭିଯୋଗ କରି ସିଲ୍ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ କ୍ରମେ ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡ଼ା ସୁଶାନ୍ତ ମେହେର, ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି, ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ସିଲ କରିବା ପୂର୍ବରୁ ଉକ୍ତ ନର୍ସିଂ ହୋମରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। କାରଣ ଦର୍ଶାଅ ନୋଟିସ ଦେବାର ଦିନକ ମଧ୍ୟରେ ସିଲ୍ କରିବାରୁ ନର୍ସିଂ ହୋମର ପରିଚାଳକ ଯଶୋବନ୍ତ ମେହେର ଏହା ନ୍ୟାୟୋଚିତ ପଦକ୍ଷେପ ନୁହେଁ ବୋଲି କହିଛନ୍ତି।

## ଭଜନ ସୁମନ ଓ କ୍ୟାଲେଣ୍ଡର ଲୋକାର୍ପିତ

ଭଟଲି,୨୯ ।୭(ସମିସ): ଭଟଲି ବ୍ଲକ ତାଲପାଲି ଚେତନା ଟ୍ରଷ୍ଟ ଓ ଆକ୍ଷ ଚେତନା ସଂଘ ପକ୍ଷରୁ ପରମ ପୂଜ୍ୟ ସଦ୍‌ଗୁରୁ ସୁବାସ ବାବାଙ୍କ ରଚିତ ଭଜନ ସୁମନ ଦ୍ୱିତୀୟ ସଂସ୍କରଣ ଓ କ୍ୟାଲେଣ୍ଡର ଲୋକାର୍ପିତ ହୋଇଛି। ଶୁକଦେବ ସାହୁଙ୍କ ସଂଯୋଜନାରେ ଉର୍ଦ୍ଧୁନା ଜୁହ୍ନାଡିହି କଲ୍ୟାଣ ମଣ୍ଡପଠାରେ ବ୍ରହ୍ମାବଧୂତ ବିରେନ୍ଦ୍ର ବାବା, ସାହିତ୍ୟକ ମନୋରଞ୍ଜନ ମେହେର, ଡ ରବି ନାରାୟଣ ସାହୁ, ଦୟାନିଧି ମହାପାତ୍ର, ସରପଞ୍ଚ ଗୋବିନ୍ଦ ପ୍ରଧାନ ଓ ଗୋପବନ୍ଧୁ ପୁରୋହିତ ଯୋଗ ଦେଇଥିଲେ।

## ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ସମୀକ୍ଷା

ବରଗଡ଼,୨୯ । ୭(ସମିସ): ଏସ୍‌ଆଇଆର୍‌ରେ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ସମୀକ୍ଷା କରୁଛନ୍ତି। ସିଇଓ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ଶାଶ୍ୱତ ପ୍ରଧାନ ବରଗଡ଼ ଜିଲ୍ଲା ଗସ୍ତ କରି ଚିଠା ଭୋଟର ତାଲିକା ପ୍ରକାଶନ ପରବର୍ତ୍ତୀ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଶ୍ରୀ ପ୍ରଧାନ ପ୍ରଥମେ ବରଗଡ଼ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ବରଗଡ଼ ବିଧାନସଭା କ୍ଷେତ୍ରର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କ (ଏଇଆରଓ) ସହ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଉପ-ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଉପସ୍ଥିତ ଥିଲେ। ଏହାପରେ ସେ ବିଜେପୁର, ଅତାବିରା ଓ ଭଟଲି ବିଧାନସଭା କ୍ଷେତ୍ରର ବିଭିନ୍ନ ଶୁଣାଣି କେନ୍ଦ୍ର ପରିଦର୍ଶନ କରି ସମ୍ପୃକ୍ତ ଏଇଆରଓମାନଙ୍କ ସହ ସ୍ଥିତି ସମୀକ୍ଷା କରିଥିଲେ।

## ତିଖାଲି ଡ୍ୟାମର ୬ ଗେଟ୍ ଖୋଲା; ତଳମୁଣ୍ଡରେ ବନ୍ୟା ଆଶଙ୍କା



ଖଡ଼ିଆଳ,୨୯।୭(ସମିସ): ଲଗାଣ ବର୍ଷା ଯୋଗୁ ତିଖାଲି ଡ୍ୟାମର ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ଗତ ଜୁଲାଇ ୨୭ରେ ଗୋଟିଏ ଗେଟ୍ ଖୋଲି ସୁନ୍ଦର ନଦୀକୁ ପାଣି ନିଷ୍କାସନ କରାଯାଉଥିଲା। ମାତ୍ର ମଙ୍ଗଳବାର ଡ୍ୟାମରେ ଜଳସ୍ତର ବଢିବାରୁ ପୁଣି ଡ୍ୟାମର ୫ଟି ଗେଟ୍ (ମୋଟ୍ ୬ଟି) ଖୋଲି ଦିଆଯାଇଛି। ଫଳରେ ଡ୍ୟାମର ତଳମୁଣ୍ଡ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ନଦୀକୂଳିଆ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ତଳିଆ ଅଞ୍ଚଳରେ ପାଣି ପ୍ରବେଶ କରିଥିବା ଖବର ମିଳିଛି। ନଦୀକୂଳିଆ ସ୍ଥାନରେ ଚାଷଜମି ଜଳମଗ୍ନ ହୋଇଥିବା ବେଳେ ସଡ଼କ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇଛି। ପ୍ରଶାସନ ପକ୍ଷରୁ ତଳମୁଣ୍ଡ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା, ନଦୀକୁ ନଯିବା ଏବଂ ପରିସ୍ଥିତି ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡିଲେ ଅଧିକ ଗେଟ୍ ଖୋଲାଯାଇପାରେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଫୁଲୁଛି ଇନ୍ଦ୍ରାବତୀ, ଗୋଲାମୁଣ୍ଡାରେ ୧୦୨ମିମି ବର୍ଷା

ଭବାନୀପାଟଣା,୨୯।୭(ସମିସ): କଳାହାଣ୍ଡିରେ ୩ ଦିନ ହେଲା ଅବିଶ୍ରାନ୍ତ ବର୍ଷା ଜାରି ରହିଛି। ମଙ୍ଗଳବାର ଜୁନାଗଡ଼-କଳମପୁର ମୁଖ୍ୟରାସ୍ତା ବରଗାଁ ନିକଟରେ ନିର୍ମାଣାଧୀନ ଘର୍ଲା ଜୋର୍ ବ୍ରିଜ୍‌ର ଆପ୍ରୋଚ ସମ୍ପୂର୍ଣ୍ଣ ଧୋଇଯାଇଛି। ଇତିମଧ୍ୟରେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳପତ୍ତନ ହ୍ରାସ ଘଟି ୬୨୯ମିଟର ଥିଲା। ୨୬୩୦ବର୍ଗ କିମି କ୍ୟାଚମେଣ୍ଟ ଏରିଆର ଜଳଭଣ୍ଡାରରେ ଆଜି ଜଳପତ୍ତନ ବୃଦ୍ଧିପାଇ ୬୩୨.୧୮୦ ମିଟରରେ ପହଞ୍ଚିଛି। ଭବାନୀପାଟଣା ସହରର ପ୍ରମୁଖ ଜନବସତି ଗୁଡିକରେ ବର୍ଷାଜଳ ଭର୍ତ୍ତି ହୋଇ ରାସ୍ତା ଉପରକୁ ଉଠୁଛି। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପଡିଛି। ଜିଲ୍ଲା ଜରୁରୀ କାଳୀନ ପରିଚାଳନା ବିଭାଗ ପକ୍ଷରୁ ଆଜି ମିଳିଥିବା ତଥ୍ୟ ଅନୁଯାୟୀ ବୁଧବାର ଜିଲ୍ଲାର ୧୩ଟି ବ୍ଲକରେ ମୋଟ ୬୮୮.୫ ମିମି ବର୍ଷା ରେକର୍ଡ ହୋଇଛି। ଏଥିରେ ଜିଲାର ଗୋଲାମୁଣ୍ଡା ବ୍ଲକରେ ସର୍ବାଧିକ ୧୦୨ ମିମି ବର୍ଷା ହୋଇଥିବାବେଳେ କର୍ଲାମୁଣ୍ଡାରେ ୮୭, ଥୁଆମୂଳ ରାମପୁରରେ ୮୨, କେସିଙ୍ଗା ୬୦.୬, ନର୍ଲା ୫୬, ଏମ.ରାମପୁର ୫୫.୪, ଜୟପାଟଣା ୪୪, ଧର୍ମଗଡ଼ ୪୨.୩, ଜୁନାଗଡ଼ ୩୭.୨, ଲାଞ୍ଜିଗଡ଼ ୩୬, କୋକସରା ୩୨, କଳମପୁର ଓ ଭବାନୀପାଟଣା ବ୍ଲକରେ ୨୭ ମିମି ବର୍ଷା ରେକର୍ଡ ହୋଇଛି। ତୁହାକୁ ତୁହାକୁ ବର୍ଷା ଜିଲ୍ଲାରେ ଲାଗିରହିଛି।

## କୁକୁଡ଼ା ଫାର୍ମ ଛାତ ଉପରେ ଫସିଛନ୍ତି ୮ ଶ୍ରମିକ

ଖଡ଼ିଆଳ,୨୯।୭(ସମିସ): ଲଗାଣ ବର୍ଷା ଯୋଗୁଁ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ବିରିଘାଟ ସୁନ୍ଦର ନଦୀ କୂଳରେ ଥିବା ଏକ କୁକୁଡ଼ା ଫାର୍ମ ସମ୍ପୂର୍ଣ୍ଣ ଭାବେ ବନ୍ୟା ପାଣିର ଘେରରେ ରହିଛି। ଫାର୍ମରେ କାର୍ଯ୍ୟରତ ୮ ଜଣ ଶ୍ରମିକ ଫେରିପାରି ନଥିବାରୁ ଫାର୍ମର ଛାତ ଉପରେ ଆଶ୍ରୟ ନେଇ ଜୀବନ ସହିତ ସଂଗ୍ରାମ କରୁଛନ୍ତି। ବନ୍ୟା ପାଣିର ସ୍ରୋତ ପ୍ରବଳ ଥିବାରୁ ସେମାନେ ସୁରକ୍ଷିତ ସ୍ଥାନକୁ ଆସିପାରୁନାହାନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଖବର ଦିଆଯାଇଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ସୁଦ୍ଧା ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ନଥିବା ସୂଚନା ମିଳିଛି। ତୁରନ୍ତ ଉଦ୍ଧାରକାରୀ ଦଳ ପଠାଇ ସେମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇନଥିବା ଜଣାପଡ଼ିଛି।

# ଲଗାଣ ବର୍ଷାରେ ବେହାଲ କଳାହାଣ୍ଡି

ଗୋଲାମୁଣ୍ଡା,୨୯।୭(ସମିସ)





କଳାହାଣ୍ଡି ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷାର ତାଣ୍ଡବ ଜାରି ରଖିଛି। ପ୍ରଳୟଙ୍କରୀ ବର୍ଷା ଯୋଗୁ ଜିଲ୍ଲାର ପ୍ରମୁଖ ଗୋଲାମୁଣ୍ଡା ବ୍ଲକ ଜଳ ପ୍ରଳୟ ସ୍ଥିତି ଦେଖାଦେଇଛି। ବ୍ଲକର ପ୍ରାୟ ୮୨୭.୮୨ ବର୍ଗ କିଲୋମିଟର ପରିମିତ ସମଗ୍ର ଭୌଗୋଳିକ ଅଞ୍ଚଳ ଏବେ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ। ଯୁଆଡ଼େ ଚାହିଁଲେ ବନ୍ୟାର କରାଳ ରୂପ ଏବଂ ପାଣି ହିଁ ପାଣି। ସ୍ଥାନୀୟ ପ୍ରାକୃତିକ ନାଳ ଓ ନଦୀଗୁଡ଼ିକର ଜଳସ୍ତର ବିପଜ୍ଜନକ ଭାବେ ବୃଦ୍ଧି ପାଇବା ଫଳରେ ବନ୍ୟା ଜଳ ଚାଷଜମି ଏବଂ ଜନବସତି ଆଡ଼କୁ ଦ୍ରୁତ ଗତିରେ ମାଡ଼ି ଚାଲିଛି। ଯାହା ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ଲକର ସମଗ୍ର ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ଲକ ଅଧୀନରେ ଥିବା ସମସ୍ତ ୨୮ଟି ଯାକ ଗ୍ରାମପଞ୍ଚାୟତକୁ ସଂଯୋଗ କରୁଥିବା ପିଚୁ ରାସ୍ତା, କଂକ୍ରିଟ ଓ ଗ୍ରାମ୍ୟ ମାଟି, ମୋରମ ମେଟାଲ ରାସ୍ତାଗୁଡ଼ିକ ବନ୍ୟା ଜଳର ପ୍ରଖର ସ୍ରୋତରେ ସମ୍ପୂର୍ଣ୍ଣ ଧୋଇ ଯାଇଛି। ରାସ୍ତାଘାଟ ନଷ୍ଟ ହୋଇଯିବା ଫଳରେ ବ୍ଲକର ସମସ୍ତ ୧୨୭ଟି ରାଜସ୍ୱ ଗ୍ରାମ ବାହ୍ୟ ଜଗତରୁ ପ୍ରାୟତଃ ବିଚ୍ଛିନ୍ନ ହୋଇପଡ଼ିଛି। ଅନେକ ସ୍ଥାନରେ ରାସ୍ତା ମଝିରେ ବଡ଼ ବଡ଼ ଘାଇ ଓ ଗଭୀର ଗାତ ସୃଷ୍ଟି ହୋଇଥିବାରୁ ଗାଁରୁ ଗାଁକୁ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ରହିଛି। କେତେକ ପ୍ରମୁଖ ଗ୍ରାମ୍ୟ ପୋଲ ଏବଂ କଲଭର୍ଟ ଉପରେ ୩ ରୁ ୪ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଗୋଲାମୁଣ୍ଡା ବ୍ଲକର ସମଗ୍ର ଜନସଂଖ୍ୟା ଏହି ପ୍ରାକୃତିକ ଦୁର୍ବିପାକ ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇ ଦୁର୍ଦ୍ଦଶା ଭୋଗୁଛନ୍ତି।

ବ୍ଲକର ମୋଟ ୧,୭୭,୪୩୪ ଜନସାଧାରଣ (ଯେଉଁଥିରେ ୮୮,୯୪୭ ଜଣ ପୁରୁଷ ଏବଂ ୮୮,୪୮୭ ଜଣ ମହିଳା ସାମିଲ ଅଛନ୍ତି) ଏବେ ନିଜ ନିଜ ଘର ଭିତରେ ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି। ବିଶେଷ କରି ଶିଶୁ, ଗର୍ଭବତୀ ମହିଳା, ରୋଗୀ ଓ ବୃଦ୍ଧ ବୃଦ୍ଧାମାନେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଉପଯୁକ୍ତ ନଦୀ ବନ୍ଧ ଓ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଗ୍ରାମଗୁଡ଼ିକର ତଳିଆ ଅଞ୍ଚଳ, ସ୍ଥାନୀୟ ବଜାର ଏବଂ ବହୁ ପକ୍କା ଓ କଚ୍ଚା ଘର ଭିତରେ ବନ୍ୟା ପାଣି ପଶି ରହିଛି। ପାନୀୟ ଜଳର ଉତ୍ସଗୁଡ଼ିକରେ ବନ୍ୟା ପାଣି ମିଶିଯିବା ଫଳରେ ବିଶୁଦ୍ଧ ପିଇବା ପାଣି ପାଇଁ ମଧ୍ୟ ହାହାକାର ପଡ଼ିଛି। ରାସ୍ତା ଧୋଇଯାଇଥିବାରୁ କୌଣସି ମେଡିକାଲ ଜରୁରୀ ପରିସ୍ଥିତି ସମୟରେ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ବାହିନୀ ଗ୍ରାମଗୁଡ଼ିକରେ ପହଞ୍ଚିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି। ଗୋଲାମୁଣ୍ଡା ବ୍ଲକର ମୁଖ୍ୟ ଜୀବିକା ହେଉଛି କୃଷି। ମାତ୍ର ଏହି ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ହଜାର ହଜାର ହେକ୍ଟର ସବୁଜ ଚାଷଜମି ଏବେ ବିସ୍ତୀର୍ଣ୍ଣ ସମୁଦ୍ର ଭଳି ଦୃଶ୍ୟମାନ ହେଉଛି। ପ୍ରାୟ ସମସ୍ତ ପଞ୍ଚାୟତରେ ନୂତନ ଭାବେ ରୁଆ ଓ ପୋତା ଯାଇଥିବା ଧାନ ଫସଲ ଦୀର୍ଘଦିନ ହେବ ପାଣିରେ ବୁଡ଼ି ରହିବା ଫଳରେ ନଷ୍ଟ ହେବାକୁ ବସିଲାଣି। ଗୋଲାମୁଣ୍ଡା ବ୍ଲକରେ ଚାଷୀ ପ୍ରାୟ ତ କପା ଚାଷ କରନ୍ତି ଓ କପା ଗଛ ଛୋଟ ଛୋଟ ଥିବା ହେତୁ ସବୁ ନଷ୍ଟ ହୋଇଯାଇଛି। ବର୍ତ୍ତମାନର ଜଟିଳ ସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଓ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ଗୋଲାମୁଣ୍ଡା ବ୍ଲକ କର୍ତ୍ତୃପକ୍ଷ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ପ୍ରଭାବିତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରିବାକୁ ଦାବି ହୋଇଛି। ଧୋଇଯାଇଥିବା ସମସ୍ତ ମୁଖ୍ୟ ରାସ୍ତାର ଅସ୍ଥାୟୀ ମରାମତି କରି ଅନ୍ତତଃ ପକ୍ଷେ ଜରୁରୀକାଳୀନ ଗମନାଗମନକୁ ତୁରନ୍ତ ସ୍ୱାଭାବିକ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଘରେ ଘରେ ପାଣି ପଶି ରଖିଥିବା ଚାଉଳ ମୂଲ୍ୟବାନ ଜିନିଷପତ୍ର ଭିଜି ଯାଇଛି କ୍ଷ ଖବର ପାଇ ଦମକଳ ବାହିନୀ ଓ ବ୍ଲକ ପ୍ରଶାସନ ବିଚ୍ଛିନ୍ନ ଅଞ୍ଚଳକୁ ଯାଇ ସହଯୋଗ କରୁଛନ୍ତି।

 କ୍ଷୟକ୍ଷତିର ତଦନ୍ତ କରି ସରକାର ଚାଷୀମାନଙ୍କ ଦୁଃଖ ବୁଝିବା ସହ ପାଣିରେ ଧୋଇହୋଇ ଯାଇଥିବା ରାସ୍ତା ଗୁଡିକ ତୁରନ୍ତ ମରାମତି କରିବା ପାଇଁ ଗୋଲାମୁଣ୍ଡା ବ୍ଲକବାସୀ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି। ଏ ନେଇ ଆମେ ଗୋଲାମୁଣ୍ଡା ବିଡ଼ିଓ, ଅଗ୍ନିଶମ ବିଭାଗ ଓ ବିଦ୍ୟୁତ ବିଭାଗର ଅଧିକାରୀ ଙ୍କୁ ପଚାରିବାରୁ ଆମେ ଖବର ପାଇଲେ ତୁରନ୍ତ ଯାଉଛୁ ଓ ଆମ ପକ୍ଷରେ ଯେତେ ସମ୍ଭବ ସେତିକି କାମ କରୁଛୁ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

**● ଜଳମଗ୍ନ ଗୋଲାମୁଣ୍ଡା ବ୍ଲକ**
**● ୨୮ ପଞ୍ଚାୟତର ୧୨୭ ରାଜସ୍ୱ ଗ୍ରାମବାସୀ ଅସ୍ତବ୍ୟସ୍ତ**

## ତିନି ମୁଖ୍ୟ ରାସ୍ତାରେ ୩ ଫୁଟ ପାଣି





ଖଡ଼ିଆଳ,୨୯।୭(ସମିସ): ନୂଆପଡା ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଖଡ଼ିଆଳ ଅଞ୍ଚଳର ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜାତୀୟ ରାଜପଥ ୩୫୩ ସମେତ ଅନ୍ୟ ତିନିଟି ମୁଖ୍ୟରାସ୍ତା ଖଡ଼ିଆଳ-ସିନାପାଲି, ଖଡ଼ିଆଳ-ଭବାନୀପାଟଣା, ଖଡ଼ିଆଳ-ବୋଡେନ ରାସ୍ତା ଉପରେ ପ୍ରାୟ ତିନି ଫୁଟ ଉଚ୍ଚରେ ବର୍ଷା ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବହୁ ଗ୍ରାମର ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥିବାରୁ ସାଧାରଣ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନବରତ ବର୍ଷାରେ ସୁନ୍ଦର ନଦୀ ସମେତ ନାଳଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଥିବାବେଳେ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଏହାର ପ୍ରଭାବରେ ହଜାର ହଜାର ଏକର ଧାନ ଚାଷ ଜଳମଗ୍ନ ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବର୍ଷା ଜାରି ରହିଲେ ଫସଲର ବ୍ୟାପକ କ୍ଷତି ହେବାର ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ପ୍ରଶାସନକୁ ତୁରନ୍ତ ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା ସହ ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଧର୍ମାଧ୍ୟକ୍ଷ ପଦରେ ପଣ୍ଡିତ ଡାକ୍ତର ନାରାୟଣ ପାଢ଼ୀ



କେସିଙ୍ଗା,୨୯।୭(ସମିସ): କେସିଙ୍ଗା ମାଟିର ପୁଅ ପଣ୍ଡିତ ଡାକ୍ତର ନାରାୟଣ ପାଢ଼ୀଙ୍କୁ କଳାହାଣ୍ଡି ଜିଲ୍ଲାର ଧର୍ମାଧ୍ୟକ୍ଷ ପଦରେ ନିଯୁକ୍ତି ମିଳିଛି। ତାଙ୍କୁ କଳାହାଣ୍ଡିର ୩୩ ତମ ନାଗବଂଶୀ ମହାରାଜା ଅନନ୍ତ ପ୍ରତାପ ଦେଓ କଳାହାଣ୍ଡି ଜିଲ୍ଲାର ଧର୍ମାଧ୍ୟକ୍ଷ ପଦରେ ନିଯୁକ୍ତ କରିଛନ୍ତି। ଏନେଇ କଳାହାଣ୍ଡି ରାଜାଙ୍କ ପାଖରୁ ଚିଠି ମିଳିଛି। ଶ୍ରୀ ପାଢ଼ୀ ମୂଳତଃ କେସିଙ୍ଗା ବାସିନ୍ଦା ହୋଇଥିଲେ ମଧ୍ୟ ସେ ବର୍ତ୍ତମାନ ଭବାନୀପାଟଣାରେ ରହୁଛନ୍ତି। କେସିଙ୍ଗା ବ୍ରାହ୍ମଣ ସମାଜ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ସଭାପତି ପ୍ରଦୀପ କୁମାର ରଥ ଓ କର୍ମକର୍ତ୍ତା।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ଭବାନୀପାଟଣା,୨୯।୭(ସମିସ): କଳାହାଣ୍ଡି ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଜିଲ୍ଲା ସଦର ମହକୁମା ଭବାନୀପାଟଣାଠାରେ ପାଳନ ଉପଲକ୍ଷେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିନେଶ କୁମାର କହଁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୪ ମଧ୍ୟ ରାତ୍ରିରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ମଶାଲ ଶୋଭାଯାତ୍ରା, ୧୫ ଅଗଷ୍ଟ ପ୍ରାତଃ ୪:୩୦ରେ ସହରରେ ରାମଧୁନ ପରିବେଷଣ, ସକାଳ ୭:୩୦ ସମୟରେ ସମସ୍ତ ସରକାରୀ/ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମାଲ୍ୟାର୍ପଣ, ସ୍ଥାନୀୟ ଲାଲ୍ ବାହାଦୂର ଷ୍ଟାଡିୟମ ଠାରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ୯:୧୫ ସମୟରେ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ଜିଲ୍ଲାସ୍ତରୀୟ ପରେଡ ଉତ୍ସବ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜନ ପାଇଁ ସ୍ଥିର କରାଯାଇଛି। ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟରଞ୍ଜନ ପ୍ରଧାନ, ଉପ-ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ପଞ୍ଚାୟତ ଅଧିକାରୀ ବି.ଏନ. ରାଉତ, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀ, ପୁଲିସ ଆର୍‌ଆଇ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସିଆର୍‌ପିଏଫ୍‌ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ; ଭାଙ୍ଗିଲା ଘର





କୋକସରା,୨୯।୭(ସମିସ): କଳାହାଣ୍ଡି ଜିଲ୍ଲାରେ ଲଘୁଚାପଜନିତ ବର୍ଷା ବିପ୍ରାତ ଜାରି ରହିଥିବା ବେଳେ କୋକସରା ବ୍ଲକରେ ମଧ୍ୟ ଗତ ତିନିଦିନ ହେବ ମୂଷଳ ଧାରାରେ ବର୍ଷା ହେଉଛି। ଗତ ୪୮ ଘଣ୍ଟା ମଧ୍ୟରେ ଏଠାରେ ୩୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ସୂଚନା ମିଳିଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁଁ ବ୍ଲକର କୁସୁମଖୁଣ୍ଟି ସ୍କୁଲ ନିକଟରୁ କେନାଲ ବ୍ରିଜ୍ ପର୍ଯ୍ୟନ୍ତ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଏଥିସହ ବିଭିନ୍ନ ଗ୍ରାମର ଅନେକ ଗରିବ ଲୋକଙ୍କ ମାଟି ଘର ଭାଙ୍ଗିଯାଇଥିବା ବେଳେ ମାଝୀଗୁଡା ପଞ୍ଚାୟତର ଦାବ୍ରିଗୁଡା ଗ୍ରାମରେ ଘରେ ଘରେ ପାଣି ପଶିଯାଇଥିବା ଖବର ମିଳିଛି। ଏହି ବର୍ଷା ଚାଷୀମାନଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ଜମିଗୁଡ଼ିକରେ ବ୍ୟାପକ ଜଳମଗ୍ନ ହୋଇଥିବାରୁ ଧାନ ରୁଆ କାର୍ଯ୍ୟ ବଢ଼ିପାରୁନାହିଁ। ଯେଉଁ ଚାଷୀମାନେ ପୂର୍ବରୁ ରୁଆ କାର୍ଯ୍ୟ ଆରମ୍ଭ କରିସାରିଥିଲେ, ସେମାନଙ୍କ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ବର୍ଷା ଯୋଗୁଁ ବିଦ୍ୟୁତ୍ ସରବରାହ ବ୍ୟାପକ ପ୍ରଭାବିତ ହୋଇଥିବା ବେଳେ ଦୋକାନ ବଜାର ମଧ୍ୟ ଠିକ୍‌ରେ ଖୋଲୁ ନାହାନ୍ତି। ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ ଲୋକେ ଗୃହବନ୍ଦୀ ପରି ସ୍ଥିତିରେ ରହିଛନ୍ତି। କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ରେ ଗୁରୁ ପୂର୍ଣ୍ଣିମା ପାଳିତ

ଭବାନୀପାଟଣା,୨୯।୭(ସମିସ): ସ୍ଥାନୀୟ ତାରିଣୀ ମନ୍ଦିର ରୋଡ଼ ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରତିବର୍ଷ ଆଷାଢ଼ ମାସର ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ପାଳନ କରାଯାଇଥାଏ। ଏହି ପବିତ୍ର ଦିନରେ ମହର୍ଷି ବେଦବ୍ୟାସ ଜନ୍ମଗ୍ରହଣ କରିଥିବାରୁ ଏହାକୁ ବ୍ୟାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ସନାତନ ସଂସ୍କୃତିରେ ଗୁରୁଙ୍କୁ ଭଗବାନଙ୍କ ଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି ଓ ଜୀବନର ପ୍ରଥମ ଗୁରୁ ହେଉଛନ୍ତି ପିତାମାତା। ସେମାନଙ୍କ ଆଶୀର୍ବାଦ ଦ୍ୱାରା ହିଁ ଜୀବନ ସଫଳ ହୋଇଥାଏ ବୋଲି ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ସର୍ବପ୍ରଥମେ ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ ପରମହଂସ ଓ ଦେବୀ ସାରଦାଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିବାବେଳେ ଶିକ୍ଷୟିତ୍ରୀ ଏନ. ମୁସ୍କାନ ସଭାପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାର ଏକମାତ୍ର ସରକାରୀ ମହିଳା ମହାବିଦ୍ୟାଳୟରେ ଅବ୍ୟବସ୍ଥା

# ସରିଲା ନାମଲେଖା; ବଢ଼ିଲା ହଷ୍ଟେଲ ଚିନ୍ତା

ଭବାନୀପାଟଣା,୨୯।୭(ସମିସ): ଅନୁସନ୍ଧିତ୍ସୁ ମନ, ଦୂରଦୃଷ୍ଟି, ନୂତନ ସର୍ଜନା କ୍ଷେତ୍ରରେ ନୀତି ନୈତିକତାର ଅଭାବ କାରଣରୁ ଉଚ୍ଚ ଶିକ୍ଷା ବାବଦରେ ଅଟକିଛି ବିକାଶ। ଦେଖାଯାଇଛି ଯେ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକରେ ନାମଲେଖା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ, ଯୁକ୍ତ-୨ର ପାଠପଢ଼ା ଜୁଲାଇ ୨୧ରୁ ଏବଂ ସ୍ନାତକ ପାଠପଢ଼ା ଜୁଲାଇ ୨୭ରୁ ଆରମ୍ଭ ହୋଇସାରିଛି। କିନ୍ତୁ ଦୂରଦୂରାନ୍ତରୁ ଭବାନୀପାଟଣାକୁ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ରହଣି ବ୍ୟବସ୍ଥା ବର୍ତ୍ତମାନ ସବୁଠୁ ବଡ଼ ସମସ୍ୟା ହୋଇଛି। ବିଶେଷକରି ଗ୍ରାମାଞ୍ଚଳରୁ ପ୍ରଥମ ଥର ପାଇଁ ସହରକୁ ଆସୁଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ପାଇଁ ହଷ୍ଟେଲର ଅଭାବ ଚିନ୍ତାର କାରଣ ପାଲଟିଛି। ଭବାନୀପାଟଣାର ତିନିଟି ପ୍ରମୁଖ ଶିକ୍ଷାନୁଷ୍ଠାନ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ ହଜାର ହଜାର ଛାତ୍ରଛାତ୍ରୀ ନାମ ଲେଖାଉଥିବା ସତ୍ତ୍ୱେ ହଷ୍ଟେଲ ସୁବିଧା ଆବଶ୍ୟକୀୟ ଛାତ୍ରଛାତ୍ରୀଙ୍କ ତୁଳନାରେ ବହୁତ କମ୍ ରହିଛି। କଳାହାଣ୍ଡି ଜିଲ୍ଲାରେ ଏକମାତ୍ର ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ସ୍ନାତକସ୍ତରର ପ୍ରାୟ ୨୦୦୦ ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ହଷ୍ଟେଲରେ ମାତ୍ର ୪୦୦ଟି ଆସନ ରହିଛି। ଏହି ସୀମିତ ସୁବିଧା ଯୋଗୁଁ ଅନେକ ଛାତ୍ରୀ ନିୟମିତ କଲେଜ ଆସିପାରୁ ନାହାନ୍ତି ଏବଂ କେତେକ କ୍ଷେତ୍ରରେ ରହିବା ସମସ୍ୟା ଯୋଗୁଁ ବହୁ ଛାତ୍ରୀ ପାଠପଢ଼ା ମଝିରେ ମୁହଁ ଫେରାଇ ଛାଡ଼ିଦେବାକୁ ବାଧ୍ୟ ହେଉଥିବା ଅଭିଯୋଗ ମଧ୍ୟ ରହିଛି।

କେବଳ କଳା ବିଭାଗ ଥାଇ ଜିଲ୍ଲାର ୨୦୦୦ ଛାତ୍ରୀ ଏହି ମହିଳା ମହା ବିଦ୍ୟାଳୟ ଉପରେ ଭରସା କରୁଛନ୍ତି। ଯଦି ବାଣିଜ୍ୟ ଓ ବିଜ୍ଞାନ ଖୋଲାଗଲା ଛାତ୍ରୀଙ୍କ ସଂଖ୍ୟା ଆଉ ଦୁଇଗୁଣ ବୃଦ୍ଧି ପାଇବା ଆକଳନ କରାଯାଉଛି। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଏହା ଯେ ବର୍ତ୍ତମାନ ଯୁକ୍ତ - ୩ କଳାରେ ଶିକ୍ଷାଦାନ ପାଇଁ ୧୧ଜଣ ଅଧ୍ୟାପକ ପଦବୀରୁ ଅଛନ୍ତି କେବଳ ୪ଜଣ। ଏହି ମହାବିଦ୍ୟାଳୟରେ ୧୨ଟି ଅନର୍ସ ପାଠ୍ୟକ୍ରମ ଚାଲୁଛି। ୧୫ଶହ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ୪ଜଣ ଟିଚିଂ ଷ୍ଟାଫ୍ ଶିକ୍ଷାଦାନ କରିବା କେବଳ ଉଚ୍ଚ ଶିକ୍ଷାର ବିକଳ ଚିତ୍ରବୋଲି କୁହାଯାଇପାରେ। ସରକାରଙ୍କ ବିକଶିତ ଓଡ଼ିଶାର ଏହା ସର୍ବୋତ୍କୃଷ୍ଟ ପ୍ରତିଫଳନ। କଳାହାଣ୍ଡି ଜିଲ୍ଲାରେ ବହୁ ଚେଷ୍ଟା ପରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଭକଲା ସତ କିନ୍ତୁ ଅଧ୍ୟାପକ ଓ ପ୍ରଫେସର ମରୁଡି ସ୍ଥିତିରେ ସୁଧାର ଆସୁନାହିଁ। ତେବେ କଳାହାଣ୍ଡିର ସର୍ବପୁରାତନ ଶିକ୍ଷାନୁଷ୍ଠାନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭବାନୀପାଟଣାରେ ଯୁକ୍ତ ଦୁଇ ସ୍ତରର ପ୍ରାୟ ୧୭୦୦ରୁ ୧୮୦୦ ଛାତ୍ରଛାତ୍ରୀଙ୍କ ପାଇଁ ଆସନ ରହିଥିବାବେଳେ କେବଳ "ସାନ୍ଦୁଲ' ଓ "ଇନ୍ଦ୍ରାବତୀ' ନାମକ ଦୁଇଟି ହଷ୍ଟେଲ ରହିଛି। ଏହି ହଷ୍ଟେଲଗୁଡ଼ିକର ମୋଟ କ୍ଷମତା ପ୍ରାୟ ଶହେ ଶଯ୍ୟା ହୋଇଥିଲେ ମଧ୍ୟ ଚାହିଦା ଅଧିକ ଥିବାରୁ ଅନେକ ସମୟରେ ୧୫୦ରୁ ୨୦୦ରୁ ଅଧିକ ରହୁଥିବା ସୂଚନା ମିଳିଛି। ଏହାଦ୍ୱାରା ମୋଟ ନାମଲେଖା ଆସନର ପ୍ରାୟ ୧୧ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ମାତ୍ର ହଷ୍ଟେଲ ସୁବିଧା ମିଳୁଛି।

ହଷ୍ଟେଲ ନ ପାଇଥିବା ଛାତ୍ରଛାତ୍ରୀମାନେ ଇରିଗେସନ କଲୋନୀ, ବିବିସିପଡ଼ା, ରାମସାଗରପଡ଼ା, ଶକ୍ତିନଗର, ମନ୍ଦାରବାଗିଚାପଡା ଇତ୍ୟାଦି ଅଞ୍ଚଳରେ ଘର ଭଡ଼ା ନେଇ ରହୁଛନ୍ତି। ସେମାନଙ୍କ ଖାଦ୍ୟ ଓ ପାଠପଢା ଅଭିଭାବକଙ୍କ ପାଇଁ ଅତିରିକ୍ତ ଆର୍ଥିକ ବୋଝ ହୋଇ ଚିନ୍ତାରେ ପକାଉଛି। ସେହିପରି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୪ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ବଂଶଧାରା, ୱେଷ୍ଟ, ଇଷ୍ଟ, ଉଦନ୍ତୀ ଓ ନାଗାବଳୀ ନାମକ ପାଞ୍ଚଟି ହଷ୍ଟେଲ ରହିଛି। ତଥାପି ଚାହିଦା ଅନୁଯାୟୀ ହଷ୍ଟେଲରେ ଆସନ ନଥିବାରୁ ଅନେକ ଛାତ୍ରଛାତ୍ରୀ ଭଡ଼ା ଘର କିମ୍ବା ବେସରକାରୀ ହଷ୍ଟେଲ ଉପରେ ନିର୍ଭର କରୁଛନ୍ତି। ବିଶେଷକରି ସେଲ୍‌ଫ ଫାଇନାନ୍ସ ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ସୁବିଧା ନଥିବାରୁ ସେମାନେ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଆଗାମୀ ଦିନରେ ସ୍ନାତକୋତ୍ତର ନାମ ଲେଖା ଆରମ୍ଭ ହେବ। ପୁଣି ହଷ୍ଟେଲ ସମସ୍ୟା ଉତ୍କଟ ହେବାର ସମ୍ଭାବନାକୁ ଏଡାଇଦେଇ ହେବନାହିଁ। କିନ୍ତୁ ବିଶ୍ୱବିଦ୍ୟାଳୟ ପରିସରରେ ନୂତନ ଦୁଇଟି ହଷ୍ଟେଲ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଁଚିଛି। କୁଳ ସଚିବଙ୍କ ସହ ଆଲୋଚନାରୁ ଜଣାପଡ଼ିଛି ଯେ ଫର୍ଣିଚର୍ କ୍ରୟ ଏବଂ ଅନ୍ୟ ବିଦ୍ୟୁତ ଉପକରଣ ସଂଯୋଗ କାମ ଚାଲିଛି। ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ଦୁଇଟି ନୂତନ ହଷ୍ଟେଲ ଛାତ୍ର ଛାତ୍ରୀଙ୍କ କ୍ଷେତ୍ରରେ କାର୍ଯ୍ୟକ୍ଷମ ହୋଇଯିବା ସମ୍ଭାବନା ରହିଛି। ଗୋଟିଏ ହଷ୍ଟେଲରେ ୩୦୦ଛାତ୍ରୀ ଓ ଅନ୍ୟଟିରେ ୪୦୦ଛାତ୍ର ହଷ୍ଟେଲ ସୁବିଧା ଉପଲବ୍ଧ କରିପାରିବେ।

ଶିକ୍ଷାବିତ୍ ଓ ଅଭିଭାବକମାନଙ୍କ ମତରେ ଆବଶ୍ୟକୀୟ ମାର୍ଗଦର୍ଶନ ଛାତ୍ର ଛାତ୍ରୀଙ୍କ ରହିବା ଠାରୁ ଆରମ୍ଭକରି ମୂଲ୍ୟବୋଧଭିତ୍ତିକ ଶିକ୍ଷା ଏବଂ ସମସ୍ତ ସାଧନର ବେବସ୍ଥା କରାଗଲେ ଶିକ୍ଷିତ ଯୁବ ପିଢିଙ୍କ ପରିକଳ୍ପନା କରାଯାଇପାରିବ। ଭବାନୀପାଟଣାକୁ ଉଚ୍ଚଶିକ୍ଷାର ହବ ରୂପେ ପରିଣତ କରିବାକୁ ହେଲେ ଛାତ୍ରଛାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ହଷ୍ଟେଲ ସୁବିଧା ଓ ଅଧ୍ୟାପକ ନିଯୁକ୍ତିକୁ ପ୍ରାଥମିକତା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**● ବଡ଼ଭରସା ଉଚ୍ଚଶିକ୍ଷା ପାଇଁ ହଷ୍ଟେଲ ବ୍ୟବସ୍ଥା**
**● ନା ଅଛନ୍ତି ଷ୍ଟାଫ୍ ନା ପର୍ଯ୍ୟାପ୍ତ ହଷ୍ଟେଲ ସୁବିଧା**

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଐତିହ୍ୟ

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବୋଷଙ୍କ ଜନ୍ମ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣଙ୍କର ମୃତ୍ୟୁ, ୨୭ ଜଣ ଆହତ।



## ବଢ଼ୁଛି ଗଣେଶଙ୍କ ମୂର୍ତ୍ତିର ଆକାର

କାନିପକମ୍ ବିନାୟକ ମନ୍ଦିର ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରେ ଅବସ୍ଥିତ ଏକ ପ୍ରସିଦ୍ଧ ମନ୍ଦିର। ଏହି ମନ୍ଦିର ନିଜର ଚମତ୍କାରିତା ଏବଂ ସ୍ୱୟଂଭୂ ମୂର୍ତ୍ତି ପାଇଁ ସାରା ଦେଶରେ ପରିଚିତ। ଏଠାରେ ପୂଜା ପାଉଥିବା ଭଗବାନ ଗଣେଶଙ୍କ ମୂର୍ତ୍ତି ମାନବ ନିର୍ମିତ ନୁହେଁ, ଏହା କୂଅ ଭିତରୁ ସ୍ୱୟଂ ପ୍ରକଟ ହୋଇଥିଲା ବୋଲି କୁହାଯାଏ। ଭକ୍ତମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ବିନାୟକଙ୍କ ମୂର୍ତ୍ତିର ଆକାର ଦିନକୁ ଦିନ ବୃଦ୍ଧି ପାଉଛି। କୁହାଯାଏ ଯେ, କିଛି ଦଶନ୍ଧି ପୂର୍ବେ ଭଗବାନଙ୍କ ପାଇଁ ତିଆରି ହୋଇଥିବା ରୂପା କବଚ ଏବେ ତାଙ୍କ ଶରୀରରେ ଫିଟ୍ ହେଉନାହିଁ। ଏପରିକି ଚାରିପାର୍ଶ୍ୱରୁ ଭଗବାନ ଗଣେଶଙ୍କ ମୂର୍ତ୍ତିର ଆକାର ବଢ଼ୁଥିବାରୁ ପୋଷାକ ମଧ୍ୟ ଛୋଟ ହେଉଛି। ଏଣୁ ଏବେ ଗଣେଶଙ୍କ ପାଇଁ ବଡ଼ ଗହଣା ଓ କବଚ ତିଆରି କରାଯାଉଛି। ସେହିପରି ମନ୍ଦିର ଇତିହାସ ବି ଖୁବ୍ ରୋଚକପୂର୍ଣ୍ଣ। ଏହି ମୂର୍ତ୍ତି କୌଣସି ମୂର୍ତ୍ତିକାରଙ୍କ ଦ୍ୱାରା ଖୋଦିତ ହୋଇ ନାହିଁ, ବରଂ ଏହା ଆପେ ଆପେ ଭୂମିରୁ ବାହାରିଛି। କୁହାଯାଏ, ବହୁ ବର୍ଷ ତଳେ ଏହି ଅଞ୍ଚଳର ଲୋକେ ଏକ କୂଅ ଖନନ କରୁଥିଲେ। ଖନନ ସମୟରେ ଅଚାନକ କୂଅ ଭିତରୁ ରକ୍ତ ବାହାରିଲା। ଏହା ଭିତରକୁ ଲୋକେ ଦେଖିବାରୁ ଭଗବାନ ଗଣେଶଙ୍କ ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଇଲେ। ଏହାପରେ ଲୋକେ ଏହାକୁ ଠାକୁରଙ୍କ ଚମତ୍କାରିତା ବୋଲି ଭାବିଲେ ଏବଂ କୂଅ ଉପରେ ଏହି ଭବ୍ୟ ମନ୍ଦିର ସୃଷ୍ଟି ହେଲା। ତେବେ ମୂର୍ତ୍ତିର ଆକାର ବଢ଼ିବା ଖବର ଯେବେ ପ୍ରସାରିତ ହେଲା, ବୈଜ୍ଞାନିକମାନେ ବି ଏହାର ପରୀକ୍ଷା କରିବାକୁ ପହଞ୍ଚିଲେ। ଗବେଷକ ପଥରକୁ ପରୀକ୍ଷା କରିବା ସତ୍ତ୍ୱେ ବି ସେମାନଙ୍କୁ ଏନେଇ କୌଣସି ଠୋସ୍ ପ୍ରମାଣ ମିଳିପାରିଲା ନାହିଁ। ଦେଶର କୋଣ ଅନୁକୋଣରୁ ଏହି ଚମତ୍କାରିତା ଦେଖିବା ପାଇଁ ଲୋକେ ଏଠାରେ ପହଞ୍ଚିଥାନ୍ତି। ତିରୁପତି ଯିବା ପୂର୍ବରୁ ଭକ୍ତମାନେ ଏହି ବିନାୟକ ମନ୍ଦିର ପରିଦର୍ଶନ କରି ଭଗବାନ ଗଣେଶଙ୍କ ଦର୍ଶନ ଲାଭ କରନ୍ତି। ବିଶ୍ୱାସ ରହିଛି, ଏଠାକୁ ଆସୁଥିବା ଭକ୍ତଙ୍କ ସମସ୍ତ ଦୁଃଖ ଦୂର ହୁଏ। ଏଠାରେ ଗଣେଶ ଚତୁର୍ଥୀରୁ ୨୦ ଦିନ ଧରି ବ୍ରହ୍ମୋତ୍ସବ ପାଳନ କରାଯାଏ। କିମ୍ବଦନ୍ତୀ କୁହେ, ବ୍ରହ୍ମା ଥରେ ପୃଥିବୀକୁ ଆସିଥିଲେ ଏବଂ ସେହିଦିନଠାରୁ ଏହି ମନ୍ଦିରରେ ୨୦ ଦିନିଆ ବ୍ରହ୍ମୋତ୍ସବ ପାଳନ କରାଯାଏ।

## ସୁରକ୍ଷା ଓ ସାହସର ପ୍ରତୀକ 'ବାଡ଼ି-ଚଲା'



ଫିଲ୍ମ ହେଉ କିମ୍ବା ସର୍କସ୍ ଷ୍ଟଣ୍ଟ ଦେଖାଇବା ଉଦ୍ଦେଶ୍ୟରେ ଲୋକେ ଲମ୍ବା ବାଡ଼ିରେ ଚାଲିଥାନ୍ତି। ହେଲେ ଇଥୋପିଆର ଓମୋ ଉପତ୍ୟକାରେ ବାସ କରୁଥିବା ବାନ୍ନା ଜନଜାତିର ଲୋକେ (ବିଶେଷକରି ଯୁବକ ଓ ପିଲାମାନେ) ନିତିଦିନ ବାଡ଼ି ସାହାଯ୍ୟରେ ଚାଲିଥାନ୍ତି। ତେବେ ଲମ୍ବା କାଠ ବା ବାଡ଼ିରେ ସନ୍ତୁଳନ ବଜାୟ ରଖିବା ଆଦୌ ସହଜ ନୁହେଁ। ଏଥିପାଇଁ ଶାରୀରିକ ଶକ୍ତି, ଉତ୍ତମ ସନ୍ତୁଳନ ଏବଂ ନିରନ୍ତର ଅଭ୍ୟାସ ଦରକାର। ଏଥିପାଇଁ ବାନ୍ନା ଜନଜାତିର ପିଲାମାନେ ଅତି ଛୋଟ ବୟସରୁ ତାଲିମ ନେଇଥାନ୍ତି। କିଛି ବର୍ଷର ପରିଶ୍ରମ ପରେ ସେମାନେ ଏହି କଳାରେ ସମ୍ପୂର୍ଣ୍ଣ ପାରଙ୍ଗମ ହୋଇଯାଆନ୍ତି। ବାନ୍ନା ଜନଜାତିର ଲୋକଙ୍କ ପାଇଁ ଏହି ବାଡ଼ି କେବଳ ଏକ ଖେଳ ବା ପରମ୍ପରା ନୁହେଁ, ବରଂ ଜୀବନ ବଞ୍ଚାଇବା ଏବଂ ନିଜର ଜୀବିକା ରକ୍ଷା କରିବାର ଏକ ବଡ଼ ମାଧ୍ୟମ। ଏହି ଜନଜାତିର ଶିଶୁମାନଙ୍କୁ ମାତ୍ର ୩ ରୁ ୫ ବର୍ଷ ବୟସରୁ ବାଡ଼ି ଉପରେ ଶ ର । ର ର ଭାରସାମ୍ୟ ରଖିବା ଶିଖାଯାଏ। ପ୍ରଥମେ ସେମାନେ ଛୋଟ ବାଡ଼ିରୁ ଆରମ୍ଭ କରନ୍ତି ଏବଂ ବୟସ ବଢ଼ିବା ସହିତ ବାଡ଼ିର ଉଚ୍ଚତା ମଧ୍ୟ ବଢ଼ିଥାଏ। ସେମାନେ ଧୀରେଧୀରେ ଏଥିରେ ଏତେ ପାରଙ୍ଗମ ହୋଇଯାନ୍ତି ଯେ, ବାଡ଼ି ସାହାଯ୍ୟରେ ସହଜରେ ଦୌଡ଼ିପାରନ୍ତି, ଡେଇଁପାରନ୍ତି ଏବଂ ଶିକାର ମଧ୍ୟ କରିପାରନ୍ତି। ଏହି ବାଡ଼ିଗୁଡ଼ିକୁ ଶକ୍ତ କାଠରେ ହାତରେ ତିଆରି କରାଯାଏ। ଏହାର ଉଚ୍ଚତା ସାଧାରଣତଃ ୧ ମିଟରରୁ ନେଇ ୩ ମିଟର ପର୍ଯ୍ୟନ୍ତ ହୋଇଥାଏ। ଗଛର ଦୁଇଟି ଡାଳ କାଟି, ସେଥିରେ ପାଦ ରଖିବା ପାଇଁ ଥାକ ତିଆରି କରାଯାଇଥାଏ। ଓମୋ ଉପତ୍ୟକାରେ ବହୁତ ଲମ୍ବା ଏବଂ ଘଞ୍ଚ ଘାସ ଥାଏ। ଭୂମିରେ ଠିଆ ହେଲେ ଦୂର ଜିନିଷ ଦେଖାଯାଏ ନାହିଁ। ୮-୧୦ ଫୁଟ ଉଚ୍ଚ ବାଡ଼ି ଉପରେ ଠିଆ ହେବା ଦ୍ୱାରା ସେମାନଙ୍କୁ ଏକ ପ୍ରାକୃତିକ ୱାଚ୍ ଟାୱାର ମିଳିଯାଏ, ଯେଉଁଠାରୁ ସେମାନେ ମାଇଲ୍ ମାଇଲ୍ ଦୂର ପର୍ଯ୍ୟନ୍ତ ସହଜରେ ନଜର ରଖିପାରନ୍ତି। ଏହାବାଦ୍ ଉଚ୍ଚରେ ରହିବା ଦ୍ୱାରା ବାଘ, ସିଂହମାନଙ୍କର ଗତିବିଧି ଦୂରରୁ ଜଣାପଡ଼ିଯାଏ, ଯାହାଦ୍ୱାରା ନିଜକୁ ଏବଂ ନିଜ ଗୋରୁଗାଈଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସମୟ ସେମାନଙ୍କୁ ମିଳିଯାଏ। ବେଳେବେଳେ ଘଞ୍ଚ ଜଙ୍ଗଲ କିମ୍ବା ଉଚ୍ଚା ଘାସ ଭିତରେ କିଛି ଗାଈ କିମ୍ବା ଛେଳି ଦଳରୁ ଅଲଗା ହୋଇ ହଜିଯାନ୍ତି। ଉଚ୍ଚରେ ଠିଆ ହୋଇ ସେମାନଙ୍କୁ ଖୋଜିବା ଏବଂ ସେମାନଙ୍କ ଉପରେ ନଜର ରଖିବା ବହୁତ ସହଜ ହୋଇଥାଏ। ବାନ୍ନା ସମାଜରେ ଏହି କଳାକୁ ଯୁବାବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବେ ଦେଖାଯାଏ। ଯେଉଁ ଯୁବକମାନେ ଉଚ୍ଚା ବାଡ଼ି ଉପରେ ସବୁଠାରୁ ସୁନ୍ଦର ଭାବେ ଏବଂ ଅଧିକ ସମୟ ନିଜର ଭାରସାମ୍ୟ ରକ୍ଷା କରି ଚାଲିପାରନ୍ତି, ସେମାନଙ୍କୁ ସମାଜରେ ଅଧିକ ସାହସୀ ଓ ଦାୟିତ୍ୱବାନ ମନାଯାଏ।



## 'ଚୌହାନ୍'ରେ ବିକ୍ରାନ୍ତ

ବଲିଉଡ୍ ଅଭିନେତା ବିକ୍ରାନ୍ତ ମେସି ଏବେ ତାଙ୍କର ୱେବ୍ ସିରିଜ୍ 'ମୁସାଫିର କାଫେ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ନିକଟରେ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଛି। ଏହି ରୋମାଣ୍ଟିକ୍ ସିରିଜ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଇତିମଧ୍ୟରେ, ବିକ୍ରାନ୍ତଙ୍କର ଚଳିତ ବର୍ଷର ସବୁଠାରୁ ବଡ଼ ଆକ୍ସନ୍ ଫିଲ୍ମରେ ଏଣ୍ଟ୍ରି ହୋଇଥିବା ନେଇ ଖବର ଆସିଛି। ଅଜୟ ଦେବଗନଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଚୌହାନ'ରେ ବିକ୍ରାନ୍ତଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବିକ୍ରାନ୍ତଙ୍କ ଭୂମିକା ଫିଲ୍ମରେ ଏକ ବଡ଼ ଟ୍ୱିଷ୍ଟ ଆଣିବ ବୋଲି କୁହାଯାଉଛି। ବିକ୍ରାନ୍ତ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ଜଣାପଡ଼ିଛି। ଏଥିରେ ଅଜୟଙ୍କୁ ସେ ମୁକାବିଲା କରୁଥିବାର ଦେଖାଯିବେ। ବିକ୍ରାନ୍ତଙ୍କୁ ଏହାର କାହାଣୀ ଭଲ ଲାଗିବା ସହ ସେ ତୁରନ୍ତ ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିବା ଜଣାପଡ଼ିଛି। 'ଚୌହାନ'ର ସୁଟିଂ ଚଳିତବର୍ଷ ଶେଷ ଆଡ଼କୁ ଆରମ୍ଭ ହେବ। ଏହାକୁ ଆସନ୍ତାବର୍ଷ ଅକ୍ଟୋବରରେ ରିଲିଜ୍ କରାଯିବ। ଏବେ ଏହାର ପ୍ରିପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି। ନୀରବ ଯାଦବ ଏହାର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ଆସନ୍ତା ବର୍ଷ ୧ ଅକ୍ଟୋବରରେ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ 'ଜିୟୋ ଷ୍ଟୁଡିଓ' ଓ 'କଲର୍ ୟେଲୋ ପ୍ରଡକ୍ସନ୍' ରହିଛି।

## ସୁଶ୍ରୀ

## ବର୍ଷାଦିନେ ରେନ୍‌କୋଟ୍ ଷ୍ଟାଇଲିଙ୍ଗ୍ ଟିପ୍ସ



ବର୍ଷାରୁ ସୁରକ୍ଷା ପାଇଁ ମହିଳାମାନେ ଛତା ଏବଂ ରେନ୍‌କୋଟ୍ ବ୍ୟବହାର କରିଥାନ୍ତି। ଅନେକେ ବର୍ଷାରେ ରେନ୍‌କୋଟ୍ ପିନ୍ଧିଲେ ଷ୍ଟାଇଲ୍ ବିଗିଡ଼ିଯାଏ ବୋଲି ଭାବନ୍ତି। ହେଲେ କିଛି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଉପଯୋଗ କରି ଏହାକୁ ପିନ୍ଧିପାରିବେ। ଏହା ବୋରିଙ୍ଗ୍ ରେନ୍‌କୋଟ୍‌କୁ ଆକର୍ଷଣୀୟ କରିଥାଏ।

**ଟ୍ରାନ୍ସପ୍ୟାରେଣ୍ଟ**

ସାଲୱାର୍ ସୁଟ୍ କିମ୍ବା କୁର୍ତ୍ତୀ ଜିନ୍ସ ପିନ୍ଧି ଅଫିସ୍ ଯାଉଥିଲେ ଏହା ସହ ମ୍ୟାଚିଙ୍ଗ୍ କରି ରଙ୍ଗିନ୍ ଟ୍ରାନ୍ସପ୍ୟାରେଣ୍ଟ ରେନ୍‌କୋଟ୍ ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ। ଏହା ଡ୍ରେସ୍‌ର ଷ୍ଟାଇଲ୍‌କୁ ଅଧିକ ହାଇଲାଇଟ୍ କରିଥାଏ। ସେହିପରି ବର୍ଷା କମ୍ ଥିଲେ ଏହି ଚେନ୍ ଖୋଲି ସ୍ରଗ୍ ଭଳି ମଧ୍ୟ ଷ୍ଟାଇଲ କରିପାରିବେ।

**ଓଭର୍‌ସାଇଜ୍ ରେନ୍‌କୋଟ୍**

ଟ୍ରେଣ୍ଡ ଅନୁଯାୟୀ ଅଧିକାଂଶ ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏବେ ଓରସାଇଜ୍ ରେନ୍‌କୋଟ୍ ମଧ୍ୟ ଲୋକପ୍ରିୟ ରହିଛି। ବର୍ଷାଦିନେ କୁଲ୍ ଷ୍ଟ୍ରିଟ୍ ଲୁକ୍ ଚାହୁଁଥିଲେ ଏହା ପିନ୍ଧିପାରିବେ।

## ହଜିଯାଉଥିବା ସ୍ୱାଦ

## ପୋଇ ଚିଙ୍ଗୁଡ଼ି ବରା



**ଆବଶ୍ୟକ ସାମଗ୍ରୀ**

ଚିଙ୍ଗୁଡ଼ି – ୨୫୦ ଗ୍ରାମ୍, ପୋଇପତ୍ର– ଅଳ୍ପ, ବେସନ – ଅଧା କପ୍, କଟା ପିଆଜ – ଅଧା କପ୍, କଞ୍ଚାଲଙ୍କା– ଗୋଟିଏ, ଜିରା - ଅଧା ଚାମଚ, ଅଦା– ଖଣ୍ଡେ, ଧନିଆ ପତ୍ର – ଅଳ୍ପ, ହଳଦୀ ଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲୁଣ- ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ଚିଙ୍ଗୁଡ଼ିକୁ ଧୋଇ ଲୁଣ ହଳଦୀ ଦେଇ ରଖନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦେଇ ଚିଙ୍ଗୁଡ଼ି ପିଆଜ, ଧନିଆ, ଲଙ୍କା ଦେଇ ଭଲରେ ଭାଜି ପ୍ଲେଟ୍‌କୁ କାଢ଼ନ୍ତୁ। ଏହାପରେ ଏକ ପାତ୍ରରେ ବେସନ, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ ଦେଇ ପତଳା ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ପୋଇପତ୍ରକୁ ଧୋଇ ମଝିରେ ଭଜା ଚିଙ୍ଗୁଡ଼ି ଦେଇ ଉପରେ ଆଉ ଏକ ପତ୍ର ରଖି ବେସନରେ ବୁଡ଼ାନ୍ତୁ। ଏହାକୁ ପ୍ୟାନରେ ଅଳ୍ପ ତେଲ ଦେଇ ଗୋଟି ଗୋଟି କରି ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ପୋଇ ଚିଙ୍ଗୁଡ଼ି ବରା'।

## କେଶ ପାଇଁ ଗ୍ରୀନ୍ -ଟି

ସାଧାରଣତଃ ଗ୍ରୀନ୍ ଟି ଓଜନ ହ୍ରାସ କରିବା ସହ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କେବଳ ଶରୀର ନୁହେଁ, ଏହା କେଶ ପାଇଁ ମଧ୍ୟ ଉପକାରୀ ହୋଇଥାଏ। ଏଥିରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ପୋଷକ ତତ୍ତ୍ୱ ଥାଏ। ଯାହା କେଶ ଏବଂ ସ୍କାଲପ ପାଇଁ ଗୁଣକରୀ ହୋଇଥାଏ।

**କେଶ ହେବ ମଜବୁତ୍**

ଧୂଳି, ପ୍ରଦୂଷଣ ଏବଂ ଷ୍ଟାଇଲିଙ୍ଗ୍ ଯୋଗୁ କେଶ ଶୁଷ୍କ ଏବଂ ଦୁର୍ବଳ ହୋଇଯାଏ। ତେଣୁ କେଶ ସଫା କରି ଗ୍ରୀନ୍‌ଟି ଲଗାଇ ଧୋଇଲେ ଏହା ଗୁଣକାରୀ ହୋଇଥାଏ। ଏଥିପାଇଁ ଗୋଧୋଇବା ପୂର୍ବରୁ ଗରମପାଣିରେ ଗ୍ରୀନ୍‌ଟି ଫୁଟାନ୍ତୁ। କେଶକୁ ସାମ୍ପୁକରି ଏହାକୁ ଲଗେଇ ହାଲୁକା ହାତରେ ମସାଜ୍ କରି ଧୋଇ ଦିଅନ୍ତୁ।

**ରୂପି ସମସ୍ୟା ଦୂର**

ଏହା କେଶରେ ଥିବା ଅତିରିକ୍ତ ତେଲ, ଧୂଳି ,ମଳିକୁ ଦୂର କରିବାରେ ସହାୟକ ହୋଇଥାଏ। ସପ୍ତାହରେ ଥରେ ଗ୍ରୀନ୍ ଟି, ମହୁ ଏବଂ ଦହି ହେୟାର୍ ପ୍ୟାକ୍ ଲଗାଇପାରିବେ। ଏଥିପାଇଁ ଦୁଇ ବଡ଼ ଚାମଚ ଦହି, ଏକ ଚାମଚ ମହୁ, ଏବଂ ଏକ ଚାମଚ ଗ୍ରୀନ୍‌ଟି ମିଶାଇ ପେଷ୍ଟ ବନାନ୍ତୁ। ଏହାକୁ ଲଗାଇ ଏକ ଘଣ୍ଟା ରଖି ସଫା କରି ଦିଅନ୍ତୁ।



## ଆତ୍ମନିର୍ଭର କରିଛି ଝୋଟ



ଆତ୍ମନିର୍ଭର ଭାରତ ଅଭିଯାନ ଅନୁଯାୟୀ, ମହିଳାମାନେ ଏବେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ହସ୍ତଶିଳ୍ପ, କୁଟୀର ଶିଳ୍ପ ଭଳି ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ କୋଡରମା ଜିଲ୍ଲାର ମହିଳାମାନେ ଝୋଟ ହସ୍ତଶିଳ୍ପରୁ ଭଳିକି ଭଳି ଘର ସଜା ଉପକରଣ, ବ୍ୟାଗ୍, ଫାଇଲ୍ କଭର୍ ସମେତ ମୋବାଇଲ୍ ଷ୍ଟାଣ୍ଡ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି। ଏହାଦ୍ୱାରା ସେମାନେ ପରିବେଶ ସଚେତନତା ବାର୍ତ୍ତା ଦେଉଛନ୍ତି।

**ଝୋଟ ହସ୍ତଶିଳ୍ପର ବିଶେଷତା-**

ବିଶେଷତା ଅନୁଯାୟୀ ଝୋଟ ପରିବେଶ ଅନୁକୂଳ ହେବା ସହ ଦୀର୍ଘସ୍ଥାୟୀ ହୋଇଥାଏ। ଏହା ପରିବେଶକୁ କୌଣସି କ୍ଷତି ପହଞ୍ଚାଏ ନାହିଁ। ଏଥିରେ ତିଆରି ସାମଗ୍ରୀ ମଜ୍‌ବୁତ ହୋଇଥିବାବେଳେ ଦୀର୍ଘଦିନ ବ୍ୟବହାର ପାଇଁ ସୁବିଧାଯୋଗ୍ୟ ହୋଇଥାଏ। ତେଣୁ ମହିଳାମାନେ ଝୋଟରୁ ଭଳିକି ଭଳି ବ୍ୟାଗ୍, ଘରସଜା ଉପକରଣ, ଡାଏରୀ କଭର୍, ଲାପଟପ୍ ବ୍ୟାଗ୍ ଆଦି ପ୍ରସ୍ତୁତ କରିଥାନ୍ତି। ଏହା ପ୍ଲାଷ୍ଟିକ୍‌ର ଏକ ଭଲ ବିକଳ୍ପ ଭାବେ ଜଣାଯାଏ।

**ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗୁରୁତ୍ୱ -**

ପାଖାପାଖି ୨୦ ଜଣ ମହିଳା ଏକ ଗୋଷ୍ଠୀ ଗଠନ କରି ଏକତ୍ର ହୋଇ ଏହିସବୁ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ମହିଳା ନିର୍ମିତ ଏହି ଜିନିଷକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ସେହିପରି ଏହି କାର୍ଯ୍ୟ କରି ମହିଳାମାନେ ରୋଜଗାରକ୍ଷମ ହେବା ସହ ପରିବାରର ଦାୟିତ୍ୱ ବହନ କରିଛନ୍ତି। ପରିଶ୍ରମ, ନିଷ୍ଠା ବଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇଛନ୍ତି। ଏପରି କରି ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ସଂକଳ୍ପ ବଜାୟ ରଖିଛନ୍ତି।

**ଘରେ ବସି ରୋଜଗାର-**

ଗୋଷ୍ଠୀ ମହିଳାଙ୍କ କହିବାନୁଯାୟୀ ଏହି ବ୍ୟବସାୟ ଦ୍ୱାରା ସେମାନେ ଘରେ ରହି ମଧ୍ୟ ଭଲ ରୋଜଗାର କରୁଛନ୍ତି। ଦିନଯାକର କାମ ସାରିବା ପରେ ଦିନକୁ ଚାରି ପାଞ୍ଚ ଘଣ୍ଟା ମହିଳାମାନେ ଏକତ୍ର ହୋଇଥାନ୍ତି। ମେସିନ ଏବଂ ହାତ ସାହାଯ୍ୟରେ ଜିନିଷମାନ ପ୍ରସ୍ତୁତ କରିଥାନ୍ତି। ଗୋଟିଏ ଫାଇଲ୍ ପ୍ରସ୍ତୁତ କରିବା ପାଇଁ ମହିଳାଙ୍କୁ ଏକ ଘଣ୍ଟା ସମୟ ଲାଗିଥାଏ। ଏଥିପାଇଁ ଭଲ ପାରିଶ୍ରମିକ ମଧ୍ୟ ମିଳିଥାଏ। ତେବେ ଏହି ଝୋଟ ଉତ୍ପାଦ ମହିଳାଙ୍କୁ ଆର୍ଥିକ ସଶକ୍ତ କରିପାରିଛି।

## ଉଜ୍ଜ୍ୱଳ ତ୍ୱଚା ପାଇଁ ଘରୋଇ ଉପଚାର



ମହିଳାମାନେ ଉଜ୍ଜ୍ୱଳ ତ୍ୱଚା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି। ସେହିପରି ତ୍ୱଚାକୁ କୋମଳ ଏବଂ ନରମ ରଖିବାକୁ ଚାହୁଁଥିଲେ, ତ୍ୱଚା ଅନୁସାରେ ଘର ତିଆରି ଫେସ୍‌ପ୍ୟାକ୍ ଲଗାଇପାରିବେ। ଏହାଦ୍ୱାରା ତ୍ୱଚାରେ ଚମକ ଆସିଥାଏ।

**ନିମ୍ବ**

କେଶ ଭଳି ନିମ୍ବ ତ୍ୱଚା ପାଇଁ ମଧ୍ୟ ଗୁଣକରୀ ହୋଇଥାଏ। ଏହା ଦାଗ, ବ୍ରଣ ସମେତ ଓପନ୍ ପୋର୍ସ ସମସ୍ୟା ଦୂର କରିଥାଏ। ତେଣୁ ପୋଡ଼ାଦାଗ, ବ୍ରଣ ଥିଲେ, ନିମ୍ବ ଫେସ୍‌ପ୍ୟାକ୍ ଲଗାଇପାରିବେ। ଏଥିପାଇଁ ଏକ ପାତ୍ରରେ ବଡ଼ଚାମଚ ନିମ୍ବ ପାଉଡର୍, ଏକ ଚାମଚ ମୁଲତାନୀ ମାଟି ଏବଂ ଏକ ଚାମଚ ଦହିରେ ଗୋଲାପ ଜଳ ମିଶାଇ ମିକ୍ସ କରନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। ସମ୍ବେଦନଶୀଳ ତ୍ୱଚା, ବ୍ରଣ ଥିବା ମହିଳାମାନେ ମଧ୍ୟ ଏହା ଲଗାଇପାରିବେ।

**ବେସନ –ହଳଦୀ**

କର୍ମଜୀବୀମହିଳାଙ୍କ ତ୍ୱଚା ଅଧିକ ଶୁଷ୍କ ଏବଂ ଟାନିଙ୍ଗ୍ ପଡ଼ିଯାଏ। ଏଥିପାଇଁ ବେସନ ହଳଦୀ ଖୁବ୍ ଭଲ ହୋଇଥାଏ। ଏକ ଚାମଚ ବେସନ, ଅଧା ଚାମଚ ମହୁରେ ଚୁଟ୍‌କୀ ହଳଦୀ ମିଶାଇ ଲଗାନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ।

**ଏସୀୟ କ୍ରୀଡ଼ା**

# ଭାରତୀୟ ଦଳରେ ଅମିତ୍ ଓ ଶିଳାନନ୍ଦ




ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ାର ହକି ପ୍ରତିଯୋଗିତା ଲାଗି ବୁଧବାର ଭାରତୀୟ ପୁରୁଷ ଦଳ ଘୋଷଣା କରାଯାଇଛି । ଷ୍ଟାର ଡିଫେଣ୍ଡର ତଥା ଡ୍ରାଗ-ଫ୍ଲିକର ହରମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି । ସେହିଭଳି ଘୋଷିତ ୨୦ ଜଣିଆ ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ ଓ ଅଗ୍ରଭାଗ ଖେଳାଳି ଶିଳାନନ୍ଦ ଲାକ୍ରା । ଅମିତ ଓ ଶିଳାନନ୍ଦ ମଧ୍ୟ ନିକଟରେ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ସୁଯୋଗ ପାଇଥିଲେ । ଉଲ୍ଲେଖଯୋଗ୍ୟ, ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ହେବ । ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ପୁରୁଷ ହକି ଦଳ ଏସୀୟ କ୍ରୀଡ଼ାରେ ପୁଲ୍-ଏ'ରେ ସ୍ଥାନ ପାଇଛି । ଏହି ପୁଲ୍‌ରେ ଆୟୋଜକ ଜାପାନ, କୋରିଆ, ବାଂଲାଦେଶ, ଶ୍ରୀଲଙ୍କା ଓ ଇଣ୍ଡୋନେସିଆ ମଧ୍ୟ ରହିଛି । ଭାରତ ସେପ୍ଟେମ୍ବର ୨୦ ତାରିଖରେ ଇଣ୍ଡୋନେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ ।

# ଆର୍‌ସିବିର ବ୍ରାଣ୍ଡ ଭାଲ୍ୟୁ ୩୧୨ ମିଲିୟନ

ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲରେ ସବୁଠାରୁ ମୂଲ୍ୟବାନ ଫ୍ରାଞ୍ଚାଇଜ୍ ହେବାର ରେକର୍ଡ ବଜାୟ ରଖିଛି । ଯାହାର ବ୍ରାଣ୍ଡ ମୂଲ୍ୟ ୩୧୨ ମିଲିୟନ ଡଲାର (୨ ହଜାର ୯୮୭ କୋଟି ୫୭ ଲକ୍ଷ ଟଙ୍କା)ରେ ପହଞ୍ଚିଛି । ୩୦୦ ମିଲିୟନ ଡଲାର ବ୍ରାଣ୍ଡ ଭାଲ୍ୟୁ ହେବାରେ ଆରସିବି ଆଇପିଏଲ୍‌ର ପ୍ରଥମ ଦଳ ହୋଇଛି । ସେହିଭଳି ଏହି ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସ ୨୬୪ ମିଲିୟନ ଡଲାର ସହ ଦ୍ୱିତୀୟ, କୋଲକାତା ନାଇଟ୍ ରାଇଡର୍ସ ୨୪୫ ମିଲିୟନ ଡଲାର ସହ ୩ୟ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ (୨୪୪ ମିଲିଅନ ଡଲାର) ଚତୁର୍ଥ ସ୍ଥାନରେ ରହିଛି । ଅପରପକ୍ଷରେ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ଆଇପିଏଲର ବ୍ୟବସାୟିକ ମୂଲ୍ୟ ୧୧.୪ ପ୍ରତିଶତ ବୃଦ୍ଧି ପାଇଛି । ଯାହା ୨୦.୬ ବିଲିୟନ ଡଲାର (ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କା) ରେ ପହଞ୍ଚିଛି ।

# ଭାରତୀୟ ଉଷୁ ଦଳରେ ଆନିକା



ଭୁବନେଶ୍ୱର, ୨୯ ।୭ (ସମିସ): ଓଡ଼ିଶାର ପ୍ରତିଭାବାନ ଉଷୁ ଖେଳାଳି ଆନିକା ପଟ୍ଟନାୟକ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ଜର୍ଜିଆରେ ଜୁଲାଇ ୩୦ରୁ ଆରମ୍ଭ ହେବାକୁ ଥିବା ଆଗାମୀ ବତୁମି ଓପନରେ ଆନିକା ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବେ । ସେହିଭଳି ଏହି ପ୍ରତିଯୋଗିତା ଲାଗି ଓଡ଼ିଶାର ପ୍ରଦ୍ୟୁମ୍ନ ବେହେରାଙ୍କୁ ଭାରତୀୟ ଉଷୁ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଭାରତର ୨୨ଜଣ ପୁରୁଷ ଓ ୧୯ ଜଣ ମହିଳା ପ୍ରତିଯୋଗୀ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବା ଓ ପ୍ରଶିକ୍ଷଣ ଦେବାର ସୁଯୋଗ ପାଇଥିବାରୁ ଉଭୟ ଆନିକା ଓ ପ୍ରଦ୍ୟୁମ୍ନଙ୍କୁ ରାଜ୍ୟ ଉଷୁ ସଂଘ ପକ୍ଷରୁ ଅଭିନନ୍ଦନ ଓ ଶୁଭକାମନା ଜଣାଯାଇଛି । ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ରାଜ୍ୟ ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ଓ ଉପସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉଭୟଙ୍କ ସଫଳତା କାମନା କରିଛନ୍ତି ।

FOR RENT
Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ଫାଇନାଲରେ ତାଜିନ୍ଦର, ସମରଦୀପ୍; ସେମିରେ ଅନିମେଶ

ଗ୍ଲାସଗୋ, ୨୯ ।୭ (ଏଜେନ୍ସି)


ଅନିମେଶ କୁଜୁର

ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆଥ୍‌ଲେଟିକ୍ସରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି । ଦୁଇଥରର ଏସିଆନ୍ ଚାମ୍ପିଅନ ତାଜିନ୍ଦର ପାଲ୍ ସିଂହ ପୁରୁଷ ସଟ୍ ପୁଟ୍ ଫାଇନାଲରେ ପ୍ରବେଶ କରିଛନ୍ତି । ତାଜିନ୍ଦର ତାଙ୍କ ଦ୍ୱିତୀୟ ପ୍ରୟାସରେ ୨୦ ମିଟର ମାର୍କ ଅତିକ୍ରମ କରିଥିଲେ । ୨୦.୧୪ ମିଟର ସଟ୍ ପୁଟ୍ ଫିଙ୍ଗି ତାଜିନ୍ଦର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଯୋଗ୍ୟତା ପର୍ଯ୍ୟାୟରେ ସେ ନ୍ୟୁଜିଲାଣ୍ଡର ଟମ୍ ୱାଲ୍ସ (୨୧.୦୩ ମିଟର)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ । ସେହିଭଳି ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ସଟ୍ ପୁଟର୍ ସମରଦୀପ୍ ଗିଲ୍ ମଧ୍ୟ ଫାଇନାଲରେ ପହଞ୍ଚିଛନ୍ତି । ସମରଦୀପ୍ ୧୯.୯୫ ମିଟର ଦୂରତା ହାସଲ କରିଥିଲେ । ତେବେ ସେ ୨୦ ମିଟର ମାର୍କ ହାସଲ କରିପାରି ନ ଥିବାରୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ । ଶ୍ରେଷ୍ଠ-୧୨ରେ ରହି ସମରଦୀପ୍ ଫାଇନାଲ ଟିକଟ୍ ଅର୍ଜନ କରିଥିଲେ । ଗୁରୁବାର ରାତିରେ ଫାଇନାଲ ରାଉଣ୍ଡ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।


ତାଜିନ୍ଦର ପାଲ୍ ସିଂହ

ଅପରପକ୍ଷରେ ପୁରୁଷ ୨୦୦ ମିଟର ରେସରେ ତାରକା ଧାବକ ଅନିମେଶ କୁଜୁର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ବୁଧବାର ହିଟ୍-୪ରେ ଦୌଡ଼ିଥିବା ଅନିମେଶ ୨୦.୪୬ ସେକେଣ୍ଡରେ ରେସ୍ ଫିନିଶ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଓଭରଅଲ୍ ଯୋଗ୍ୟତା ପର୍ଯ୍ୟାୟରେ ସେ ୭ମ ସ୍ଥାନରେ ରହି ସେମିଫାଇନାଲରେ ପହଞ୍ଚିଛନ୍ତି । ଚଳିତ ସିଜନରେ ୨୦୦ ମିଟରରେ ଅନିମେଶଙ୍କ ଏହା ଶ୍ରେଷ୍ଠ ଟାଇମିଂ ଥିଲା । ଗୁରୁବାର ସେମିଫାଇନାଲ ଅନୁଷ୍ଠିତ ହେବ । ଅନିମେଶ ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବହୁ ଦୂରରେ ରହିଯାଇଥିଲେ । ଚଳିତ ବର୍ଷ ଫେଡେରେସନ କପ୍‌ରେ ଅନିମେଶ ୨୦.୩୨ ସେକେଣ୍ଡ ସହ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ ।

## ବକ୍ସିଂରେ ୫ ପଦକ ପକ୍କା

ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୭ମ ଦିବସରେ ଭାରତୀୟ ବକ୍ସରମାନେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରି ୫ଟି ପଦକ ପକ୍କା କରିଛନ୍ତି । ପୁରୁଷ ବିଭାଗରେ ସଚିନ ସିୱା, ଅଙ୍କୁଶ ପଙ୍ଘାଲ ଓ ନରେନ୍ଦର ବେରୱାଲ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ ସହ ପୋଡିୟମ ଫିନିଶ କରିବା ନିଶ୍ଚିତ ହୋଇଛି । ସେହିଭଳି ମହିଳା ବିଭାଗରରେ ସାକ୍ଷୀ ଚୌଧୁରୀ ଓ ଅରୁନ୍ଧତୀ ଚୌଧରୀ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ପୁରୁଷ ୬୦ କିଗ୍ରା ବିଭାଗରେ ସଚିନ ୫-୦ରେ ବୋତ୍ସୱାନାର ମୋରେମିଙ୍କୁ, ପୁରୁଷ ୮୦ କିଗ୍ରା ବିଭାଗରେ ଅଙ୍କୁଶ ୫-୦ରେ ଆଫ୍ରିକୀୟ ରାଷ୍ଟ୍ର ସିଚେଲ୍ସର ଜାଡେ ମିକୋକଙ୍କୁ ଏବଂ ନରେନ୍ଦର ୯୦ କିଗ୍ରାରୁ ଉର୍ଦ୍ଧ୍ୱ ବର୍ଗରେ ସମାଓର ମାଇକେଲ ସେକୋଙ୍କୁ କ୍ୱାର୍ଟର ଫାଇନାଲରେ ମାତ୍ ଦେଇଥିଲେ ।

## ଆଜି ଟ୍ରାକକୁ ଓହ୍ଲାଇବେ ନୀରଜ

ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଗୁରୁବାର ଗ୍ଲାସଗୋରେ ଟ୍ରାକ୍‌କୁ ଓହ୍ଲାଇବେ । ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଅପରାହ୍ନ ୨ଟା ୫୫ ମିନିଟରୁ ଆରମ୍ଭ ହେବ । ଏହି ଇଭେଣ୍ଟରେ ନୀରଜଙ୍କ ସହ ଅନ୍ୟ ଦୁଇ ଭାରତୀୟ ରୋହିତ ଯାଦବ ଓ ଯଶବୀର ସିଂହ ମଧ୍ୟ ରହିଛନ୍ତି । ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୀରଜ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ତେବେ ୨୦୨୨ ବର୍ମିଂହାମ ସଂସ୍କରଣରେ ନୀରଜ ଅଂଶଗ୍ରହଣ କରି ନ ଥିଲେ । ନୀରଜଙ୍କ ସହ ପାକିସ୍ତାନର ଅର୍ଶଦ ନଦୀମଙ୍କ ମଧ୍ୟରେ ସ୍ୱର୍ଣ୍ଣ ପାଇଁ ଜୋରଦାର ଲଢ଼େଇ ହେବ । ସେହିଭଳି ରାତି ୧୧ଟା ୩୫ ମିନିଟରେ ଅନିମେଶଙ୍କ ୨୦୦ ମିଟର ସେମିଫାଇନାଲ ଅନୁଷ୍ଠିତ ହେବ ।



## ଗୁଲ୍‌ବୀରଙ୍କୁ ଐତିହାସିକ ରୌପ୍ୟ

ପୁରୁଷ ୧୦୦୦୦ ମିଟର ରେସରେ ଭାରତର ଗୁଲ୍‌ବୀର ସିଂ ଐତିହାସିକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଗୁଲ୍‌ବୀର ଶେଷ ୯୦୦ ମିଟରରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନରେ ଫିନିଶ କରିଥିଲେ । ଏହି ଦୂରତାକୁ ସେ ୨୭ ମିନିଟ ୪୯.୭୮ ସେକେଣ୍ଡରେ ଫିନିଶ କରିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପୁରୁଷ ୧୦୦୦୦ ମିଟର ରେସରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ପୁରୁଷ ଧାବକ ହୋଇଛନ୍ତି । ଏଥିରେ ଅଷ୍ଟ୍ରେଲିଆର କେ ରବିନସନ (୨୭ ମିନିଟ ୪୮.୦୩ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ ।

**ଆଇସିସି ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍**

# ୯୦୦ ରେଟିଂ ପାଇବାରେ ଇଶାନ ୪ର୍ଥ ଭାରତୀୟ



ଦୁବାଇ, ୨୯ ।୭ (ଏଜେନ୍ସି): ଭାରତୀୟ ୱିକେଟ୍‌କିପର ବ୍ୟାଟର ଇଶାନ କିଶାନ ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି । ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଇଶାନ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି । ତେବେ ତାଙ୍କ ରେଟିଂ ପଏଣ୍ଟ ୯୦୦ ଅତିକ୍ରମ କରି ୯୧୦ରେ ପହଞ୍ଚିଛି । ଫଳରେ ଟି-୨୦ରେ ୯୦୦ କିମ୍ବା ଏହାଠାରୁ ଅଧିକ ରେଟିଂ ହାସଲ କରିବାରେ ଇଶାନ ୪ର୍ଥ ଭାରତୀୟ ବ୍ୟାଟର୍ ହୋଇଛନ୍ତି । ତାଙ୍କ ପୂର୍ବରୁ ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ ଓ ଅଭିଷେକ ଶର୍ମା ଏହି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇସାରିଛନ୍ତି । ଇଶାନ ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି । ସେ ମୋଟ୍ ୨୮ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୬.୫୧ ହାରରେ ୯୮୬ ରନ କରିଛନ୍ତି । ଯେଉଁଥିରେ ଦୁଇଟି ଶତକ ଓ ୬ଟି ଅର୍ଦ୍ଧଶତକ ସାମିଲ ରହିଛି ।

## ୨୩୦ଟି ସ୍ଥାନ ଉଠିଲେ ସୂର୍ଯ୍ୟବଂଶୀ

ଅପରପକ୍ଷରେ ଜିମ୍ବାୱେ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ପ୍ରଥମଥର ଲାଗି ବୁଧବାର ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗରେ ସ୍ଥାନ ପାଇଛନ୍ତି । ସେ ଏକାଥରକେ ୨୩୦ଟି ପାହାଚ ଲମ୍ଫ ପ୍ରଦାନ କରି କ୍ୟାରିୟର ଶ୍ରେଷ୍ଠ ୪୮ତମ ସ୍ଥାନ ଲାଭ କରିଛନ୍ତି । ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ଜିମ୍ବାୱେ ବିପକ୍ଷ ସିରିଜରେ ୩ଟି ମ୍ୟାଚ୍‌ରେ ମୋଟ୍ ୧୫୧ ରନ ସଂଗ୍ରହ କରି ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

# ବ୍ରାଜିଲରେ ନେମାର ଯୁଗର ଅନ୍ତ



ସାଓ ପାଓଲୋ, ୨୯ ।୭ (ଏଜେନ୍ସି): ବ୍ରାଜିଲ ଫୁଟବଲରେ ନେମାର ଯୁଗର ଅନ୍ତ ଘଟିଛି । ଦୀର୍ଘ ୧୬ ବର୍ଷ ଧରି ବ୍ରାଜିଲ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିବା ମହାନ ଫୁଟବଲର୍ ନେମାର ତାଙ୍କ ଅବସରକୁ ନିଶ୍ଚିତ କରିଛନ୍ତି । ସଦ୍ୟ ସମାପ୍ତ ଫିଫା ବିଶ୍ୱକପରେ ବ୍ରାଜିଲ ରାଉଣ୍ଡ ଅଫ୍ ୧୬ରେ ୨-୧ ଗୋଲରେ ନରୱେ ନିକଟରୁ ହାରି ବିଦାୟ ନେଇଥିଲା । ଏହାପରେ ନେମାରଙ୍କ ଅବସରକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ।

ଏହାର କିଛିଦିନ ପରେ ବୁଧବାର ୩୪ ବର୍ଷୀୟ ଫରୱାର୍ଡ ନେମାର କହିଥିଲେ ଯେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିଅର ଏବେ ଶେଷ ହୋଇଯାଇଛି । ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ ନେମାର କହିଛନ୍ତି ଯେ ଜାତୀୟ ଦଳ (ବ୍ରାଜିଲ୍) ସହିତ ମୋର ଯାତ୍ରା ଶେଷ ହୋଇଛି । ମୁଁ ବ୍ରାଜିଲ ପାଇଁ ଇତିହାସ ସୃଷ୍ଟି କରିଛି । ମୁଁ ବହୁତ ଖୁସି ଥିଲି ଯେ ଫୁଟବଲ ପାଇଁ ମୋର ସବୁକିଛି ଦେଇଛି । ସବୁବେଳେ ହଳଦିଆ ଜର୍ସି ପାଇଁ ଲଢ଼ିଥିଲି, କିନ୍ତୁ ମୁଁ ଆଉ ଖେଳିବାକୁ ଚାହୁଁନାହିଁ ବୋଲି ନେମାର କହିଛନ୍ତି । ଉଲ୍ଲେଖଯୋଗ୍ୟ, ନେମାରଙ୍କୁ ବ୍ରାଜିଲର ସର୍ବକାଳୀନ ଶ୍ରେଷ୍ଠ ଫୁଟବଲର୍ ଭାବେ ବିବେଚନା କରାଯାଏ । ଅଗଷ୍ଟ ୧୦ ତାରିଖ ୨୦୧୦ ମସିହାରେ ଆମେରିକା ବିପକ୍ଷରେ ଖେଳି ନେମାର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ । ୧୬ ବର୍ଷର କ୍ୟାରିୟରରେ ସେ ବ୍ରାଜିଲ ପାଇଁ ୧୩୦ଟି ମ୍ୟାଚ୍ ଖେଳି ୮୦ଟି ଗୋଲ୍ ଓ ୫୮ଟି ଆସିଷ୍ଟ କରିଛନ୍ତି । ବ୍ରାଜିଲ ପାଇଁ ସେ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର ରହିଛନ୍ତି । ୭୭ ଗୋଲ୍ ସହ କିମ୍ବଦନ୍ତୀ ଖେଳାଳି ପେଲେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ନେମାର ତାଙ୍କ କ୍ୟାରିୟରରେ ୪ଟି ଫିଫା ବିଶ୍ୱକପ୍ ଖେଳିଥିଲେ ମଧ୍ୟ ବ୍ରାଜିଲ ଥରେ ହେଲେ ଫାଇନାଲରେ ଫାଇନାଲରେ ପ୍ରବେଶ କରିପାରି ନ ଥିଲା । ୨୦୧୬ ରିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା । କ୍ଲବ୍‌ସ୍ତରରେ, ନେମାର ବର୍ତ୍ତମାନ ବ୍ରାଜିଲ୍ ସାଣ୍ଟୋସ୍ ପାଇଁ ଖେଳୁଛନ୍ତି । ସେ କ୍ଲବ୍ ପାଇଁ ୩୮ ମ୍ୟାଚ୍‌ରେ ୧୭ ଗୋଲ୍ କରିଛନ୍ତି । ରିପୋର୍ଟ ଅନୁଯାୟୀ, ନେମାର ଏହି କ୍ଲବ୍‌ରୁ ପ୍ରତି ମାସରେ ୭ ଲକ୍ଷ ୫୦ ହଜାର ଡଲାର ପାଆନ୍ତି ।

# ପ୍ରି-କ୍ୱାର୍ଟରରେ ଓଡ଼ିଶାର ତନ୍‌ଭୀ



ଭୁବନେଶ୍ୱର, ୨୯।୭ (ସମିସ): ଟାଇଟଲ ଆଶାୟୀ ତଥା ଟପ୍ ସିଡ୍ ଓଡ଼ିଶାର ତନ୍‌ଭୀ ପତ୍ରୀ ଏଠାରେ ଚାଲିଥିବା ଜାତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ତାଙ୍କ ସହ ମିଶ୍ରିତ ଯୁଗଳ ଯୋଡି ଦିବ୍ୟମ କେଜରିୱାଲ ଓ ସ୍ୱିଟିପ୍ରିୟା ପ୍ରଧାନ ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । କିନ୍ତୁ ବାଳକ ଏକକରେ ଭାଗନେଇଥିବା ଦିବ୍ୟମ କେଜରିୱାଲ ପ୍ରଥମ ରାଉଣ୍ଡ ଜିତିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି । ବାଳକ ବିଭାଗ ଏକକର ଟପ୍ ସିଡ୍ ମେନ୍ ତ୍ର ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏଥିରେ ଉଭୟ ବାଳକ ଓ ବାଳିକା ଏକକରେ ୩୨ଜଣ ଲେଖାଏଁ, ଯୁଗଳରେ ୧୬ଟି ଲେଖାଏଁ ଯୋଡି ଓ ମିଶ୍ରିତ ଯୁଗଳରେ ୧୬ ଯୋଡା ଖେଳାଳି ଅଂଶଗ୍ରହଣ କରୁଛନ୍ତି ।

NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ରାଜ୍ୟ ବରିଷ୍ଠ ଚେସ୍ ଜିତିଲେ ଫକିର



ଭୁବନେଶ୍ୱର,୨୯।୭ (ସମିସ): ରାୟଗଡ଼ା ତଥା କିସ୍‌ର ଛାତ୍ର ଫକିର ମାଝୀ ଏଠାରେ ଚାଲିଥିବା ୬୬ତମ ରାଜ୍ୟ ବରିଷ୍ଠ ଫିଡ଼େ ରେଟିଂ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଅଲଓଡ଼ିଶା ରାଜ୍ୟ ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି । ୯ ରାଉଣ୍ଡ ବିଶିଷ୍ଟ ଏହି ଚାମ୍ପିଅନସିପ୍‌ରେ ଫକିର ଏକାକୀ ସର୍ବାଧିକ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ । ତାଙ୍କ ପଛକୁ ୩ଜଣ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନେ ହେଲେ ବାଲେଶ୍ୱରର ସିଦ୍ଧେଶ କାମିଲା, ପୁରୀର ଆୟୁଷ୍ମାନ ମହାନ୍ତି ଓ ଖୋର୍ଦ୍ଧାର ସ୍ୱପ୍ନିଲ ପ୍ରିୟଦର୍ଶୀ ଯଥାକ୍ରମେ ଦ୍ୱିତୀୟରୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ୪ଜଣ ଖେଳାଳି ଜାତୀୟ ବରିଷ୍ଠ ଚେସ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ । ଖେଳ ଶେଷରେ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଇଣ୍ଡିଆନ୍ ଚାମ୍ବର ଅଫ କମର୍ସର ସଭାପତି ରାଜୀବଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିଅନ ଫକିରଙ୍କୁ ଟ୍ରଫି ସହ ୨୦,୦୦୦ ଟଙ୍କା, ରନର୍ସ ଅପ୍ ସିଦ୍ଧେଶଙ୍କୁ ଟ୍ରଫି ସହ ୧୫,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS